R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୬୬
ତିଥି : ଅଷ୍ଟମୀ
୦୩ ଜୁଲାଇ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 266
03 July 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ବିଏମସି ଅଫିସରଙ୍କୁ ଆକ୍ରମଣ ମାମଲା

# ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା

ଭୁବନେଶ୍ୱର, ୨।୭ (ସବ୍ୟୁ): ବିଏମସି ଅଫିସରଙ୍କୁ ଆକ୍ରମଣ ଘଟଣାରେ ରାଜ୍ୟରେ ଦିନତମାମ ପ୍ରଶାସନିକ ଅଚଳାବସ୍ଥା ଜାରି ରହିଛି । ସଚିବାଳୟ ଠାରୁ ଆରମ୍ଭ କରି ତହସିଲ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ସମସ୍ତ ଜିଲ୍ଲାରେ ଓଏଏସ ଅଫିସରମାନେ କାର୍ଯ୍ୟାଳୟ ନଆସି ସମୂହ ଛୁଟିରେ ଚାଲିଯାଇଛନ୍ତି । ସେପଟେ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି ଓଆରଏସ୍ ସଂଘ । ଫଳରେ ସରକାରୀ କାର୍ଯ୍ୟରେ ବହୁ ଗୁରୁତର ପ୍ରଭାବ ପଡ଼ିଛି ।

ଏହି ଘଟଣାକୁ ୩ ଦିନ ବିତିଥିବାବେଳେ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟାଳୟ ଖୋଲାଥିବା ବେଳେ ଅଧିକାରୀମାନେ ନାହାନ୍ତି । ତିନିଦିନ ଧରି ଭୁବନେଶ୍ୱର ମହାନଗର ନିଗମ(ବିଏମସି) କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀମାନେ କଳା ବ୍ୟାଚ ପିନ୍ଧିବା ସହିତ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି । ବିଏମସି କାର୍ଯ୍ୟାଳୟରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂହ ପହଞ୍ଚି ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ବିଏମସି କମିଶନର ରାଜେ ପ୍ରଭାକର ପାଟିଲଙ୍କ ସହ ଆଲୋଚନା କରିଥିଲେ । ଆକ୍ରମଣର ଶିକାର ଅତିରିକ୍ତ କମିଶନର୍ ରନିକର ସାହୁ ଉପସ୍ଥିତ ଥିବା ବେଳେ ଘଟଣା ବାବଦରେ ପୋଲିସ କମିଶନରଙ୍କ ପଚରାଉଚରା କରିଥିଲେ ।

ବିଏମସିର ଅତିରିକ୍ତ କମିଶନର ଶ୍ରୀ ସାହୁ ଆଜି ଅପରାହ୍ନରେ ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ । ଛାତିରେ ଯନ୍ତ୍ରଣା ଓ ତଳି ପେଟରେ ବହୁ ଆଘାତ ଲାଗିଥିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା । ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବିଏମ୍‌ସି ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ଆମ୍ବୁଲାନ୍ସରେ ନିଆଯାଇ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି (୯ ପୃଷ୍ଠାରେ)

## ତିନି ଦାବିରେ ଅଟଳ ଓଏଏସ୍ ସଂଘ

> ମୁଖ୍ୟମନ୍ତ୍ରୀ ନେଲେ ମନ୍ତ୍ରିସ୍ତରୀୟ ବୈଠକ
> ମୁଖ୍ୟ ସଚିବଙ୍କୁ ଭେଟିଲା ସଂଘ

ଭୁବନେଶ୍ୱର, ୨।୭ (ସବ୍ୟୁ): ବିଏମସି ଅତିରିକ୍ତ କମିଶନର ରନିକର ସାହୁଙ୍କୁ ମାଡ଼ ଘଟଣାର ପ୍ରତିବାଦରେ ରାଜ୍ୟବ୍ୟାପୀ ଓଏଏସ୍ ଅଧିକାରୀଙ୍କ ଆନ୍ଦୋଳନ ଜାରି ରହିଛି । ଓଏଏସ୍ ଅଫିସରଙ୍କ ସମୂହ ଛୁଟି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରିସ୍ତରୀୟ ବୈଠକ ଡାକିଥିଲେ । ସେପଟେ ମୁଖ୍ୟ ଶାସନ ସଚିବଙ୍କୁ ଓଏଏସ୍ ସଂଘ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିନି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ ।

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀମାନଙ୍କୁ ନେଇ ବୈଠକ ବିସଥିଲା । ଏହି ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭୂତି ଜେନା ଓ ରବି ନାଏକ ପ୍ରମୁଖ (୯ ପୃଷ୍ଠାରେ)

◊ ତହସିଲ, ସବ୍‌ରେଜିଷ୍ଟ୍ରାର, ସଚିବାଳୟ ସୁଦ୍ଧା କାର୍ଯ୍ୟ ଠପ୍
◊ ବିଏମସି ଅଫିସରେ ପୋଲିସ କମିଶନରଙ୍କ ପଚରାଉଚରା
◊ ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁ ହସ୍ପିଟାଲରେ ଭର୍ତ୍ତି

### ଦଳୀୟ କାର୍ଯ୍ୟାଳୟରେ ଜଗନ୍ନାଥ ପ୍ରଧାନ

# 'ଆଲୋଚନା କଲି, ଘରକୁ ଯାଉଛି'



ଭୁବନେଶ୍ୱର, ୨।୭ (ସବ୍ୟୁ) : ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ଭିତରେ ଘୋଷାଡି ଘୋଷାଡି ମାଡ ମାରିବା ଘଟଣାର ଅଡୁଆ ସୂତା ଏବେବି ଛିଡୁନି । ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ବୋଲି ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଦାୟୀ କରାଯାଉଛି । ଓଏଏସ୍ ସଂଘ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଅଟଳ ଥିବାବେଳେ ଆଜି ସନ୍ଧ୍ୟାରେ ଏକ ହଲଚଲ୍ ସୃଷ୍ଟି ହୋଇଥିଲା । ହଠାତ୍ ଜଗନ୍ନାଥ ପ୍ରଧାନ ବିଜେପି କାର୍ଯ୍ୟାଳୟକୁ ଆସିଥିଲେ । ତେବେ ଜଗନ୍ନାଥ ଆସିବା ପରେ କ'ଣ ଗୋଟେ ଘଟିବ ବୋଲି ଆଶା କରାଯାଉଥିଲା । ମାତ୍ର ସେଭଳି କିଛି ହେଲାନାହିଁ । କାର୍ଯ୍ୟାଳୟରୁ ବାହାରିବା ପରେ ଜଗନ୍ନାଥ କହିଛନ୍ତି ଯେ ସଭାପତି ଡାକିଥିଲେ, ଆସିଥିଲି, ଆଲୋଚନା କଲି, ଏବେ ମୁଁ ଘରକୁ ଯାଉଛି । ତେବେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଆଲୋଚନା କ'ଣ ହେଲା ସେ ସମ୍ପର୍କରେ କିଛି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି ।

ଓଏଏସ୍ ସଂଘର ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏହି ଘଟଣାକ୍ରମରେ ହଠାତ୍ ସୋସିଆଲ ମିଡିଆରେ ଜଗନ୍ନାଥ ପ୍ରଧାନଙ୍କର ଏକ ଟ୍ୱିଟ୍ ଆସିଥିଲା । ଏଥିରେ ସେ ଉଲ୍ଲେଖ କରିଥିଲେ ଯେ ବିରୋଧୀ ଦଳ ବିଏମସି ଘଟଣାକୁ ନେଇ ଦୁଇଦିନ ହେବ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି । ଆଗରୁ କହିଛି, ଏବେ ବି କହୁଛି ଏ ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ । ଏହାକୁ କଡା ଶବ୍ଦରେ ନିନ୍ଦା କରୁଛି । ପ୍ରଶାସନିକ ଅଚଳାବସ୍ଥା ଆଡକୁ ଗତି କରୁଥିବାରୁ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି । ଏ ସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଓ ଆମ ସରକାରଙ୍କ ହିତ ପାଇଁ ଆଇନକୁ ସମ୍ମାନ ଦେଉଛି । ଆଇନ୍ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି । ସୋସିଆଲ ମିଡିଆରେ ଏହି ଟ୍ୱିଟ ପରେ ଶ୍ରୀ ପ୍ରଧାନ ଦଳୀୟ କାର୍ଯ୍ୟାଳୟକୁ ଆସିଥିଲେ । ହଠାତ୍ ଖାରବେଳନଗର ଥାନାରେ ପୋଲିସ ବ୍ୟବସ୍ଥାକୁ (୯ ପୃଷ୍ଠାରେ)

# ବାହୁଡା ପ୍ରସ୍ତୁତି : ତିନି ରଥର ଦକ୍ଷିଣ ମୋଡ଼



ପୁରୀ, ୨।୭(ସବ୍ୟୁ): ବିଗ୍ରହ ମାନଙ୍କର ନବଦିନାତ୍ମକ ବାହୁଡା ଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଛି। ବିଧି ଅନୁଯାୟୀ ଆଷାଢ଼ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥି ଅବସରରେ ଆଜି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ ତିନି ରଥ ଦକ୍ଷିଣ ମୋଡ଼ ନୀତି ଅନୁଷ୍ଠିତ ହୋଇଛି। ଆଡ଼ପ ମଣ୍ଡପରେ ବିରାଜମାନ ବିଗ୍ରହମାନଙ୍କର ଦୈନନ୍ଦିନ ନୀତି କାନ୍ତି ମଙ୍ଗଳ ଆଳତି ଅବକାଶ ତଡ଼ପ ଲାଗି ଆଦି ଅନୁଷ୍ଠିତ ହୋଇ ଥିଲା। ସକାଳ ଧୂପ ପରେ ତିନି ରଥ ଦକ୍ଷିଣ ମୋଡ଼ ନୀତି ଅନୁଷ୍ଠିତ ହୋଇଥିଲା। ଆଡ଼ପ ମଣ୍ଡପ ଯଜ୍ଞ ବେଦୀରେ ଅଧିଷ୍ଠିତ ବିଗ୍ରହମାନଙ୍କର ତିନି ରଥ ଦକ୍ଷିଣ ମୋଡ଼ ପାଇଁ ଆଜ୍ଞାମାଳ ବିଜେ ହୋଇ ଥିଲା। ଅପରାହ୍ନ ୨ ଟାରେ ଗୁଣ୍ଡିଚା ମନ୍ଦିରରୁ ରଥ ନିକଟକୁ ଆଜ୍ଞା ମାଳ ବିଜେ ହୋଇ ଥିଲା। ତିନି ରଥରେ ମହାପ୍ରଭୁଙ୍କ ଆଜ୍ଞାମାଳ ସମର୍ପଣ କରା ଯାଇ ପୂଜାର୍ଚ୍ଚନା କରା ଯାଇ ଥିଲା। ପରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇଥିଲା। ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରରେ (୯ ପୃଷ୍ଠାରେ)

### ତେଲେଙ୍ଗାନା ଫାର୍ମା କମ୍ପାନୀ ବିସ୍ଫୋରଣ

# ଚାରି ଓଡ଼ିଆ ମୃତ, ୪ ଆହତ, ୫ ନିଖୋଜ



ଭୁବନେଶ୍ୱର, ୨।୭ (ସବ୍ୟୁ) : ବିଗତ ଜୁଲାଇ ୧ ତାରିଖରେ ତେଲେଙ୍ଗାନା ରାଜ୍ୟର ସଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଏଯାବତ୍ ଓଡ଼ିଶାର ୪ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବାବେଳେ ୫ଜଣ ବ୍ୟକ୍ତି ନିଖୋଜ ରହିଥିବାର ସୂଚନା ମିଳିଛି। ଏଥିସହ ୪ଜଣ ଓଡ଼ିଆ ବ୍ୟକ୍ତି ଆହତ ହୋଇ ନିକଟତମ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ଏହି ସମସ୍ତ ଓଡ଼ିଆ ବ୍ୟକ୍ତି ସିଗାଚୀ ଫାର୍ମା କମ୍ପାନୀର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ୨ଜଣ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି।

୨ଜଣ ଅଧିକାରୀ - ଡ଼. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଛନ୍ତି। ଏଥିସହିତ ଅଧିକାରୀମାନେ ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି । ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଉଛି ।

**ଦୁଇ ଅଧିକାରୀଙ୍କୁ ପଠାଇଲେ ରାଜ୍ୟ ସରକାର**
**ହସ୍ପିଟାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି**

ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ (୯ପୃଷ୍ଠାରେ)

## ୫ ଲକ୍ଷ ଚିଟଫଣ୍ଡ ଜମାକାରୀଙ୍କୁ ମିଳିବ କ୍ଷତିପୂରଣ ରାଶି

ଭୁବନେଶ୍ୱର, ୨।୭ (ସବ୍ୟୁ) : ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲ୍ଲା ସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି ।

ଏତଦ୍‌ଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି । ଆସନ୍ତା ୩-୪ ମାସ ମଧ୍ୟରେ, ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।

ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା, ଦୀର୍ଘ ୧୦ (୯ ପୃଷ୍ଠାରେ)

## ରେଳଧାରଣା ଉପରେ ଧସିଲା ମାଟି: ୨ ଟ୍ରେନ୍ ବାତିଲ

କୋରାପୁଟ, ୨।୭ (ସବ୍ୟୁ): କୋରାପୁଟ ଜିଲ୍ଲାର ଉପର ମୁଣ୍ଡରେ ପ୍ରବଳ ବର୍ଷାର ପ୍ରଭାବରେ ରେଳଧାରଣା ଉପରେ ମାଟି ଧସିଛି । ଟ୍ରେନ ଆସିବାର କିଛି ସମୟ ପୂର୍ବରୁ ପାହାଡ଼ ଧସି ରେଳଲାଇନ୍ ଅବରୋଧ ହୋଇଛି । ରେଳଧାରଣା ଉପରେ ମାଟି ଧସିବା କାରଣରୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି । କୋରାପୁଟ-ଜୟପୁର ରେଳପଥର ଜରଟି ନିକଟରେ ବୁଧବାର ଏହି ଘଟଣା ଘଟିଛି । ରେଳବାଇ ପକ୍ଷରୁ କୁହାଯାଇଛି ଏହି ଅପ୍ରୀତିକର ଘଟଣା ଯୋଗୁଁ ୨ଟି ଟ୍ରେନ୍ ବାତିଲ କରାଯାଇଛି । ଜଗଦଲପୁରରୁ ଆସୁଥିବା ରାଉରକେଲା ଏକ୍ସପ୍ରେସ୍ ଓ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ କୋରାପୁଟ ପହଞ୍ଚିବାରେ ବିଳମ୍ବ ହେଉଛି । ସେହିପରି ବିଶାଖାପାଟଣା-କିରଣ୍ଡୁଲ ଟ୍ରେନ୍ ପ୍ରଭାବିତ ହୋଇଛି । ଜରଟି-ମାଲିଗୁଡ଼ା ମଧ୍ୟରେ ୨୦୮ କିମି ଠାରେ ଭୂସ୍ଖଳନ ହୋଇଛି । ଅପରାହ୍ନ ପ୍ରାୟ ୩ଟା ସମୟରେ କେକେ ଲାଇନର କୋରାପୁଟ ଓ ଜୟପୁର ମଧ୍ୟରେ ଥିବା ଜରଟି ରେଳ ଷ୍ଟେସନ ନିକଟରେ ଘଟଣା ଘଟିଛି । ଜଗଦଲପୁରରୁ ଆସୁଥିବା ରାଉରକେଲା ଏକ୍ସପ୍ରେସ୍ ଓ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ କୋରାପୁଟ ପହଞ୍ଚିବାରେ ବିଳମ୍ବ ହେଉଛି । ସେହିପରି ବିଶାଖାପାଟଣା-କିରଣ୍ଡୁଲ ଟ୍ରେନ୍ ପ୍ରଭାବିତ ହୋଇଛି । ଜରଟି-ମାଲିଗୁଡ଼ା ମଧ୍ୟରେ ୨୦୮ କିମି ଠାରେ ଭୂସ୍ଖଳନ ହୋଇଛି । ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ (୯ ପୃଷ୍ଠାରେ)

## ଦଳାଚକଟା ଘଟଣାରେ ୪ ଜଣିଆ କମିଟି

ଭୁବନେଶ୍ୱର, ୨।୭ (ସବ୍ୟୁ) : ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଗଠିତ କମିଟିରେ ଆଉ ୪ ଓଏସ୍ ଅଧିକାରୀଙ୍କୁ ସାମିଲ କରାଯାଇଛି । ଉନ୍ନୟନ କମିଶନର ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ଘଟଣାର ତଦନ୍ତ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ । ଅନୁଗର୍ଗଙ୍କୁ ସହଯୋଗ କରିବା ପାଇଁ ବରିଷ୍ଠ ଓଏସ୍ ଅଫିସର ତଥା ଇଷ୍ଟେଟ୍‌ର ନିର୍ଦ୍ଦେଶ ମାନସରଞ୍ଜନ ସାମଲ, ଗୃହ ଓ ନଗର ଉନ୍ନୟନର ଅତିରିକ୍ତ ସଚିବ ବିନୟ କୁମାର ଦାସ, ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ରଶ୍ମିରଞ୍ଜନ ନାୟକ, ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁଙ୍କୁ ଅନୁଗର୍ଗଙ୍କୁ ସହଯୋଗ କରିବାକୁ କମିଟିରେ ସାମିଲ କରାଯାଇଛି । ସେମାନେ ତଦନ୍ତରେ ସହଯୋଗ କରି ଦିନକୁ ପ୍ରାୟ ୨ ଘଣ୍ଟା ଯଥା ଅପରାହ୍ନ ୩ଟାରୁ (୯ ପୃଷ୍ଠାରେ)

# ଆକସ୍ମିକ ମୃତ୍ୟୁର କାରଣ କୋଭିଡ ଟୀକା ନୁହେଁ




ନୂଆଦିଲ୍ଲୀ : କୋଭିଡ୍ ଟିକା ସହ ଯୁବ, ବୃଦ୍ଧଙ୍କର ଆକସ୍ମିକ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ତେବେ ଏଥିଲାଗି ଜୀବନଶୈଳୀ ଓ ପାରିପାର୍ଶିକ ସ୍ଥିତି ମୁଖ୍ୟ ଆଧାର ବୋଲି ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିବା ସହ ଦିନକ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା କୋଭିଡ୍ ଟିକା ସହ ହୃଦଘାତକୁ ଯୋଡି ଯେଉଁ ବୟାନ ଦେଇଥିଲେ ତାହା ଆପାତତ୍ ଖଣ୍ଡନ ହୋଇଛି ।

ବସି ବସି ହୃଦ୍‌ଘାତରେ ଲୋକ ଶିକାର ହେବା ଓ ହଠାତ୍ ହୃଦ୍‌ଘାତକ ଆସିବାର କୋଭିଡ୍ ଟିକାର ଏକ କାରଣ ବୋଲି ଧାରଣା ସୃଷ୍ଟି ହୋଇଥିଲା । ଆଇସିଏମ୍‌ଆର ଓ ଏମ୍ସ୍ ପକ୍ଷରୁ ଏନେଇ ଅନୁଧ୍ୟାନ କରାଯାଇଛି । ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୭ ହସ୍ପିଟାଲରେ ଏହି ଅଧ୍ୟୟନ ହୋଇଥିଲା । ଏହି ରିପୋର୍ଟରେ ଏଭଳି ଅଭିଯୋଗକୁ ଖଣ୍ଡନ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ହୃଦ୍‌ଘାତ ବା ହୃଦୟ ସମ୍ବନ୍ଧିତ ରୋଗ ସହ କୋଭିଡ୍ ଟିକାର କୌଣସି ସଂଯୋଗ ନାହିଁ । ଯେତେବେଳେ ୪୦ ବର୍ଷରୁ କମ୍ ଓ ରାଜକୁମାର(୪୬) , ଚଳଚ୍ଚିତ୍ର ନିର୍ମାତା ରାଜ କୌଶଲ,(୫୦) ଓ କମେଡିଆନ୍ ରାଜୁ ଶ୍ରୀବାସ୍ତବ (୫୮) ହଠାତ୍ ମୃତ୍ୟୁ ହେଲା ସେତେବେଳେ ଏହି ଚିନ୍ତା ଅଧିକ ହୋଇଥିଲା । ଆଇସିଏମ୍‌ଆର୍ ଓ

### ଏମ୍ସ, ଆଇସିଏମ୍‌ଆରର ରିପୋର୍ଟ
### ହୃଦ୍‌ଘାତର କାରଣ ଅଧିକାଂଶ ବଂଶଗତ

ବୟସ୍କମାନଙ୍କର ଅକସ୍ମାତ୍ ମୃତ୍ୟୁ ହେଲା ସେ ସମୟରେ ଏହାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା । ଗତ କିଛି ବର୍ଷ ମଧ୍ୟରେ ପ୍ରମୁଖ ସେଲିବ୍ରିଟି ସିଦ୍ଧାର୍ଥ ଶୁକ୍ଳା(୪୦), ଗାଏକ କେ.କେ(୫୩), ଅଭିନେତା ପୁନିତ ଏନ୍‌ସିଡିସି ପକ୍ଷରୁ ଏହି ଆକସ୍ମିକ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ କରାଯାଇଛି । ବିଶେଷ କରି ୧୮ରୁ ୪୫ ବର୍ଷ ମଧ୍ୟରେ ବୟସ୍କ ମାନଙ୍କର ମୃତ୍ୟୁ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା । (୯ ପୃଷ୍ଠାରେ)

### ସାଳନ୍ଦୀ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା

# ଗାଁ ଦାଣ୍ଡରେ ବନ୍ୟାଜଳ, ଲୋକେ ଜଳବନ୍ଦୀ

ଭଦ୍ରକ, ୨।୭ (ସବ୍ୟୁ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଖୋଲିଲା ହଦଗଡ଼ ଡ୍ୟାମର ୪ଟି ଗେଟ । ସାଳନ୍ଦୀ ନଦୀରେ ଆସିଲା ଚଳିତ ବର୍ଷର ପ୍ରଥମ ବନ୍ୟା । ଭଦ୍ରକ ବ୍ଲକର ବେନ୍ତାଳ ଖଣ୍ଡତଡା,ଅର୍ଣ୍ଣପାଳ ଏବଂ ବିଷ୍ଣୁପୁର ପଞ୍ଚାୟତରେ ଚାଷ ଜମି ସହିତ ଗାଁରେ ପଶିଲା ବନ୍ୟା ପାଣି । ବିଶେଷ କରି ବେନ୍ତାଳ ପଞ୍ଚାୟତର ୫ନମ୍ବର ଏବଂ ୬ନମ୍ବର ୱାର୍ଡରେ ଥିବା ଲୋକଙ୍କ ଘର ଭିତରେ ବନ୍ୟାପାଣି ପ୍ରବେଶ କରିଛି । ଫଳରେ ମଙ୍ଗଳବାର ରାତି ଠାରୁ ଲୋକମାନେ ବନ୍ୟାଘେରରେ ରହିଛନ୍ତି । ଗାଁ ଦାଣ୍ଡରେ ବନ୍ୟା ପାଣି ସୁଅ ଛୁଟିଛି । ଲୋକମାନେ ଏକ ପ୍ରକାର ଜଳବନ୍ଦୀ ହୋଇ ପଡିଛନ୍ତି । ସେହିପରି ଚାଷ ଜମିରେ ବନ୍ୟାପାଣି ମାଡି ଯିବା ଯୋଗୁଁ ଧାନ ତଳି ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି । ତେବେ ଆଡିବନ୍ଧ ଦୁର୍ବଳ ସାଙ୍ଗକୁ ଉଚତା ବୃଦ୍ଧି ନହେବା ଯୋଗୁଁ ବନ୍ୟାପାଣି ସେମାନଙ୍କ ଘରେ ପ୍ରବେଶ କଲା ବୋଲି ବିପନ୍ନ ଲୋକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଖବରପାଇ ଜଳ ସେଚନ ବିଭାଗର ସହକାରୀ ଯନ୍ତ୍ରୀ ଓ ତାଙ୍କ ଟିମ ପହଂଚିବା ପରେ ଉତ୍ୟକ୍ତ ଲୋକମାନେ ତାଙ୍କ ସହିତ ପାଟି ତୁଣ୍ଡ କରିଥିଲେ । ଏପରିକି ସେମାନଙ୍କ ଦାୟିତ୍ୱ ହୀନତା ପାଇଁ ସେମାନେ ବନ୍ୟାଘେରରେ ଥିବା ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ସାଳନ୍ଦୀ ନଦୀର ରାଜଘାଟ ଠାରେ ବିପଦ ସଂକେତ ୧୭ମିଟର ଥିଲାବେଳେ ବର୍ତ୍ତମାନ ୧୫.୩୦ଉପରେ ଜଳସ୍ତର ରହିଛି ବୋଲି ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କହିବା ସହିତ ସ୍ଥିତି ଦେଖିଲା ପରେ ୨ଗୋଟି ଗେଟ ବନ୍ଦ ପାଇଁ ହଦଗଡ଼ ଡ୍ୟାମ କତ ରୁପକ୍ଷଙ୍କୁ କୁହାଯାଇଛି । ତେବେ ବର୍ତ୍ତମାନ ପ୍ରାୟ ୪ହଜାର କ୍ୟୁସେକ ପାଣି ଆସୁଛି । ତେଣୁ ବନ୍ୟା ପରିସ୍ଥିତି ତଳିଆ ଅଂଚଳରେ ସୃଷ୍ଟି କରିଛି ବୋଲି ସେମାନେ କହିବା ସହିତ ଆଜି ରାତି ସୁଦ୍ଧା ପାଣି କମିବ ବୋଲି କହିଛନ୍ତି । ହଦଗଡ଼ ଡ୍ୟାମର ୪ଗୋଟି ଗେଟ ଖୋଲା ଯିବା ପରେ ସାଳନ୍ଦୀ ନଦୀର ବନ୍ୟା ପରିସ୍ଥିତି ସୃଷ୍ଟି (୯ ପୃଷ୍ଠାରେ)



## ଇତିହାସ

୧୭୬୦– ମରାଠା ସେନା ଦିଲ୍ଲୀକୁ ନିଜ ଅଧୀନରେ ରଖିଲେ ।

୧୮୮୬– ନ୍ୟୁୟର୍କ ଟ୍ରିବ୍ୟୁନ୍ ପ୍ରଥମ ପ୍ରିଣ୍ଟିଂ ମେସିନ୍‌ର ବ୍ୟବହାର କଲା ।

୧୯୦୮– ବାଲ ଗଙ୍ଗାଧର ତିଲକଙ୍କୁ ଦେଶଦ୍ରୋହୀ ଅଭିଯୋଗରେ ଇଂରେଜ ସରକାର ଗିରଫ କଲା ।

୧୯୨୮– ଲଣ୍ଡନରେ ପ୍ରଥମ ରଙ୍ଗୀନ ଟିଭି କାର୍ଯ୍ୟକ୍ରମର ପ୍ରସାରଣ କରାଗଲା ।

୧୯୭୨– ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ପାକିସ୍ତାନ ମଧ୍ୟରେ କାଶ୍ମୀର ସମ୍ବନ୍ଧିତ ବୁଝାମଣା ।

୧୯୯୦– ମକ୍କାରୁ ମୀନା ଯାଉଥିବା ସୁଡଙ୍ଗରେ ୧୪୨୬ ହଜ୍ ଯାତ୍ରୀଙ୍କ ମୃତ୍ୟୁ ।

୧୯୯୯– ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମନୋଜ କୁମାର ପାଣ୍ଡେଙ୍କ ପରଲୋକ ।

୨୦୦୫– ମହେଶ ଭୂପତି ଏବଂ ମେରୀ ପିଅର୍ସ ୱିମ୍ବଲଡନ୍ ଟେନିସ୍‌ର ଟାଇଟେଲ୍ ଜିତିଲେ ।

୨୦୦୮– ବିଶ୍ୱସ୍ତରରେ ପ୍ରଥମକରି ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ପାଳନ କରାଗଲା ।

# ରହସ୍ୟମୟ ଶ୍ରୀଜଗନ୍ନାଥ–୨

**୬. ଗଣତନ୍ତ୍ର ଓ ସମାନତାର ସୂତ୍ରଧର–** ପ୍ରଭୁ ଶ୍ରୀଜଗନ୍ନାଥ ଘୋଷଯାତ୍ରାରେ ସ୍ୱୟଂ ଗଜପତି ମହାରାଜା ଛେରାପହଁରା କରନ୍ତି । ଜଜପତି ମହାରାଜା ଏଠାରେ ପ୍ରଭୁଙ୍କ ଦାସ ସାଜନ୍ତି । ରାଜା, ପ୍ରଜା ଓ ଭଗବାନଙ୍କ ସମନ୍ୱୟ ତଥା ଏକତାର ପ୍ରତୀକ ସ୍ୱୟଂ ଜଗନ୍ନାଥ । ଏହି ବୈଶିଷ୍ଟ୍ୟ ଅନ୍ୟ କୌଣସି ଧର୍ମପୀଠରେ ଦେଖାଯାଏ ନାହିଁ । ଜଗନ୍ନାଥ ହିଁ ପ୍ରଥମ ଗଣଦେବତା, ଯେଉଁ ପୀଠରେ ରହିଛି ଗଣତନ୍ତ୍ରର ମୂଳତତ୍ତ୍ୱ । ଗଣତନ୍ତ୍ରର ମୂଳମନ୍ତ୍ର ହେଲା ସମାନତା ବା ସମସ୍ତଙ୍କର ସମାନ ଅଧିକାର । ଏହି ତତ୍ତ୍ୱକୁ ପ୍ରଭୁ ଜଗନ୍ନାଥ ପ୍ରତିପାଦନ କରନ୍ତି । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଜଗନ୍ନାଥ ମହାପ୍ରଭୁ ସମସ୍ତଙ୍କର । ଘୋଷଯାତ୍ରା ସମୟରେ ଦେବତା, ରାଜା ଓ ପ୍ରଜାମାନଙ୍କର ଯେଉଁ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ, ତାହା ହିଁ ଏହି ପୀଠର ଗାଣତାନ୍ତ୍ରିକ ବୈଶିଷ୍ଟ୍ୟକୁ ସୂଚାଇଥାଏ ।

**୭. ବିରଳ ଦର୍ଶନ–** ପ୍ରାୟତଃ ଅଧିକାଂଶ ଧର୍ମପୀଠରେ ଠାକୁରଙ୍କୁ ବର୍ଷସାରା ଦର୍ଶନ କରିହୁଏ, କିନ୍ତୁ ଜଗନ୍ନାଥ ଧାମର ଠାକୁର ପ୍ରତ୍ୟେକ ବର୍ଷ ଘୋଷଯାତ୍ରାର ପନ୍ଦରଦିନ ପୂର୍ବରୁ ଅଣସର ଯାଆନ୍ତି । ଲୋକବିଶ୍ୱାସ ଅନୁଯାୟୀ ଏହି ସମୟରେ ଠାକୁର ଜ୍ୱରରେ ପଡ଼ନ୍ତି । ଦଇତାପତି (ବ୍ରାହ୍ମଣ ବିଦ୍ୟାପତି ଓ ବିଶ୍ୱାବସୁ ଶବର କନ୍ୟା ଲଳିତାଙ୍କ ଔରଷରୁ ଜାତ)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବର୍ଷତମାମ ଠାକୁରଙ୍କ ଦର୍ଶନ କରିପାରନ୍ତି ନାହିଁ ।

**୮. ବ୍ରହ୍ମର ନିଦର୍ଶନ–** ସାରା ବିଶ୍ୱ 'ଶ୍ରୀଜଗନ୍ନାଥ' ହିଁ ଏକମାତ୍ର ଲିଙ୍ଗବିହୀନ ଠାକୁର । ଜଗନ୍ନାଥ, ପୁରୁଷବାଚକ ଶବ୍ଦ ହେଲେ ମଧ୍ୟ ପ୍ରକୃତରେ ସେ କୌଣସି ନିର୍ଦ୍ଦିଷ୍ଟ ଲିଙ୍ଗର ସୂଚକ ନୁହଁନ୍ତି, ତେଣୁ ସେ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ, ପରମାତ୍ମା, ବ୍ରହ୍ମମୟ ବା ଜଗତମୟ । ଶ୍ରୀଜଗନ୍ନାଥଙ୍କୁ ବୈଷ୍ଣବମାନେ ପୁରୁଷୋତ୍ତମ ବିଷ୍ଣୁ ଭାବରେ, ଶୈବମାନେ ପ୍ରକୃତିମୟ ଶିବ ରୂପରେ, ଶାକ୍ତମାନେ ସ୍ତ୍ରୀ ଶକ୍ତିର ଉତ୍ସ ଆଦ୍ୟାଶକ୍ତି ମାତା ଦକ୍ଷିଣକାଳୀ ରୂପରେ, ଜ୍ୟୋତିଷାଚାର୍ଯ୍ୟମାନେ ଘନନୀଳ ବର୍ଣ୍ଣ ଶନିମହାଗ୍ରହ ରୂପରେ ବର୍ଣ୍ଣନା କରିଛନ୍ତି । ଲିଙ୍ଗ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଜାତି ବା ପ୍ରଜାତିର ସୂଚକ ହେଲାବେଳେ ସାର୍ବଜନୀନ ଭାବେ ଶ୍ରୀଜଗନ୍ନାଥ ସମସ୍ତଙ୍କ ପ୍ରିୟ ଓ ଗ୍ରହଣୀୟ । ସବୁଧର୍ମର ଆରାଧ୍ୟ ଦେବତା କୌଣସି ଏକ ନିର୍ଦ୍ଦିଷ୍ଟ ଲିଙ୍ଗ ଭିତରେ ଆବଦ୍ଧ ରହିଥିଲାବେଳେ ଶ୍ରୀଜଗନ୍ନାଥ ହିଁ ଏକମାତ୍ର ଦେବତା, ଯିଏ ଏସବୁର ଊର୍ଦ୍ଧ୍ୱରେ ରହି ସମ୍ପୂର୍ଣ୍ଣ ଜଗତକୁ ପ୍ରତିପାଳନ କରୁଛନ୍ତି । ସେ ପୁରୁଷମାନଙ୍କ ମଧ୍ୟରେ ପୁରୁଷଶ୍ରେଷ୍ଠ ବା ପୁରୁଷୋତ୍ତମ, ସ୍ତ୍ରୀମାନଙ୍କ ମଧ୍ୟରେ ଆଦ୍ୟାଶକ୍ତିର ମୂଳ ଉତ୍ସ ଭାବରେ ବନ୍ଦନୀୟ ଓ ଗ୍ରହଣୀୟ ।



**୯. ଐଶ୍ୱର୍ଯ୍ୟମୟ ସଂସ୍କୃତି–** ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର 'ଶ୍ରୀକ୍ଷେତ୍ର' ନାମରେ ନାମିତ । 'ଶ୍ରୀ' ଅର୍ଥାତ୍ ଦେବୀ ଲକ୍ଷ୍ମୀ । 'ଶ୍ରୀ' ହିଁ ସେହି କ୍ଷେତ୍ରର ଅଧିଷ୍ଠାତ୍ରୀ । ସେହି କ୍ଷେତ୍ରକୁ କେବେ ହେଲେ 'ଶ୍ରୀ' ଛାଡ଼ି ଯାଆନ୍ତି ନାହିଁ । ତେଣୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର 'ଶ୍ରୀମନ୍ଦିର' ଭାବେ ପରିଚିତ । ସାଧାରଣତଃ ଅନ୍ୟାନ୍ୟ ଦେବଦେବୀଙ୍କ ଆସ୍ଥାନସ୍ଥଳୀକୁ ମନ୍ଦିର କୁହାଯାଉଥିବାବେଳେ ଜଗନ୍ନାଥଙ୍କ ମନ୍ଦିର 'ଶ୍ରୀମନ୍ଦିର' ନାମରେ ପରିଚିତ । ଜଗନ୍ନାଥ ଧାମର ସେହି ଐଶ୍ୱର୍ଯ୍ୟମୟ ସଂସ୍କୃତି ବିଭିନ୍ନ ଧର୍ମାବଲମ୍ବୀଙ୍କୁ ଆକର୍ଷିତ କରେ ।

**୧୦. ମହାପ୍ରସାଦ–** ସବୁ ଧର୍ମକ୍ଷେତ୍ରରେ ଠାକୁରଙ୍କୁ ଅର୍ପିତ ନୈବେଦ୍ୟ 'ପ୍ରସାଦ' ଭାବରେ ପରିଚିତ ହେଲାବେଳେ, ଶ୍ରୀଜଗନ୍ନାଥଙ୍କ ପ୍ରସାଦ 'ମହାପ୍ରସାଦ' ଭାବେ ଖ୍ୟାତ । ତାହା ମଧ୍ୟ ସେହି କ୍ଷେତ୍ରର ଅନ୍ୟତମ ବୈଶିଷ୍ଟ୍ୟ । ସେହି କ୍ଷେତ୍ରରେ ଷାଠିଏ ପଉଟି ଅନ୍ନ ସହ ଚଉଷଠି ପ୍ରକାର ବ୍ୟଞ୍ଜନ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ଠାରେ ଲାଗିହୁଏ । ସେହି ବ୍ୟଞ୍ଜନ ଆଡ଼ପ ମଣ୍ଡପ ଓ ଭୋଗମଣ୍ଡପରେ ପ୍ରଭୁଙ୍କୁ ଅର୍ପଣ ହେଲାପରେ ଯାଇ ମହାପ୍ରସାଦରେ ପରିଣତ ହୁଏ । ସେହି କ୍ଷେତ୍ରର ବିଶେଷତ୍ୱ ହେଲା ଯେଉଁ ଅନ୍ନପ୍ରସାଦ ଠାକୁରଙ୍କ ପାଇଁ ପ୍ରସ୍ତୁତ ହୁଏ, ସେ ସବୁ ଜଗନ୍ନାଥଙ୍କ ଭୋଗମଣ୍ଡପକୁ ବୁହା ହୋଇ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଏ । ଅନ୍ୟ କ୍ଷେତ୍ରରେ ଏହା ବ୍ୟତିକ୍ରମ ଦେଖାଯାଏ । ଠାକୁରଙ୍କ ପାଇଁ ପ୍ରସ୍ତୁତ ଭୋଗର କିଛିମାତ୍ର ଅମଣିଆ ଭୋଗ ଠାକୁରଙ୍କ ନିକଟକୁ ଯାଏ ଏବଂ ସେହି ଭୋଗର କିଛି ଅଂଶ ପ୍ରସ୍ତୁତ ଅମଣିଆ ଭୋଗରେ ମିଶାଇ ପ୍ରସାଦ ହୁଏ ।

**(ଡକ୍ଟର ପ୍ରଦୀପ କୁମାର ଚୌଧୁରୀ)**

# ଶୃଙ୍ଖଳା ନଡିଆକୁ ନାହିଁ ଟ୍ରେନ୍ ଯାତ୍ରାର ଅନୁମତି



ଭାରତୀୟଙ୍କ ଜୀବନରେ ଟ୍ରେନ୍‌ର ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ପ୍ରତିଦିନ ଦୂର ହେଉ କି ପାଖ ଅନେକ ଲୋକ ଯିବା ଆସିବା କରିଥାଆନ୍ତି । ପ୍ରତିଦିନ କିଏ ଚାକିରି ପାଇଁ ହେଉ କି ବ୍ୟବସାୟ ପାଇଁ ହେଉ ଟ୍ରେନ୍ ଯୋଗେ ବିଭିନ୍ନସ୍ଥାନକୁ ଯିବା ଆସିବା କରିଥାଆନ୍ତି । ତେବେ ଟ୍ରେନ୍‌ରେ ଅନେକ ସାମଗ୍ରୀ ନନେବା ପାଇଁ ନିୟମ ରହିଛି, ଯେପରି ଗ୍ୟାସ୍ ସିଲିଣ୍ଡର, ନିଆଁ ଲାଗୁଥିବା କେମିକାଲ, ବିସ୍ଫୋରକ ସାମଗ୍ରୀ ଆଦି ନେଇ ପାରିବନି । ତେବେ ଏଭଳି ଏକ ଫଳ ରହିଛି ଯାହାକୁ ଆମେ ଟ୍ରେନ୍‌ରେ ନେଇ ପାରିବା ନାହିଁ, ଏହି ଫଳଟିକୁ ଆମେ ଦୈନନ୍ଦିନ ଜୀବନରେ ଖୁବ ବ୍ୟବହାର କରିଥାଉ । ଟ୍ରେନ୍‌ରେ ଯାତ୍ରୀମାନେ ଶୁଖିଲା ନଡିଆ ନନେବାର ନିୟମ ରହିଛି । ନଡିଆର କତାରେ ଖୁବ ଶୀଘ୍ର ନିଆଁ ଲାଗୁଥିବାରୁ ଏହାକୁ ଟ୍ରେନ୍‌ରେ ନେବା ପାଇଁ ମନା କରାଯାଇଛି । ଯଦି କୌଣସି ବ୍ୟକ୍ତି ନଡିଆ ନେବାବେଳେ ଧରା ପଡନ୍ତି ତେବେ ତାଙ୍କୁ ଦଣ୍ଡ ମିଳିପାରେ ବୋଲି ସୂଚନା ରହିଛି । ସେହିଭଳି କିଛି ପଶୁ ମଧ୍ୟ ରହିଛନ୍ତି ଯାହାଙ୍କୁ ଟ୍ରେନ୍‌ରେ ନେବାପାଇଁ ସ୍ୱତନ୍ତ୍ର ଅନୁମତିର ଆବଶ୍ୟକ ପଡିଥାଏ ।

## ସୋସିଆଲ କୋଟ୍ସ



"ଦିଶା ଭକାନୀ ଜଣେ ଖୁବ ଭଲ ଲୋକ । ମୋ ସହିତ ତାଙ୍କର ସମ୍ପର୍କ ଖୁବ ଭଲ । ସେ ମୋତେ ଖୁବ ଭଲ ପାଆନ୍ତି । ତାଙ୍କ ପାଖରୁ ମୁଁ ଅନେକ କିଛି ଶିଖିଛି ।

**ନିଧି ଭାନୁଶାଲୀ, ଅଭିନେତ୍ରୀ**



"ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ନକରାତ୍ମକତା ଦେଖିବାକୁ ମିଳୁଛି । ସମସ୍ତେ ଖାଲି ମିଛ ଖବରକୁ ପ୍ରଚାର ପ୍ରସାର କରିବାରେ ଲାଗିଛନ୍ତି ।

**ଅସିତ୍ ମୋଦି, ଶୋମେକର**




"ଆମ ଶେର କାହାଣୀ ଭଲଥିଲା, ହେଲେ ଦର୍ଶକ ଏହାକୁ ଧୀରେ ଧୀରେ ପସନ୍ଦ କରିବା ଛାଡିଥିଲେ । ଯାହାର ପ୍ରଭାବ ଏହାର ଟିଆର୍‌ପି ଉପରେ ପଡିଥିଲା, ଯାହା ଖସିବାରେ ଲାଗିଥିଲା ।

**ପ୍ରଣମ ସିଂ, ଅଭିନେତା**

# ପାଣିରେ ମିଳାଇବ ମେମୋରି ଚିପ୍

ବୈଜ୍ଞାନିକମାନେ ବିଭିନ୍ନ ସମୟରେ ନୂଆନୂଆ ଉଦ୍ଭାବନ କରୁଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିକ୍ରମରେ ସାଉଥ୍ କୋରିଆ ବୈଜ୍ଞାନିକମାନେ ଏକ ମେମୋରି ଡିଭାଇସର ଉଦ୍ଭାବନ କରିଛନ୍ତି ଯାହା ପାଣିରେ ଖୁବ ସହଜରେ ମିଳାଇଯିବ । ବର୍ତ୍ତମାନ ଯୁଗରେ ଇ-ୱେଷ୍ଟ ବା ଟେକ୍ନିକାଲ ଆବର୍ଜନା ସମସ୍ତଙ୍କର ଚିନ୍ତାର କାରଣ ସାଜିଛି । ଏହାକୁ ସମାଧାନ କରିବାକୁ ସମସ୍ତେ ଚେଷ୍ଟା କରୁଛନ୍ତି । ଏହାର ସମାଧାନ ଭାବେ ଏହି ମେମୋରି ଡିଭାଇସ୍‌କୁ ଉଦ୍ଭାବନ କରାଯାଇଛି । ଏହା ଖୁବ ସହଜରେ ଡାଟା ସଂରକ୍ଷିତ କରି ରଖିବା ସହିତ ପରିବେଶ ପାଇଁ କୌଣସି କ୍ଷତିକାରକ ହେବ ନାହିଁ । ଏହା ପ୍ରଥମ ଏଭଳି ମେମୋରି ଚିପ୍ ହେବ ଯାହା ନିଜକୁ ନିଜେ ନଷ୍ଟ କରିପାରିବ । ଏହାର ପରିବେଶ ଉପରେ କୌଣସି ନକରାତ୍ମକ ପ୍ରଭାବ ନାହିଁ । ଏହାଯେ କେବଳ ପରିବେଶ ଉପଯୋଗୀ ତାହା ନୁହେଁ ଏଥିରେ ପାଖାପାଖି ୧୦ ହଜାରରୁ ଅଧିକ ସେକେଣ୍ଡର ଡାଟା ଷ୍ଟୋର କରି ରଖିହେବ । ଏହାକୁ ନେଇ ଅଧିକ ଗବେଷଣା ଜାରି ରହିଛି, ଖୁବ ଶୀଘ୍ର ଏହାର ଆହୁରି ଫିଚର ସାମନାକୁ ଅଣାଯିବ ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି । ସେହିଭଳି ଏହା ମଣିଷ ସମାଜ ପାଇଁ କୌଣସି କ୍ଷତିକାରକ ନୁହେଁ ବୋଲି ବୈଜ୍ଞାନିକ ମତ ରଖିଛନ୍ତି ।




# ପ୍ରେମ ସମ୍ପର୍କରେ ମୋହର



ଖୁବଶୀଘ୍ର ତ୍ରିପ୍ତି ଡିମ୍ରିଙ୍କର ଫିଲ୍ମ ଧଡକ ୨ ପରଦାକୁ ଆସିବ । ଏହା ଆଗରୁ ତ୍ରିପ୍ତି ନିଜର ସମୟ ଗୋଆରେ କାଟୁଛନ୍ତି । ତେବେ ଏଠିକାର କିଛି ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନିଜେ ତ୍ରିପ୍ତି ପୋଷ୍ଟ କରିଛନ୍ତି । ତେବେ ଏଥିରେ କିଛି ଟୁଇଷ୍ଟ ଦେଖିବାକୁ ମିଳିଛି । ତ୍ରିପ୍ତିଙ୍କର କିଛି ପୋଷ୍ଟକୁ ରିସେୟାର କରିଛନ୍ତି ତାଙ୍କ ଗୁଜବ ପୁରୁଷବନ୍ଧୁ ସାମ୍ ମର୍ଚାଣ୍ଟ । ସାମ୍ ଏହାକୁ ରିସେୟାର ମାରିବା ପରେ ସମସ୍ତେ ଉଭୟଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ କରିଛନ୍ତି । ଉଭୟ ନିଜର ପ୍ରେମ ସମ୍ପର୍କ ଉପରେ ମୋହର ମାରିଥିବାନେଇ ଫ୍ୟାନ୍‌ମାନେ ଆଲୋଚନା କରୁଛନ୍ତି । ପୂର୍ବରୁ ମଧ୍ୟ ଅନେକ ଇଭେଣ୍ଟରେ ଉଭୟଙ୍କୁ ଏକାଠି ସେଲିବ୍ରେଟ କରୁଥିବାର ଦେଖିବାକୁ ମିଳିଛି । ତ୍ରିପ୍ତି ଫିଲ୍ମ ଆନିମଲ ପାଇଁ ଘରେଘରେ ପରିଚିତ ହୋଇ ପାରିଥିଲେ । ତାଙ୍କର ଆହୁରି ଅନେକ ପ୍ରୋଜେକ୍ଟ ମଧ୍ୟ ରହିଛି ଯେଉଁଥିରେ ସେ ନିଜର ନିଖୁଣ ଅଭିନୟର ପରିଚୟ ପ୍ରଦାନ କରିଛନ୍ତି ।

# ଟମାଟୋ ଚାଟ୍

**ସାମଗ୍ରୀ–** କଟା ଟମାଟୋ ଏକ କପ, ଘିଅ, ପିଆଜ କଟା, କଞ୍ଚା ଲଙ୍କା, ସିଝା ଆଳୁ, ଧନିଆ ପତ୍ର, ଜିରା ଗୁଣ୍ଡ, ଲେମ୍ବୁ ରସ, କଳା ଲୁଣ, କିସ୍‌ମିସ୍, ଚିନି, ଚାଟ ମସଲା, ଶୁଖିଲା ଲଙ୍କା, ପୋଦିନା ଚଟଣି, ପନିର ।

**ପ୍ରଣାଳୀ–** ପ୍ରଥମେ ପ୍ୟାନ୍‌ରେ ଘିଅ ଗରମ କରନ୍ତୁ । ଏହାପରେ ଏଥିରେ କଞ୍ଚାଲଙ୍କା ଓ ଅଦା ପକାଇ ଭାଜନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଟମାଟୋ ଓ ଲୁଣ ପକାଇ ଭାଜନ୍ତୁ । ଏହାପରେ ସିଝା ଆଳୁକୁ ଚକଟି ଦିଅନ୍ତୁ । ଏହା ଅଳ୍ପ ସମୟ ସିଝିବା ପରେ ଏଥିରେ ପାଣି ଦେଇ ଫୁଟାନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ପାଣି ଫୁଟିବା ପରେ ଏଥିରେ ଚିନି ପକାଇ ମିଳାଇବା ଯାଏଁ ଫୁଟାନ୍ତୁ । ଫୁଟିବା ପରେ ଏଥିରେ ଅନ୍ୟ ସମସ୍ତ ସାମଗ୍ରୀକୁ ପକାଇ ଗୋଳାନ୍ତୁ । ଏହାପରେ ଗୋଟିଏ ପ୍ଲେଟରେ ଟମାଟୋ ମିଶ୍ରଣକୁ ରଖନ୍ତୁ ଏହା ଉପରେ ଚିନିର ପ୍ରସ୍ତୁତ ସିରା ପକାନ୍ତୁ । ଶେଷରେ ଏଥିରେ ଭଜା କାଜୁ, ଛଣା ସେଉ, ଧନିଆ ପତ୍ର ଦେଇ ପ୍ରସ୍ତୁତ କରନ୍ତୁ ଟମାଟୋ ଚାଟ୍ ।



# ରୋବଟ ରୋକିବ ସାଇନସ୍ ସମସ୍ୟା

ସାଇନସ ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହା ରୋଗୀଙ୍କୁ ଚିଡଚିଡା କରିଦେଇଥାଏ । ଏହି ରୋଗଟି କମିବା ପାଇଁ ଖୁବ ଅଧିକ ସମୟନେଇଥାଏ । ସେହିଭଳି ଅନେକ ଏଭଳି ରୋଗୀ ମଧ୍ୟ ଥାଆନ୍ତି ଯେଉଁମାନେ ନାକରେ ହେଉଥିବା ଏହି ସମସ୍ୟାକୁ ରୋକିବା ପାଇଁ ଅନେକ ଔଷଧ ଖାଇଥାଆନ୍ତି । ଏହାର ଲକ୍ଷଣ ଭାବେ ନାକରୁ ପାଣି ବାହାରିବା, ନାକ ଓ ମୁହଁରେ ଯନ୍ତ୍ରଣା ଆଦି ଦେଖିବାକୁ ମିଳିଥାଏ । ତେବେ ଏହି ସଂକ୍ରମଣକୁ ରୋକିବା ପାଇଁ ଚୀନର ବୈଜ୍ଞାନିକମାନେ ରୋବଟର ସାହାଯ୍ୟ ନେଇଛନ୍ତି । ସେମାନେ ଏଭଳି ଏକ ରୋବଟର ଉଦ୍ଭାବନ କରିଛନ୍ତି, ଯାହାକୁ ନାକରେ ଛଡା ଯିବ । ଏହାର ଆକାର ଏକ ଧୂଳିକଣା ଭଳି ହୋଇଥାଏ, ଯାହାକି ସହଜରେ ନାକରେ ପ୍ରବେଶ କରିପାରିବ । ଏହା ଏକ ମାଇକ୍ରୋ ରୋବଟ, ଯାହାକୁ ସହଜରେ ନାକରେ ସ୍ଥାନିତ କରାଯାଇପାରିବ ଯାହାପରେ ସେ ତାର କାର୍ଯ୍ୟ କରିବ । ଏହାକୁ ଏକ ଅପ୍ଟିକାଲ ଫାଇବର ସହାୟତାରେ ଆକ୍ଟିଭେଟ କରାଯାଇ ପାରିବ । ଏହି ରୋବଟ ଆମ ନାକଭିତରେ ସାଇନସ୍ ସଂକ୍ରମଣ କରାଉଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିବ, ଯାହାଫଳରେ ସଂକ୍ରମଣ କମିବ । ଏହାକୁ ନେଇ ବର୍ତ୍ତମାନ ଅଧିକ ଗବେଷଣା ଜାରି ରହିଛି । ଏହାର ଆହୁରି କ୍ଲିନିକାଲ ଟ୍ରାଏଲ ପରେ ଏହାକୁ ବଜାରକୁ ଛଡାଯିବବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକ ମତ ଦେଇଛନ୍ତି ।



## ସରକାରୀ ଦପ୍ତରରେ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ

# ଆସୁନାହାନ୍ତି ଅଧିକାରୀ, ଫାଙ୍କା ପଡ଼ିଛି କାର୍ଯ୍ୟାଳୟ

କଟକ,(ସବ୍ୟୁ):କିଏ ଜାତିଗତ ପ୍ରମାଣପତ୍ର ପାଇଁ ଆସୁଛି ତ ଆଉ କିଏ ଲାଇସେନ୍ସ ପାଇଁ ଆସୁଛି କିନ୍ତୁ ସେମାନଙ୍କ କାର୍ଯ୍ୟ ହୋଇପାରୁନଥିବାରୁ ନିରାଶ ହେବାକୁ ପଡୁଛି । ଗତଦୁଇ ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ତହସିଲ ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏଭଳି ସ୍ଥିତି ଲାଗି ରହିଛି । ସରକାରୀ କାର୍ଯ୍ୟାଳୟକୁ ପ୍ରଶାସନିକ ଅଧିକାରୀମାନେ ଆସୁନାହାନ୍ତି । ସାମୂହିକ ଛୁଟିରେ ଥିବାରୁ ସରକାରୀ କାର୍ଯ୍ୟ ପ୍ରଭାବିତ ହୋଇଛି । ସବୁଠି ଅଧିକାରୀଙ୍କ ଚୌକି ଫାଙ୍କା ପଡ଼ିଥିବାବେଳେ କୌଣସି ଫାଇଲ୍ ଅନୁମୋଦନ ହୋଇପାରୁନାହିଁ । ସାଧାରଣ ଲୋକଙ୍କୁ ସରକାରୀ ସେବା ଠିକ୍ ମିଳିପାରୁ ନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ବର୍ଷା ଦିନ ଥିବାରୁ ଜରୁରୀକାଳୀନ କାର୍ଯ୍ୟ ବନ୍ଦ ନ ରଖିବାକୁ ଜିଲାପାଳ ସବୁ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜନ ସାଧାରଣ ଏଥିଯୋଗୁଁ କୌଣସି ଅସୁବିଧାର ସମ୍ମୁଖୀନ ହେବନାହିଁ ବୋଲି ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ ଆୟୁକ୍ତଙ୍କୁ ମାଡ଼ ଘଟଣାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଓଏଏସ

### ଜରୁରୀକାଳୀନ କାର୍ଯ୍ୟ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ସଂଘର ପ୍ରତିବାଦ ଜାରି ରହିଛି । ଅର୍ନିଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି । ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ଏହାର ପ୍ରଭାବ କଟକ ଜିଲାରେ ମଧ ଦେଖିବାକୁ ମିଳିଛି । ଜିଲାରେ ୧୧୫ ପ୍ରଶାସନିକ ଅଧିକାରୀ ସାମୂହିକ ଛୁଟିରେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ୬୮ ଜଣ ଥିବାବେଳେ ଓଡ଼ିଶା ରାଜସ୍ୱ ସେବା (ଓଆରଏସ)ରେ ୪୭ ଅଧିକାରୀ କାର୍ଯ୍ୟାଳୟକୁ ଆସୁନାହାନ୍ତି । ଜିଲାର ସବୁ ତହସିଲ କାର୍ଯ୍ୟାଳୟ, ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଏନଏସି, ପୌରପାଳିକା କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ଠିକ୍ରେ ହୋଇପାରୁନାହିଁ । କଟକ ସହରରେ ଜିଲାପାଳଙ୍କ କାର୍ଯ୍ୟାଳୟ, ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ, କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ), କଟକ ମହାନଗର ନିଗମ (ସିଏମସି) ସମେତ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଅଧିକାରୀ କାର୍ଯ୍ୟାଳୟକୁ ଆସୁନଥିବାବେଳେ କୌଣସି ଜରୁରୀ ବୈଠକ ସମ୍ଭବ ହୋଇପାରୁନାହିଁ କି ଜରୁରୀ ଫାଇଲ ଅନୁମୋଦନ କରାଯାଇପାରୁନାହିଁ । ଏବେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଜାରି ରହିଛି । ଛାତ୍ରଛାତ୍ରୀମାନେ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଏବଂ ରେସିଡେଣ୍ଟ ସାର୍ଟିଫିକେଟ ପାଇଁ ଆବେଦନ କରିଛନ୍ତି । ଏହି ପ୍ରମାଣପତ୍ରକୁ ଅନୁମୋଦନ ପାଇଁ ତହସିଲଦାରଙ୍କ ଅନୁମୋଦନ ବା ସ୍ୱାକ୍ଷର ବାଧ୍ୟତାମୂଳକ ହେଲେ ସେମାନେ କାର୍ଯ୍ୟାଳୟକୁ ଆସୁନଥିବାରୁ ଛାତ୍ରଛାତ୍ରୀଙ୍କୁ ଉକ୍ତ ପ୍ରମାଣପତ୍ର ମିଳିପାରୁନାହିଁ । ଜମିଜମା ସଂକ୍ରାନ୍ତୀୟ ଆଦି କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି । ଏବେ ଲଗାଣ ବର୍ଷା ଜାରି ରହିଛି । ଏପରି ସମୟରେ ଜରୁରୀକାଳୀନ ସେବା ବନ୍ଦ ଥିବାବେଳେ ଜିଲା ଜରୁରୀକାଳୀନ ଅଧିକାରୀ ମଧ ଛୁଟିରେ । ତେଣୁ କିଭଳି ଉକ୍ତ କାର୍ଯ୍ୟ ହେବ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ମଡର୍ଣ୍ଣ ଏବିସି

# ଏଚ୍ଏସ୍ସି ଟପ୍ଟେନ୍ ଆସାଇନ୍ମେଣ୍ଟସ ଉନ୍ମୋଚିତ

କଟକ,(ସବ୍ୟୁ): ସ୍ଥାନୀୟ ଲିଙ୍କ ରୋଡସ୍ଥିତ ଏମବିଡ଼ି ଗ୍ରୁପ କାର୍ଯ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା-୨୦୨୬ ପାଇଁ ମଡର୍ଣ୍ଣସ ଏବିସି ଏଚଏସସି ଟପ୍ଟେନ୍ ଆସାଇନ୍ମେଣ୍ଟସ ଉନ୍ମୋଚିତ ହୋଇଯାଇଛି । ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତିର ଓଡ଼ିଶାର ସଭାପତି କିଶୋର ଚନ୍ଦ୍ର ମିଶ୍ର ଏହାକୁ ଉନ୍ମୋଚନ କରି ପରୀକ୍ଷା ପ୍ରସ୍ତୁତି ନିମନ୍ତେ ଏହା ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି କହିଥିଲେ । ଏହି ଟେଷ୍ଟପେପର୍ସର ବିଶେଷ ଆକର୍ଷଣ ହେଉଛି ୨୦୨୫ ଦଶମ ବାର୍ଷିକ ପରୀକ୍ଷାରେ ପ୍ରତ୍ୟେକ ଜିଲାରୁ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କର ସ୍ୱହସ୍ତ ଲିଖିତ ଉତ୍ତରଖାତାକୁ ପୃଥକ ଭାବେ ପ୍ରକାଶିତ କରାଯାଇ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ସ ସହିତ ବିନା ମୂଲ୍ୟରେ ଉପଲବ୍ଧ କରାଯାଇଛି । ବୋର୍ଡର ନୂତନ ପ୍ରଶ୍ନପତ୍ର ଢାଞ୍ଚାରେ ପ୍ରସ୍ତୁତ ଏହି ଟେଷ୍ଟପେପର୍ସରେ ପ୍ରତ୍ୟେକ ବିଷୟର ବିଗତ ୧୨ ବର୍ଷର ଦଶମ ବାର୍ଷିକ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହିତ ଉତ୍ତର, ଅଧ୍ୟାୟଭିତ୍ତିକ ସୂଚନା ଓ ବିଶ୍ଳେଷଣ, ବିଷୟ ଅନୁଯାୟୀ ସମ୍ଭାବିତ ବହୁ ବିକଳ୍ପ ପ୍ରଶ୍ନୋତ୍ତର (ଏମ୍ସିକ୍ୟୁଜ୍), ଦୀର୍ଘ ଓ ସଂକ୍ଷିପ୍ତଧର୍ମୀ ପ୍ରଶ୍ନୋତ୍ତର ଦିଆଯାଇଛି । ଏଥିରେ ଅର୍ଦ୍ଧବାର୍ଷିକୀ ପରୀକ୍ଷା ପାଇଁ ପ୍ରତ୍ୟେକ ବିଷୟରେ ୧ ସେଟ୍ ଆଦର୍ଶ ପ୍ରଶ୍ନପତ୍ର ସହିତ ଉତ୍ତର ଓ ୧୫ ରୁ ୨୦ ସେଟ୍ ଲେଖାଏଁ ଅଭ୍ୟାସ ପ୍ରଶ୍ନପତ୍ର ଦିଆଯାଇଛି । ଏହା ୨୦୨୬ ମସିହାର ପରୀକ୍ଷାର୍ଥୀଙ୍କ ପରୀକ୍ଷା ପ୍ରସ୍ତୁତିରେ ସହାୟକ ହେବ ବୋଲି ମଡର୍ଣ୍ଣ ପବ୍ଲିଶର୍ସର ଜୋନାଲ ହେଡ ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି । ଏହି ଟେଷ୍ଟପେପର୍ସ ପରୀକ୍ଷାର୍ଥୀଙ୍କୁ ୧୦୦ ପ୍ରତିଶତ ସଫଳତା ପାଇବାରେ ସାହାଯ୍ୟ କରିପାରିବ ବୋଲି ପ୍ରକାଶନ ସଂସ୍ଥା ପକ୍ଷରୁ କୁହାଯାଇଛି । ଏହି ଟେଷ୍ଟପେପର୍ସ ପ୍ରତ୍ୟେକ ପୁସ୍ତକ ବିକ୍ରେତାଙ୍କ ନିକଟରେ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି ।

# ବିଏଡ୍ ଅନିୟମିତତା – ସିଟି ମୁହାଁ ଛାତ୍ରଛାତ୍ରୀ

ଭୁବନେଶ୍ୱର,(ତଥ୍ୟ): ବିଏଡ ନାମଲେଖାକୁ ରାଜ୍ୟ ସରକାର ସ୍ଥଗିତ କରିବାପରେ ଏବେ ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାମୁହାଁ ହୋଇଛନ୍ତି । ସିଟି ପରୀକ୍ଷା ଦେବାପାଇଁ ର୍ବମାନ ସୁଦ୍ଧା ୫୦ ହଜାରରୁ ଅଧିକ ଆବେଦନ ହୋଇଥିବାବେଳେ ବିଏଡରୁ ହତାଶ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ସିଟି ପରୀକ୍ଷା ଦେବାକୁ ମନ ବଳାଇଛନ୍ତି । ଚଳିତବର୍ଷ ପ୍ରାୟ ଦେଢ ଲକ୍ଷ ଛାତ୍ରଛାତ୍ରୀ ବିଏଡ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ଲକ୍ଷେରୁ ଅଧିକ ଛାତ୍ରଛାତ୍ରୀ ସଫଳ ହୋଇଥିଲେ । ରାଜରେ ଥିବା ପ୍ରାୟ ୨୭୦୦ଆସନରେ ନାମଲେଖା ପାଇଁ ଏମାନେ ଆବେଦନ କରିଥିଲେ । ହେଲେ ନାମଲେଖା ପାଇଁ ପ୍ରଥମ ତାଲିକା ପ୍ରକାଶ ପାଇବା ସମୟରେ ବିଏଡ ପରୀକ୍ଷାରେ ଅନିୟମିତା ହେବାନେଇ ଅଭିଯୋଗ ଆସିବାରୁ ସରକାର ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଉଲ୍ଲେଖନୀୟ ଯେ ବିଏଡ ପରୀକ୍ଷାଫଳ ପ୍ରକାଶ ପାଇବା ସମୟରେ କେତେ ଛାତ୍ରଛାତ୍ରୀ କେତେ ପ୍ରତିଶତ ନମ୍ବର ରଖିଛନ୍ତି ତାହା ପ୍ରକାଶ ପାଇନଥିଲା । ଫଳରେ କୃତକାର୍ଯ ତାଲିକାରେ ଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ନାମଲେଖା ପାଇଁ ଆବେଦନ କରିଥିଲେ । ଏହାକୁ ନେଇ କେତେକ ଗଣମାଧମରେ ଦୁର୍ନୀତି ହୋଇଥିବା ଖବର ପ୍ରକାଶନ ପରେ ସରକାର ବିଏଡ ଖାତା ଯାଞ୍ଚ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି । ତେବେ ଏହି ଯାଞ୍ଚ କେବେ ହେବ ଓ କିଭଳି ହୋଇ କେଉଁ ତାରିଖରେ ସରିବ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ପ୍ରକାଶ ପାଉନାହିଁ । ଫଳରେ ବିଏଡ ପଢିବାକୁ ପରୀକ୍ଷା ଦେଇଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ଆଶା ଓ ଆଶଙ୍କାରେ ରହିଛନ୍ତି । ଇତି ମଧ୍ୟରେ ସିଟି ପରୀକ୍ଷା ଲାଗି ଆବେଦନ ଚାଲିଥିବାରୁ ବିଏଡ ଆଶାୟୀମାନେ ବି ସିଟି ପରୀକ୍ଷାପାଇଁ ଆବେଦନ କରିବାରେ ଲାଗିଛନ୍ତି । ବିଏଡ ନହେଲେ ଅତି କମରେ ସିଟି ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇ ଶିକ୍ଷକତା କରିବାକୁ ସେମାନେ ଆଗଭର ହୋଇଛନ୍ତି । ସିଟି ପରୀକ୍ଷାରେ ଅଧିକ ଆସନ ଥିବାରୁ ଅଧିକ ସଂଖାରେ ଛାତ୍ରଛାତ୍ରୀ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଅବସ୍ଥା ଏଭଳି ହୋଇଛନ୍ତି ସ୍ନାତକ ଓ ସ୍ନତକୋର ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାରେ ବସିବାକୁ ଆବେଦନ କରୁଛନ୍ତି । ତେଣୁ ଏଥର ସିଟି ପରୀକ୍ଷାରେ କେବଳ ଅଧିକ ସଂଖକ ଛାତ୍ରଛାତ୍ରୀ ପରୀକ୍ଷା ଦେବେନାହିଁ, ପରୀକ୍ଷାରେ ବି ପ୍ରତିଯୋଗିତା ବୃଦ୍ଧି ପାଇବ । ତେଣୁ ସିଟି ପରୀକ୍ଷାରେ ଯେଭଳି ବିଏଡ ଭଳି ଅନିୟମିତତା ହେବନାହିଁ ତାହା ଉପରେ ନଜର ରଖିବାକୁ ଏବେ ଠାରୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କଲେଣି ।

## ୩୪ ଲକ୍ଷ ଟଙ୍କାର ୪ ଡ୍ରେନ ପ୍ରକଳ୍ପ ଶିଳାନ୍ୟାସ

କଟକ,(ସବ୍ୟୁ): ସିଏମସି ଅନ୍ତର୍ଗତ ୫୩ ନଂ ୱାର୍ଡ଼ର ପୃଷ୍ଟି ବଗିଚାରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ବିଧାୟକ ସୌଭିକ ବିଶ୍ୱାଳ ୩୪ ଲକ୍ଷ ଟଙ୍କାର ୪ ଡ୍ରେନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ସଭାପତି ସାରଙ୍ଗ ପାଣି ଷଡ଼ଙ୍ଗୀ, ଅମର ସାମନ୍ତରାୟ, ଡ. ବ୍ୟୋମକେଶ କାନୁନଗୋ, ଜନୀକାନ୍ତ ପରିଜା, ବିଜୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଷ୍ଟିୱାର୍ଟ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ମିଶନରୋଡ ସ୍ଥିତ ଡାୟୋସେସନ ଓମେନ ଫେଲୋସିପ ଫର ଖ୍ରୀଷ୍ଟିଆନ ସର୍ଭିସେସ୍ କଟକ ଆନୁକୂଲ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଷ୍ଟିୱାର୍ଟ ସ୍କୁଲ ଜୁନିୟର ବ୍ଲକ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି କଟକ ଧର୍ମାଞ୍ଚଳର ବିଶପ ରାଇଟ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଷ୍ଟିୱାର୍ଟ ସ୍କୁଲ ଅଧକ୍ଷା ଡି.ମାର୍ଟିନା, ସିନୋଡିକାଲ ଓମେନ ଫେଲୋସିପର ସମ୍ପାଦିକା ସୁଚେତା ମହାନ୍ତି ଯୋଗ ଦେଇଥିଲେ । ଡାୟୋସେସନ ଓମେନ ଫେଲୋସିପର ସମ୍ପାଦିକା ମର୍ସି ରାଉତ, ପୂର୍ବତନ ଉପସଭାପତି ଶୁଭଶ୍ରୀ ସାମନ୍ତରାୟ, କୋଷାଧକ୍ଷା ସ୍ମୃତିରେଖା ପଣ୍ଡା, କେ ଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ ।


TPNODL
ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପିଏମ୍ - ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା

ସୌର ବିପ୍ଳବରେ ଅଂଶୀଦାର ହୁଅନ୍ତୁ

- ସରକାରୀ ସବସିଡି
- ବିଦ୍ୟୁତ୍ ବିଲ ହ୍ରାସ
- ସହଜ ସଂସ୍ଥାପନ
- ସ୍ୱଳ୍ପ ରକ୍ଷଣାବେକ୍ଷଣ
- ଦୀର୍ଘସ୍ଥାୟୀ
- ପରିବେଶ ସୁରକ୍ଷାରେ ସହାୟକ

ସୋଲାର ପ୍ୟାନେଲ ସ୍ଥାପନାରେ ସରକାରଙ୍କ ଦ୍ୱାରା ସବସିଡି

| କିଲୋୱାଟ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ସବସିଡି | ସମୁଦାୟ ସବସିଡି |
|---|---|---|---|
| ୧ | ୩୦,୦୦୦.୦୦ ଟଙ୍କା | ୨୫,୦୦୦.୦୦ ଟଙ୍କା | ୫୫,୦୦୦.୦୦ ଟଙ୍କା |
| ୨ | ୬୦,୦୦୦.୦୦ ଟଙ୍କା | ୫୦,୦୦୦.୦୦ ଟଙ୍କା | ୧୧୦,୦୦୦.୦୦ ଟଙ୍କା |
| ୩ | ୭୮,୦୦୦.୦୦ ଟଙ୍କା | ୬୦,୦୦୦.୦୦ ଟଙ୍କା | ୧୩୮,୦୦୦.୦୦ ଟଙ୍କା |



ଅଧିକ ବିବରଣୀ ପାଇଁ
www.pmsuryaghar.gov.in
କ୍ୟୁଆର ସ୍କାନ କରନ୍ତୁ
ରାଷ୍ଟ୍ରୀୟ ଗ୍ରାହକ ସେବା: 15555
ଟିପିଏନଓଡ଼ିଏଲ ଗ୍ରାହକ ସେବା: 1800-3456-718 / 1912
*Conditions apply
tpnodl.odisha tpnodl.odisha tpnodl_balasore www.tpnodl.com



BAJAJ FINSERV

## ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି

ବଜାଜ ଫାଇନାନ୍ସ ଲିମିଟେଡ
ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ୍ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍କୁ ସ୍କାନ୍ କରିପାରିବେ;
(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ହେବଲିଙ୍କକୁ ଯାଇପାରିବେ: http://172.30.1.235:3000/?WOUB2QG9W
(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;
(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ
(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।
(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।
(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(11-07-25) ଅନୁଗୋଳ ଗାନ୍ଧୀ ରୋଡ I; PJD6SGL11872450, 12181905, 12168013. ଆଠଗଡ଼-ବୀରକିଶୋରପୁର GL; PCQ8SGL11881686, 11919030, 11918865, 12058463, 12093596, 12129387, 12173412, 12211364, 12223221, 12257498, 12257921, 12275278, 12295207. ଯାଜପୁର ମଙ୍ଗଳପୁର; PLF4SGL12261432, 12274099. ଯାଜପୁର ରୋଡ୍ ବ୍ୟାଙ୍କ ଷ୍ଟ୍ରିଟ୍; PKI2SGL12109883. ଭଣ୍ଡାରୀ BGL; PV26SGL11894073, 11896560, 11908441, 11950710, 11960852, 12000078, 12168658. କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍ I; PGT6SGL11819134, 11983801. ବାଲେଶ୍ୱର ମାଛୁଆବଜାର GL; PGN9SGL11365993, 11459472, 11526883, 11941750, 12068853, 12069164, 12140426, 12212632, 12238023, 12274536, 12291260. ତାଳଚେର - ହତାତୋଡା ଛକ I; PJU8SGL11990343, 12005225, 12110898, 12147154. (12-07-25) ବଲାଙ୍ଗିର - ଗୋପାଳଜୀ ରୋଡ୍ I; PJD7SGL11836702, 11961173, 12011017, 12010549, 12033054, 12140987, 12133357, 12155320, 12297102. ଭବାନୀପାଟଣା BGL; PU41SGL11817901, 12032410, 12065921, 12149050, 12251652. କୁଚିଣ୍ଡା BGL; P93KSGL11823058, 11880114, 11898954, 11934601, 11942584, 12009972, 12032559, 12048685, 12053578, 12075812, 12077175, 12091437, 12103838, 12140472, 12126409, 12190875, 12235808, 12253716. ସୁନ୍ଦରଗଡ଼ ହସ୍ପିଟାଲ୍ ରୋଡ୍ I; PJU9SGL11832661, 11898430, 11944278, 12037568, 12072839, 12131307. (14-07-25) ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର୍ GL; PEI4SGL11685687, 11849546, 11853504, 11862424, 11897300, 11907731, 11926011, 11950329, 11946043, 11944509, 11958125, 11980847, 12002536, 12009307, 12040215, 12034805, 12103055, 12090698, 12102579, 12119607, 12130283, 12173841, 12193685, 12194358, 12216120, 12215469, 12219082, 12238608. ବାରିପଦା - KC ସର୍କଲ; P4C7SGL11834169, 12036198, 12096131, 12212392, 12236104, 12233238, 12240269, 12263608, 12263986. ବାସୁଦେବପୁର - AB କଲେଜ ଚୌକ I; PJE1SGL11516143, 11745313, 11872756, 11986383, 12137269, 12152782, 12156037, 12211886, 12236027, 12254168, 12292578. ଭଦ୍ରକ ସାଲାଣ୍ଡି ବାଇପାସ୍ GL; PCR1SGL11946935, 11966776, 12216029, 12257770, 12272927, 12291489. ଯାଜପୁର ଟାଉନ୍ ଶୀତଳେଶ୍ୱର I; PJU7SGL11858396, 11858739, 12009036, 12118576, 12218963, 12249592. କେନ୍ଦୁଝର-ମାଇନିଂ ରୋଡ୍ GL; PCQ7SGL11818625, 11873000, 11893605, 11927955, 11964407, 11985365, 12034163, 12118914, 12136437, 12128475, 12136560, 12133131, 12170699, 12172101, 12195848, 12213392, 12212201, 12219458, 12243147, 12235823, 12250674, 12252221. ନୂଆପଡ଼ା ମେନ ରୋଡ୍ : P86HSGL11825686, 11818209, 12117850, 12149862, 12252844, 12259778, 12290770. (15-07-25) ବରଗଡ଼ - ଖାରଜଡୀ ବାଲି GL; PGC3SGL11820409, 11815122, 11834992, 11835431, 11906834, 11915404, 11942314, 11958615, 11981983, 12008700, 12038905, 12051090, 12058547, 12051992, 12073330, 12069528, 12110947, 12126415, 12137853, 12235373, 12230048, 12255361, 12256757, 12274148, 12289920. ଝାରସୁଗୁଡ଼ା GL; PG62SGL11840036, 11990737, 12074845, 12119694, 12117692, 12195505, 12221872, 12241682, 12249019, 12264265, 12252128, 12294874, 12294163. ରାଜଗାଙ୍ଗପୁର ମେନ ରୋଡ; P504SGL11990420, 11991099, 11991512, 12092774, 12127876, 12127335, 12172368, 12191907, 12239357, 12283499, 12282859, 12282906, 12281154. ରାଉରକେଲା-କୋଏଲ ନଗର GL; PER3SGL11830623, 11853346, 11944254, 11945364, 11983283, 12056272, 12060568, 12117917, 12182069, 12218123, 12256420. (16-07-25) ବାଲୁଗାଁ-ମେନ ରୋଡ GL; PCQ9SGL9864197, 10355598, 11800958, 11883094, 11981829, 12115467. ବ୍ରହ୍ମପୁର GL; PB63SGL11286182, 11359775, 12277429. ଜଗତସିଂହପୁର - ଦୁର୍ଗାବଜାର; PU42SGL11384634, 11528756, 11616891, 11708489, 11724296, 11861423, 11852064, 11896275, 11952995, 11958565, 12039667, 12053137, 12129196, 12150619, 12188952, 12191882, 12219637, 12213375, 12217826, 12214311, 12242288, 12235656, 12252057, 12294168. ଖୋର୍ଦ୍ଧା ମେନ ଟାଉନ GL; PDA3SGL11272889, 11414327, 12131564, 12249315. କୋରାପୁଟ; PU40GOL1795171, L2146945, L2181380, L2249781. ଫୁଲବାଣୀ BGL; P93ASGL11848963, 12003191, 12054920, 12094656, 12157745, 12177077, 12192562, 12188478, 12275857, 12290308. ଟାଙ୍ଗୀ-ମେନ ରୋଡ GL; PG01SGL11381646, 11532261, 11638261, 11637358, 11687199, 11880322, 11910691, 11909693, 11989433, 11988478, 12000465, 12005894, 12003259, 12000497, 12048686, 12048558, 12067388, 12075900, 12093531, 12116247, 12173873, 12181366, 12241781, 12249649, 12260706, 12253058, 12283041. (17-07-25) ଜୟପୁର-ଏମ.ଜି ରୋଡ GL; PGH2SGL11672365, 11834143, 11832663, 11929174, 11943406, 11963770, 12011810, 12058205, 12055368, 12052581, 12077573, 12068623, 12089881, 12118483, 12131695, 12172505, 12201015, 12200751, 12193902, 12195252, 12252416, 12254248, 12271680. ନବରଙ୍ଗପୁର - ପଟେଲ ମାର୍ଗ GL; PCR3SGL11837581, 11851287, 11877904, 11891761, 11907371, 11927609, 11928684, 11944715, 11987286, 12050987, 12053151, 12048948, 12047717, 12058398, 12134897, 12173570, 12193553, 12189816, 12191032, 12194359, 12232988, 12228356, 12253149, 12273733, 12276407, 12274282, 12276937, 12275899, 12293532, 12299392. ରାୟଗଡ଼-ଜି.ଏସ୍.ଆର୍ ରୋଡ GL; PCR4SGL11914694, 11986403, 12118327, 12117705, 12119720, 12239284. ଉମରକୋଟ - ଗୁଳିପାଟଣା I; PJE3SGL11747104, 11766685, 11899658, 11991266, 12039487, 12048556, 12071089, 12132555, 12251771. (18-07-25) କଟଣୀ ହାଲାନ୍ କମ୍ପ୍ଲେକ୍ସ GL; PCR2SGL11860094, 11882236, 11911964, 11927071, 12003164, 12054823, 12075292, 12099460, 12114874, 12170361, 12221780, 12213432, 12279104, 12297166, 12291336, 12298429. ନିମାପଡ଼ା - ଗଣେଶ ବଜାର୍ I; PJE2SGL11527304, 11834698, 11834148, 11890499, 11917137, 11982768, 11987908, 12137743, 12127004, 12149346, 12179151, 12191260, 12195898, 12220122, 12219518, 12213909, 12217157, 12232637, 12240974, 12238789, 12273584, 12300367, 12298211. ପିପିଲି - ଢାବା ଚୌକ I; PGE1SGL10669105, 10742864. (19-07-25) ଭୁବନେଶ୍ୱର ଖଣ୍ଡଗିରି; PER5SGL11852525, 11860720, 11919482, 12036396, 12109193, 12136056, 12132711, 12157913, 12297123. ଭୁବନେଶ୍ୱର BGL; P423SGL11814836, 11836983, 11874551, 11891619, 11929258, 11946515, 11943006, 11963892, 11985760, 11986585, 12000720, 12004920, 12058977, 12070872, 12089551, 12119409, 12199649, 12215635, 12215297, 12255604, 12300392, 12294402, 12301677. କୁଜଙ୍ଗ-ମେନ ରୋଡ୍; P09QSGL11306735, 11410434, 11512982, 11529540, 11600582, 11616203, 11690868, 11805797, 11800899, 11880659, 11900516, 11894564, 11918123, 11911914, 11911880, 11911172, 11914965, 11915652, 11943033, 11950772, 11985503, 11985066, 11985904, 12038822, 12033838, 12073796, 12091210, 12090034, 12133846, 12129893, 12154286, 12148292, 12160281, 12173072, 12173303, 12180067, 12172751, 12222036, 12234994, 12227704, 12241821, 12262011, 12271697, 12290815, 12291819. କଟକ ମଧୁ ପାଟଣା କଲୋନି GL; PGG9SGL11915379, 12096401, 12119544, 12175486, 12215901, 12255423. ପୁରୀ ଭି.ଆଇ.ପି ରୋଡ GL; PEK3SGL11532320, 11854020, 12035123, 12033678, 12036936, 12135879, 12130074, 12151346, 12170261, 12177757, 12174779, 12181129, 12181980, 12214277, 12272613, 12270918, 12279859, 12296717, 12290701, 12296160.

ବଜାଜ ଫାଇନାନ୍ସ ଲିମିଟେଡ୍

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,(ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ନବନିର୍ବାଚିତ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଏବଂ ପ୍ରଖ୍ୟାତ ସାମ୍ବାଦିକ, ସ୍ୱାସ୍ଥ୍ୟ ବିବିଧତା ପ୍ରବକ୍ତା ଏବଂ ଲେଖିକା ମୁଗ୍ଧା କାଲରାଙ୍କ ପ୍ରେରଣାଦାୟକ ଅଭିଭାଷଣ ସହିତ ଏକ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ମୁଗ୍ଧା କାଲରା କହିଲେ, ମୁଁ ଦେଶର ଅନେକ କ୍ୟାମ୍ପସକୁ ଯାଇଛି, କିନ୍ତୁ ଏହି କ୍ୟାମ୍ପସକୁ ଆସି ମୁଁ ଗର୍ବିତ । ସେ ସ୍କୁଲର ଭିତ୍ତିଭୂମି ଓ ଛାତ୍ର-ଅନୁକୂଳ ସୁବିଧାଗୁଡ଼ିକୁ ପ୍ରଶଂସା କରି କହିଥିଲେ, କିଟ୍ ଏଭଳି ପରିବେଶ ସୃଷ୍ଟି କରିଛି ଯେଉଁଥି ପାଇଁ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱତନ୍ତ୍ର ପିଲାଙ୍କ ସହ ଅନ୍ୟ ସାଧାରଣ ଛାତ୍ରମାନେ ଏକାଠି ପାଠ ପଢ଼ିପାରୁଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ସହାନୁଭୂତି ଏବଂ ସାମାଜିକ ସଚେତନତା ସୃଷ୍ଟି କରୁଥିବା ଏପରି ଅନ୍ତର୍ଭୁକ୍ତିମୂଳକ ଅଭ୍ୟାସଗୁଡ଼ିକୁ ପ୍ରଶଂସା ଏବଂ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ବାର୍ତ୍ତା ଜରିଆରେ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଅନ୍ୟମାନଙ୍କଠାରୁ ନିଆରା ହେବା ପାଇଁ କେବେ ବି ଭୟ କରନାହିଁ । ତୁମମାନଙ୍କ ଚିନ୍ତାଧାରା ଅଲଗା ଜଣାପଡୁଥିଲେ ମଧ୍ୟ ଏଥିପାଇଁ କେବେ ବି ଭୟ କରନାହିଁ । କାରଣ ଏକ ଅଲଗା ଚିନ୍ତାଧାରା ଅନେକ ସମୟରେ ବିଶ୍ୱକୁ ପରିବର୍ତ୍ତନ କରିଥାଏ । ସର୍ବଦା ଉତ୍ତମ ଓ ଗଭୀର ଚିନ୍ତନ ତଥା ଦୃଢ଼ତାର ସହ ଆଗେଇ ଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲ୍ ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ ଚିନ୍ତାଧାରା ବୃଦ୍ଧି ସହ ଶିକ୍ଷାରେ କିଭଳି ଅଧିକ ଭଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ ।

## ବ୍ରାଉନ ସୁଗର ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଫୋସିଟି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୯ଗ୍ରାମ୍ ବ୍ରାଉନସୁଗର, ଗୋଟିଏ ବାଇକ୍ ଓ ୬୫୦ଟଙ୍କା ଜବତ କରିଛି ।

ପଟିଆ ଖେଳପଡିଆ ନିକଟରେ ଅସିମ୍ କୁମାର ଦାସ, ଅଭିଷେକ ମହାନ୍ତି ବ୍ରାଉନସୁଗର କାରବାର କରୁଥିବା ଖବର ମିଳିଥିଲା । ଖବର ଅନୁଯାୟୀ ପୋଲିସ ଟିମ୍ ସେଠାରେ ଚଢାଉ କରି ଦୁଇ ନିଶା ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବ୍ରାଉନସୁଗର ପ୍ରଭୃତି ଜବତ କରିଥିଲା । ଗିରଫ ଦୁଇଜଣ ବାଲେଶ୍ୱରର ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଇନ୍‌ଫୋସିଟି ଥାନା ଅଞ୍ଚଳରେ ବିକ୍ରି କରନ୍ତି ବୋଲି ପୋଲିସ କହିଛି । ଗିରଫ ଅସିମ୍ ଶିଖରଚଣ୍ଡି ବସ୍ତିରେ ହୋଇଥିବା ବେଳେ ଅଭିଷେକ ଘର ପଟିଆ ମହାନ୍ତି ସାହିରେ । ଦୁହିଁଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ହିରଣ୍ୟ ହତ୍ୟାକାଣ୍ଡକୁ ବିତିଲା ୪ଦିନ

# ଅନ୍ଧାରରେ ବାଡି ବୁଲାଉଛି ପୁଲିସ



ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବଦ୍ଧା ପୋଖରୀ ନିକଟ ରାସ୍ତା ପାର୍ଶ୍ୱରୁ ରବିବାର ସକାଳୁ ଜଟଣୀ ଥାନା ବିକାଶନଗର ର ହିରଣ୍ୟ ବେହେରା ଓରଫ୍ ଗୁଡୁ (୨୯)ମୃତ ଦେହ ଉଦ୍ଧାର ଘଟଣାକୁ ୪ଦିନ ବିତିଛି । ପୁଲିସ ଅଭିଯୁକ୍ତକୁ ଧରିବା ଲାଗି ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ୩ଟି ଟିମ୍ ଗଠନ କରି ଜିଲ୍ଲାର ବିଭିନ୍ନ ଅଂଚଳରେ ତଦନ୍ତ ଜାରୀ ରଖିଛି । ଘଟଣା ସମ୍ପର୍କରେ ପୁଲିସ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରିଥିବା ଜଣାଯାଇଛି । ମାତ୍ର ଏ ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ନିକଟରେ ପୁଲିସ ପହଁଚି ପାରିନି, ବରଂ କେବଳ ଅନ୍ଧାରରେ ବାଡି ବୁଲାଉଛି । ପୁଲିସ ଘଟଣାସ୍ଥଳରୁ ଜବତ କରିଥିବା ମୃତକ ର ମୋବାଇଲ, ପଟେ ଚପଲ ଏବଂ ରକ୍ତ ଭିଜା ଗାମୁଛା କୁ ଧରି ତଦନ୍ତ ଜାରୀ ରଖିଛି ।ମୋବାଇଲ ରୁ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବାବେଳେ ଏଥିରେ ସମ୍ପୃକ୍ତ ଅପରାଧିଙ୍କ ଚେର ପୁଲିସ ହାତରେ ଲାଗିଥିବା କୁହାଯାଉଛି । ଖୁବ୍ ଶୀଘ୍ର ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟମାନଙ୍କୁ ଗିରଫ କରିବ ବୋଲି ଏସଡିପିଓ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ନିଶା କାରବାର କୁ ନେଇ ଜଟଣୀ ଥାନା ଅଂଚଳରେ ହିରଣ୍ୟକୁ ଅତି ନିର୍ମମଭାବେ ହତ୍ୟା କରାଯାଇ ଏକ ଟାଟାଏସିଇ ଯୋଗେ ଖୋର୍ଦ୍ଧା ଅଣାଯାଇ ବଦ୍ଧାପୋଖରୀ ନିକଟରେ ଫୋପାଡିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ମିଳିଛି ।

ଗତ ରବିବାର ସକାଳ ପ୍ରାୟ ୬ଟା ସମୟରେ ପୋଖରୀ ନିକଟ ରାସ୍ତା କଡରୁ ଜଟଣୀ ଥାନା ବିକାଶନଗର ରେ ରହୁଥିବା ରେଙ୍ଗଳ ର ଦିଲ୍ଲିପ ବେହେରାଙ୍କ ବଡପୁଅ ହିରଣ୍ୟ ବେହେରା ଓରଫ୍ ଗୁଡୁ (୨୯)ର ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ପ୍ରଥମେ ପରିଚୟ ମିଳିନଥିବାବେଳେ କିଛି ସମୟ ପରେ ସେ ଜଟଣୀ ର ବୋଲି ଚିହ୍ନଟ ହୋଇଥିଲା । ମୃତକଙ୍କ ବାପା ଦିଲ୍ଲିପଙ୍କ ଅଭିଯୋଗ କ୍ରମେ ପୁଲିସ୧୫୬/୨୫ରେ ହତ୍ୟାମାମଲା ରୁଜୁ କରି ତଦନ୍ତ ଚଳାଇଛି । ତଦନ୍ତଭାର ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କୁ ଦିଆଯାଇଛି ।

# ମାସିକ ପତ୍ରିକା 'କାଦମ୍ବିନୀ'ର ୨୬ ତମ ସ୍ୱନକ୍ଷତ୍ର ଉତ୍ସବ



ପୁରୀ,(ସବ୍ୟୁ): ସର୍ବଜନାଦୃତ ମାସିକ ଓଡିଆ ପତ୍ରିକା 'କାଦମ୍ବିନୀ'ର ୨୬ତମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜୟଦେବ ସଭାଗୃହରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବରେ ଯୋଗଦେଇଥିଲେ ସଦାଶିବ କେନ୍ଦ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବିଶିଷ୍ଟ କବୟିତ୍ରୀ ଡ.ଅପର୍ଣ୍ଣା ମହାନ୍ତି, ବିଶିଷ୍ଟ ବ୍ୟଙ୍ଗକବି ଜ୍ଞାନ ହୋତା ଓ ବିଶିଷ୍ଟ କବି ପବିତ୍ର ମୋହନ ଦାଶ । ଏଥିରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ 'କାଦମ୍ବିନୀ' ସଂପାଦିକା ଡ.ଇତି ସାମନ୍ତ । ବିଶିଷ୍ଟ ସାହିତ୍ୟିକ ଭାସ୍କର ମିଶ୍ର, ବିଶିଷ୍ଟ ସାହିତ୍ୟିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ବିଶିଷ୍ଟ ସାହିତ୍ୟିକା ସ୍ୱରାଜଲକ୍ଷ୍ମୀ ମିଶ୍ର, ବିଶିଷ୍ଟ ସାହିତ୍ୟିକ ମାନସରଞ୍ଜନ ମହାପାତ୍ର, ବିଶିଷ୍ଟ ଶିଶୁ ସାହିତ୍ୟିକ ବିରେନ୍ଦ୍ର ମହାନ୍ତି ଓ ବିଶିଷ୍ଟ ସାହିତ୍ୟିକ ଓ ସଂଗଠକ ଶ୍ୟାମପ୍ରକାଶ ସେନାପତି ଯୋଗ ଦେଇଥିଲେ । ଏହି ଅବସରରେ 'କାଦମ୍ବିନୀ'ର ଚଳିତ ସ୍ୱନକ୍ଷତ୍ର ସ୍ୱତନ୍ତ୍ର ଏବଂ 'କୁନିକଥା'ର ଜୁଲାଇ ସଂଖ୍ୟା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଇଂ.ଶ୍ରୀନିବାସ ଘଟୁଆରୀ । ଧନ୍ୟବାଦ ଅର୍ପଣ କରିଥିଲେ 'କାଦମ୍ବିନୀ' ସଂପାଦିକା ଡ.ଇତି ସାମନ୍ତ । 'କାଦମ୍ବିନୀ'ର ୨୬ତମ ଜନ୍ମଦିନ ଉପଲକ୍ଷେ 'ସଂସ୍କୃତି ଓ ସଂସ୍କୃତି' ଏବଂ 'ଓଡିଶା ସଚେତନ ନାଗରିକ ଫୋରମ' ପକ୍ଷରୁ ଏକ ଶୁଭେଚ୍ଛାମୂଳକ କେକ୍ କଟାଯାଇଥିବାବେଳେ ସଂପାଦିକା ଡ.ଇତି ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦୁଇଟି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର ସଂପାଦକ ଦିଲ୍ଲୀପ ହାଲି, ଉପଦେଷ୍ଟା ତପନ ଦାସ ଓ ପରିଚାଳନା ସଂପାଦକ ମଣ୍ଟୁ ସିଂ ଉପସ୍ଥିତ ଥିଲେ । ଉତ୍ସବରେ ଚାରିଶହରୁ ଊର୍ଦ୍ଧ୍ୱ ସାହିତ୍ୟ ଓ ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ ।

# ପିଏନ୍‌ବି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଭୁବନେଶ୍ୱର ଗସ୍ତ



ଭୁବନେଶ୍ୱର,(ସବ୍ୟୁ): ରାଷ୍ଟ୍ରୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁ ପ୍ରସାଦ ମହାପାତ୍ର ଭୁବନେଶ୍ୱର ଗସ୍ତରେ ଆସିଥିଲେ । ତାଙ୍କର ଏହି ଗସ୍ତ ଅବସରରେ ସେ ରାଜ୍ୟ ସରକାରଙ୍କ ଶିକ୍ଷ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ । ଅନୁସୂଚୀତ ଜାତି/ ଜନଜାତି ଏବଂ ଓବିସି ବିକାଶ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୀବ କୁମାର ମିଶ୍ର, ପିଡବ୍ଲୁଡି ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୟ କୁମାର ସିଂ ଏବଂ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକ ଆଇଏଏସ୍ ଜ୍ୟୋତି ପ୍ରକାଶ ଦାଶ ପ୍ରମୁଖଙ୍କୁ ମଧ୍ୟ ସେ ଗସ୍ତ ସମୟରେ ସାକ୍ଷାତ କରିଥିଲେ । ଓଡିଶାର ବିକାଶରେ ବ୍ୟାଙ୍କର ଅଂଶଗ୍ରହଣ ଏବଂ ସମସ୍ତ ସରକାରୀ ପ୍ରାୟୋଜିତ ଯୋଜନାରେ ବ୍ୟାଙ୍କର ସହଯୋଗ ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେ ମନ୍ତ୍ରୀଙ୍କୁ ସରକାରଙ୍କ ସହିତ ବ୍ୟାଙ୍କର ସମ୍ପର୍କକୁ ସୁଦୃଢ କରିବାକୁ ଅନୁରୋଧ କରିଥିଲେ । ଏଥି ସହିତ ଶ୍ରୀ ମହାପାତ୍ର ସମସ୍ତ କର୍ତ୍ତୃପକ୍ଷଙ୍କୁ ବ୍ୟାଙ୍କରେ ନୂତନ ଭାବେ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନାର ଲାଭ ସମ୍ପର୍କରେ ବୁଝାଇ କହିଥିବା ସହ ଏହି ଯୋଜନା ସମ୍ପର୍କୀତ ବୁକ୍‌ଲେଟ୍ ପ୍ରଦାନ କରିଥିଲେ । ସେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ମଣ୍ଡଳ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ । ଶ୍ରୀ ମହାପାତ୍ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଓଡିଶା ଅନ୍ତର୍ଗତ ସମସ୍ତ କର୍ମଚାରୀଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଅବସରରେ ଅଞ୍ଚଳ ପ୍ରମୁଖ ଭୂଷଣ ଶର୍ମା, ଉପ-ଅଞ୍ଚଳ ପ୍ରମୁଖ କ୍ଷେତ୍ରବାସୀ ମିଶ୍ର ଏବଂ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ପ୍ରମୁଖ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଡପ ମଣ୍ଡପରେ ମହାପ୍ରଭୁଙ୍କୁ

# ଦର୍ଶନ କଲେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ



ପୁରୀ,(ସବ୍ୟୁ): ଜିଲ୍ଲାପାଳ ଚଞ୍ଚଳ କୁମାର ରାଣା ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ପୁରୀ ଉତ୍କଳ ବାଳାଶ୍ରମ ଓ ନୀଳାଚଳ ସେବା ପ୍ରତିଷ୍ଠାନ ଶିଶୁ ଯତ୍ନ ଅନୁଷ୍ଠାନର ମୋଟ ୮୦ ଜଣ ଶିଶୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଦେବୀ ସୁଭଦ୍ରାଙ୍କୁ ଆଡପ ମଣ୍ଡପରେ ଦର୍ଶନ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ତେବାସୀ ମାନେ ବୁଧବାର ଦିନ ୧୧ ଘଣ୍ଟା ସମୟରେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ । ନବ ନିଯୁକ୍ତ ଜିଲ୍ଲାପାଳ ଶ୍ରୀ ରଣାଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଦର୍ଶନ ପରେ ସମସ୍ତ ଦର୍ଶନାର୍ଥୀଙ୍କୁ ଜିଲ୍ଲାପାଳ ମହାପ୍ରସାଦ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରଥଯାତ୍ରା ପରିଚାଳନା ମୁଖ୍ୟ ତଥା ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ଉପସ୍ଥିତ ରହି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ପ୍ରଶାସନର ଏହି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି ।

## ବରମୁଣ୍ଡା ପଡ଼ିଆରେ ଡକାୟତି ଯୋଜନା

# ୫ ଗିରଫ, ବନ୍ଧୁକ, ଗୁଳି ଜବତ

ଭୁବନେଶ୍ୱର, (ସବ୍ୟୁ) : ମଙ୍ଗଳବାର ରାତିରେ ବରମୁଣ୍ଡା ପଡିଆରେ ଦଳେ ଯୁବକ ବସିଥିବା ଖଣ୍ଡଗିରି ଥାନା ଆଇଆଇସି ଖବର ପାଇଥିଲେ । ଖବର ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ସେଠାକୁ ପଠାଇଥିଲେ । ପୋଲିସ ଟିମ୍ ବରମୁଣ୍ଡା ପଡ଼ିଆରୁ ୫ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରିଥିବା ବେଳେ ଜଣେ ଖସିଯାଇଥିଲା । ଗିରଫ ଅପରାଧୀଙ୍କ ନିକଟରୁ ପୋଲିସ ବନ୍ଧୁକ, ଗୁଳି, ଭୁଜାଲି, କଟୁରୀ, ଫାର୍ସା, ଛୁରି, ୨ ହଜାର ଟଙ୍କା ଓ ୨ଟି ବାଇକ୍ ଜବତ କରିଛି ।

ପୋଲିସ ଗିରଫ କରିଥିବା ଅପରାଧୀମାନେ ହେଲେ ରଞ୍ଜିତ ଘଡେଇ, କାହ୍ନା ଦାସ, ଦୀପକ ପ୍ରଧାନ, ସୁକାନ୍ତ ମହାରଣା ଓ ଶେଖ ଅବିଦ୍ଧ । ଏମାନଙ୍କ ନାଁରେ ପୂର୍ବରୁ ବହୁ ସଙ୍ଗୀନ ଅପରାଧ ଥିବା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ଜୋନ୍-୩ ଏସିପି । ଗିରଫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବନ୍ଧୁକ କାରବାର, ହତ୍ୟା, ନିଶା କାରବାର, ଡକାୟତି ଭଳି ସଙ୍ଗୀନ ଅପରାଧ ଥିବା ପୋଲିସ କହିଛି । ଏମାନେ ମୁଖ୍ୟତଃ ନିଶା କାରବାର କରନ୍ତି । ନିଶା କାରବାର ପାଇଁ ଆବଶ୍ୟକ ଟଙ୍କା ଯୋଗାଡ ପାଇଁ ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା କରୁଥିବା ପୋଲିସ କହିଛି । ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଅଖିଳ ଭାରତୀୟ ଯୁବ କଂଗ୍ରେସ

# ଗଣମାଧ୍ୟମ ସଂଯୋଜକ ହେଲେ ସୁଦିପ ସାମଲ



ଭୁବନେଶ୍ୱର,(ସବ୍ୟୁ): ଅଖିଳ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗର ପ୍ରଭାରୀ ବରୁଣ ପାଣ୍ଡେ ଓଡ଼ିଶାର ସୁଦିପ ସାମଲଙ୍କୁ ଯୁବ କଂଗ୍ରେସର ଜାତୀୟ ଗଣମାଧ୍ୟମ ବିଭାଗର ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶ୍ରୀ ସାମଲ ଏବେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ନିଯୁକ୍ତି ପାଇବାପରେ ଶ୍ରୀ ସାମଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଲୋକ ସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଯେଉଁଭଳି ଭାବରେ ପ୍ରୋତ୍ସାହନ ଦେଉଛନ୍ତି ଏହା ଧନ୍ୟବାଦ ଯୋଗ୍ୟ। ଯୁବ କଂଗ୍ରେସ ଏବଂ କଂଗ୍ରେସ ଦଳକୁ ମଜବୁତ କରିବାପାଇଁ ଗଣମାଧ୍ୟମ ବିଭାଗରେ ସୁଚାରୁରୂପେ କାମ କରିବାପାଇଁ ଏବଂ ଲୋକମାନଙ୍କର ସମସ୍ୟା ଗଣମାଧ୍ୟମ ଜରିଆରେ ଉତ୍‌ଥାପନ କରିବାପାଇଁ ଶ୍ରୀ ସାମଲ ପ୍ରୟାସ କରିବେ ବୋଲି ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି।

ଏହି ନିଯୁକ୍ତି ପାଇବାପରେ ଶ୍ରୀ ସାମଲ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍, ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ କିଷ୍ଣାଆଲାବରୁ, ରାଜ୍ୟ ଯୁବ କଂଗ୍ରେସର ସଭାପତି ରଣଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସର ପ୍ରଭାରୀ ମହେଷ ଦେଶମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ



ଭୁବନେଶ୍ୱର,(ସବ୍ୟୁ): ଶ୍ରୀମତୀ ବର୍ଷା ୟୁକୋ ବ୍ୟାଙ୍କର ନୂତନ ଭାବେ ଗଠିତ କଟକ ଜୋନର ଆଞ୍ଚଳିକ ମୁଖ୍ୟ ଭାବେ ଯୋଗ ଦେଇଛନ୍ତି । ସେ ବ୍ୟାଙ୍କ ମୁଖ୍ୟାଳୟରେ ରିସ୍କ ମ୍ୟାନେଜମେଣ୍ଟ ବିଭାଗର ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ । ଶ୍ରୀମତୀ ବର୍ଷା ୨୦୦୬ ମସିହାରେ ୟୁକୋ ବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ଭାବରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ । ସେ କୋଲକାତାରେ ଖୁଚୁରା ଋଣ ହବ୍ ମୁଖ୍ୟ ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ । କଟକ ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମଇ କ୍ରେଡିଟ୍, କାସା ଜମା, ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଉନ୍ନତ ଗ୍ରାହକ ସେବା ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି ।

# ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୫

ଭୁବନେଶ୍ୱର,(ସବ୍ୟୁ):୨୦୨୬ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ/ସୁପାରିଶ ୧୫ ମାର୍ଚ୍ଚ ୨୦୨୫ରୁ ଆରମ୍ଭ ହୋଇଛି । ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୫ । ପଦ୍ମ ପୁରସ୍କାର ପାଇଁ ନାମାଙ୍କନ/ସୁପାରିଶ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ (https://awards.gov.in )ରେ ଅନଲାଇନରେ ଗ୍ରହଣ କରାଯିବ । ପଦ୍ମ ପୁରସ୍କାର, ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର । ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାର ଗୁଡିକ ପ୍ରତି ବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ । ଏହି ପୁରସ୍କାର ବିଭିନ୍ନ କ୍ଷେତ୍ରରେ 'ଉତ୍କୃଷ୍ଟ କାର୍ଯ୍ୟ'କୁ ସ୍ୱୀକୃତି ଦେବା ପାଇଁ ଦିଆଯାଇଥାଏ । ପଦ୍ମ ପୁରସ୍କାର କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡ଼ା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ସିଭିଲ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ରରେ/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଇଥାଏ । ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ । ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ ବ୍ୟତୀତ ସମସ୍ତ ସରକାରୀ କର୍ମଚାରୀ ଏବଂ ପିଏସ୍‌ୟୁରେ କାମ କରୁଥିବା କର୍ମଚାରୀମାନେ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହନ୍ତି ।

ସରକାର ପଦ୍ମ ପୁରସ୍କାରକୁ ଜନତାଙ୍କ ପଦ୍ମରେ ପରିଣତ କରିବାକୁ ପ୍ରତିବଦ୍ଧ । ତେଣୁ ସମସ୍ତ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ନାମାଙ୍କନ/ସୁପାରିଶ କରନ୍ତୁ । ନାଗରିକମାନେ ନିଜ ନାମ ମଧ୍ୟ ନାମାଙ୍କନ ପାଇଁ ପ୍ରସ୍ତାବ ଦେଇପାରିବେ । ମହିଳା, ସମାଜର ଦୁର୍ବଳ ଶ୍ରେଣୀ, ଅନୁସୂଚିତ ଜାତି ଏବଂ ଜନଜାତି, ଦିବ୍ୟାଙ୍ଗ ବ୍ୟକ୍ତି ତଥା ସମାଜର ନିଃସ୍ୱାର୍ଥପର ସେବା କରୁଥିବା ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ସମନ୍ୱିତ ପ୍ରୟାସ କରାଯାଇପାରେ, ଯେଉଁମାନଙ୍କର ଉତ୍କର୍ଷତା ଏବଂ ସଫଳତା ପ୍ରକୃତରେ ସ୍ୱୀକୃତି ପାଇବାକୁ ଯୋଗ୍ୟ ଅଟେ । ନାମାଙ୍କନ/ସୁପାରିଶରେ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଫରମାର୍ଟରେ ନିର୍ଦ୍ଦିଷ୍ଟ ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଉଚିତ । ଯେଉଁଥିରେ ବର୍ଣ୍ଣନାତ୍ମକ ଆକାରରେ ଏକ ଉଦ୍ଧୃତି (ସର୍ବାଧିକ ୮୦୦ ଶବ୍ଦ) ଅନ୍ତର୍ଭୁକ୍ତ, ଯାହା ସୁପାରିଶ କରାଯାଇଥିବା ବ୍ୟକ୍ତି/ତାଙ୍କର ସମ୍ପୃକ୍ତ କ୍ଷେତ୍ର/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ସମ୍ପର୍କରେ ସ୍ପଷ୍ଟ ଭାବରେ ଉଲ୍ଲେଖ ହୋଇଥିବ । ଏ ସମ୍ପର୍କରେ ସମସ୍ତ ବିବରଣୀ ଗୃହ ମନ୍ତ୍ରଣାଳୟର ୱେବସାଇଟ (https://mha.gov.in) ଏବଂ ପଦ୍ମ ପୁରସ୍କାର ପୋର୍ଟାଲ (https://padmaawards.gov.in)ରେ ପୁରସ୍କାର ଏବଂ ପଦକ ଶୀର୍ଷକ ଅଧୀନରେ ମଧ୍ୟ ଉପଲବ୍ଧ ହେବ । ଏହି ପୁରସ୍କାରଗୁଡିକ ସମ୍ପର୍କିତ ସମସ୍ତ ଷ୍ଟାଟସ୍ ଏବଂ ନିୟମ ୱେବସାଇଟ https://padmaawards.gov.in/AboutAwards.asp ଡି ଲିଙ୍କ୍ ସହିତ ଉପଲବ୍ଧ ।

# ଇଣ୍ଡିଆନ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଥାନା ମାନଧାତାପୁର ଇଣ୍ଡିଆନ ବ୍ୟାଙ୍କରୁ ଡକାୟତି ହୋଇଛି। ବ୍ୟାଙ୍କ କର୍ମଚାରୀ ଏବଂ ଗ୍ରାହକଙ୍କୁ ବନ୍ଧୁକ ମୁନରେ ଅଟକ ରଖି ଡକାୟତ ଦଳ ବ୍ୟାଙ୍କ ଟ୍ରେଜେରୀରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ କରି ନେଇଛନ୍ତି। ପ୍ରାୟ ୫ ରୁ ୬ ଜଣ ମୁଖାପିନ୍ଧା ଡକାୟତ ବୁଧବାର ଅପରାହ୍ନରେ ମାନଧାତାପୁର ଇଣ୍ଡିଆନ ବ୍ୟାଙ୍କ ଭିତରେ ପ୍ରବେଶ କରିଥିଲେ। ସେଠାରେ ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କ ପରିସରରେ ରହିଥିବା ଗ୍ରାହକମାନଙ୍କୁ ବନ୍ଧୁକ ମୁନରେ ଡକାୟତ ଦଳ ଅଟକ ରଖିଥିଲେ। ବ୍ୟାଙ୍କ କର୍ମଚାରୀଙ୍କୁ ମାଡ଼ ମାରି ଭୟ ସୃଷ୍ଟି କରିବା ସହିତ ଲକର ଚାବି ହାତେଇ ସେଥିରୁ ଲକ୍ଷାଧିକ ଟଙ୍କା ଏବଂ ବନ୍ଧକ ସୁନା ଅଳଙ୍କାର ଲୁଟି ନେଇଯିବାରେ ସକ୍ଷମ ହୋଇଛନ୍ତି। ଖବର ପାଇଁ ପୋଲିସ ବୟାଙ୍କ ଡକାୟତି ଘଟଣାର ତଦନ୍ତ ଆରମ୍ଭ କରିଛି। ଡକାୟତ ମାନେ ବୟାଙ୍କ ଡ଼କାୟତି କରି ବାଇକରେ ଫେରାର ହୋଇ ଯାଇଛନ୍ତି ଡକାୟତଙ୍କ ଆକ୍ରମଣରେ କେତେକ ବୟଙ୍କ କର୍ମଚାରୀ ଓ ଗ୍ରାହକ ଆହତ ହୋଇଛନ୍ତି । ସେମାନଙ୍କୁ ନୟାଗଡ଼ ଡ଼ାକ୍ତରଖାନରେ ଚିକିତ୍ସା କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ୍ ତଦନ୍ତଜାରି ରହିଥିବାରୁ ବ୍ୟାଙ୍କରୁ କେତେ ପରିମାଣର ଟଙ୍କା ଓ ସୁନା ଅଳଙ୍କାର ଲୁଟ ହୋଇଛି ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ି ନାହିଁ।

# ରୋଟାରୀ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର,(ସବ୍ୟୁ) : ରୋଟାରୀ କ୍ଲବ ଭୁବନେଶ୍ୱର କନ୍ ଫ୍ଲୁ ଏ ନ୍ ସ ପକ୍ଷରୁ ବୁଧବାର ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ସ୍ଥିତ ବ୍ଲଡ଼ ବ୍ୟାଙ୍କ ପରିସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ର ସଭାପତି ରୁଦ୍ର ପ୍ରସନ୍ନ ହୋତା ଓ ସମ୍ପାଦକ ପ୍ରଣ୍ କିଶୋର ଜେନାଙ୍କ ମିଳିତ ସହଯୋଗରେ ବହୁ ସଂଖ୍ୟାରେ ଯୁବ ରୋଟାରୀଆନ ମାନେ ରକ୍ତ ଦାନ କରିଥିଲେ। ଶିବିରରୁ ୩୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆଜି ବିଶ୍ୱ ଡାକ୍ତର ଦିବସ ଉପଲକ୍ଷେ କ୍ଲବ୍ ତରଫରୁ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଲଳିତ ବେହେରା ଓ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଦେବାଶିଷ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ରୋଟାରୀଆନ ଅଶୋକ ସାମଲ, ନୀଳାଚଳ ପ୍ରଧାନ,ବିଦ୍ୟୁତ୍ କୁମାର ସେଠି, ଆଲୋକ ସାମଲ , ଅଭିଳାଷ ପତି, ସତ୍ୟାନନ୍ଦ ସାହୁ, ପ୍ରତିକ୍ ମହାନ୍ତି ପ୍ରମୁଖ ବହୁ ରୋଟାରୀଆନ ଉପସ୍ଥିତ ଥିଲେ।

# କରଚୁଲିରେ ଅଗ୍ନିକାଣ୍ଡ: ଜଳିଗଲା ୪ ବଖରା



ବୁଗୁଡ଼ା, (ସବ୍ୟୁ): ବୁଗୁଡା ବ୍ଲକ ଅଧିନସ୍ତ କରଚୁଲି ଗ୍ରାମର ଗୁଡିସାହିରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଭାସ୍କର ଡାକୁଆ ଓ ଦେବ ଡାକୁଆଙ୍କ ଦୁଇ ବଖରା ଲେଖାଏଁ ଚାଳଘର ଜଳି ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି । ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ଦୁଇଟା ବେଳେ ସେହି ଦୁଇ ପରିବାର ଲୋକେ ଶୋଇଥିବା ସମୟରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଅଗ୍ନିକାଣ୍ଡରେ ସେହି ଦୁଇଟି ପରିବାରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ନିଆଁରେ ପୋଡିଯାଇଛି । ଗ୍ରାମବାସୀ ଏବଂ ପରିବାର ଲୋକେ ନିଆଁକୁ ଆୟତ୍ତ କରିବାପାଇଁ ଉଦ୍ୟମ କରିଥିଲେ ହେଁ ହୁତୁହୁତୁ ହୋଇ ଜଳୁଥିବା ନିଆଁକୁ ଲିଭାଇ ପାରିନଥିଲେ ।

ଖବର ପାଇ ବୁଗୁଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘର ସହ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ଛାରଖାର ହୋଇଯାଇଥିଲା । ତେବେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାର ଦ୍ୱୟ ସରକାରୀ ସହାୟତା ପାଇବା ପାଇଁ ହାତପାତି ବସିଥିବା ଜଣାଯାଇଛି ।

# ବାରିପଦାରେ ଫୁଟିଲା ଗୁଳି, ବୁଲିଲା ଭୁଜାଲି : ଆକ୍ରମଣରେ ଯୁବକ ଗୁରୁତର

ବାରିପଦା, (ସବ୍ୟୁ) : ବାରିପଦାରେ କେତେବେଳେ ଗୁଳି ଫୁଟୁଛି ତ କେତେବେଳେ କଥା କଥାକେ ଖଣ୍ଡା, ଭୁଜାଲି ଘୁରୁଛି। ଗତ କିଛିଦିନ ତଳେ ବାରିପଦା ସହରର କାଳିକାପୁର ଅଞ୍ଚଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହେବା ବେଳେ ବନ୍ଧୁକ ଗୁଳିରେ ଜଣେ ଯୁବକଙ୍କର ମୃତ୍ୟୁ ହେବାପରି ଅଭାବନୀୟ ଘଟଣା ଘଟିଯାଇଥିଲା। ଏହି ଘଟଣା ମନରୁ ନଲିଭିଣୁ ପୁଣି ବୁଧବାର ସ୍ପଷ୍ଟ ଦିବାଲୋକ ଓ ଜନଗହଳିପୂର୍ଣ୍ଣ ସ୍ଥାନ ଷ୍ଟେସନବଜାର ପରିବାର ମାର୍କେଟ ନିକଟରେ ଜଣେ ମଦ ଦୋକାନୀ କର୍ମଚାରୀଙ୍କୁ ଭୁଜାଲିରେ ହାଣି ଦୁର୍ବୃତ୍ତ ଘଟଣାସ୍ଥଳରୁ ଛୁ ମାରିବା ଘଟଣା ତଥା ଦୁର୍ବୃତ୍ତଙ୍କ ଟେର୍ ପାଇନପାରିବାକୁ ନେଇ ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ପ୍ରକାଶ ଯେ, ବାରିପଦା ଟାଉନ ଥାନା ଅନ୍ତର୍ଗତ ଷ୍ଟେସନ ବଜାର ହାଟ ନିକଟରେ ଏକ ମଦ କାଉଣ୍ଟରରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବିହାର ରାଜ୍ୟର ମୁନାୟାଦବ୍ ପରିବାର ମାର୍କେଟରୁ ପରିବା ନେଇ ନିଜ ବାଇକ୍‌ରେ ବସି ଯିବାକୁ ଉଦ୍ୟମ କରୁଥିବା ସମୟରେ ହଠାତ୍ ଜଣେ ଅଚିହ୍ନା ବ୍ୟକ୍ତି ଆସି ତାଙ୍କ ବେକରେ ଭୁଜାଲି ଲଗାଇଥିଲେ ଓ କଥା କଥାକେ ମୁନାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଲହୁଲୁହାଣ ମୁନାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଇ କଟକ ବଡମେଡିକାଲକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ଛାନଭିନ୍ କରିଥିଲେ।

# ବେଆଇନ ମିଶ୍ରି କାରଖାନା ସିଲ୍, ମାଲିକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଦ୍ୱିତୀୟ ଲାଇନରେ ଚାଲିଥିବା ଏକ ବେଆଇନ ମିଶ୍ରି କାରଖାନାରେ ପୋଲିସ ଚଢଉ କରିଛି । ସେଠାରୁ ବିପୁଳ ପରିମାଣର କଞ୍ଚାମାଲ ଜବତ କରି କାରଖାନା ମାଲିକଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣଙ୍କୁ ଭଦ୍ରିନାରାୟଣ ବୋଲି ପୋଲିସ କହିଛି । ଉକ୍ତ ଅଞ୍ଚଳରେ ବେଆଇନ ଭାବେ ମିଶ୍ରି ପ୍ରସ୍ତୁତ ହେଉଥିବା ଖବର ପାଇ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଟିମ ସେଠାରେ ପହଞ୍ଚି ଯାଞ୍ଚ କରିଥିଲେ । ଫେକଫ୍ରି ମାଲିକ ଏସମ୍ପର୍କିତ କୌଣସି କାଗଜ ଦେଖାଇ ପାରିନଥିଲେ । ଯାଞ୍ଚ ବେଳେ ଉକ୍ତ ଫେକଫ୍ରିରେ ମିଶ୍ରି ପ୍ରସ୍ତୁତ ପାଇଁ ମହଜୁଦ ଥିବା ୨୫ କେଜିର ୧୮୦ ଗୋଟି ପ୍ଲେଟ, ୩୦ ବସ୍ତା ଚିନି, ବିଭିନ୍ନ ସରଞ୍ଜାମ, ମେସିନ ଇତ୍ୟାଦି ଜବତ ହୋଇଛି । ଅସ୍ୱାସ୍ଥ୍ୟକର ଭାବେ ସେଠାରେ ମିଶ୍ରି ପ୍ରସ୍ତୁତ ହେଉଥିଲା ବୋଲି ପୋଲିସ କହିଛି । ୩/୪ ବର୍ଷ ହେଲା ଉକ୍ତ ଫେକଫ୍ରି ମାଲିକ ସେଠାରେ ବେଆଇନ ଓ ଅସ୍ୱାସ୍ଥ୍ୟକର ଭାବେ ମିଶ୍ରି ପ୍ରସ୍ତୁତ କରି ଜିଲ୍ଲା ଓ ଜିଲ୍ଲା ବାହାରେ ବିକ୍ରି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

# ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ଚପରାସୀ ଧ୍ରୁବଚରଣ ପଲେଇଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଶ୍ରୀ ପଲେଇ ଜଣେ କର୍ତ୍ତବ୍ୟନିଷ୍ଠ, ସ୍ନେହ ବତ୍ସଳ ଓ ସମାଜସେବୀ ଭାବେ ପରିଚିତ । ବିଭିନ୍ନ ଉଚ୍ଚବିଦ୍ୟାଳୟ, ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଉଚ୍ଚ ପ୍ରଶଂସିତ ଓ ସମ୍ମାନିତ ହୋଇପାରିଛନ୍ତି । ଉକ୍ତ ସମ୍ବର୍ଦ୍ଧନା ସଭାରେ ବାରିପଦା ଗୋଷ୍ଠୀ ଶିକ୍ଷାଦିକାରୀ କାର୍ଯ୍ୟାଳୟର ୧୩ଜଣ ସିଆରସିସି ଗୀତିକା ବେହେରା, ପୁଜାରିଣୀ ପଣ୍ଡା, କନକଲତା ମାଝି, ଧନପତି ମିଶ୍ର, ସୁଶୀଲ କୁମାର ପଣ୍ଡା, ଧନଞ୍ଜୟ ସାହୁ, ଭବାନୀ ସିଂହ, ରାଜକିଶୋର ସେଠୀ, ଅଭିରାମ ହେମ୍ବ୍ରମ, ଦେବରଞ୍ଜନ ସାହୁ, ଚୈତନ୍ୟ ହେମ୍ବ୍ରମ, କଲ୍ୟାଣଶିଷ ଦାସ ଏବଂ ନିର୍ମଳ ପାତ୍ର ଉପସ୍ଥିତ ରହି ଶ୍ରୀ ପଲେଇଙ୍କର ଗୁଣଗାନ୍ କରିବା ସହିତ ଦୀର୍ଘାୟୁ କାମନା କରଥିଲେ ।

# ହାତୀ ଉପଦ୍ରବ : ଜିଲ୍ଲା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଘେରିଲା ଜେଏମଏମ

ବାରିପଦା, (ସବ୍ୟୁ) : ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସି ଜିଲ୍ଲା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଘେରାଉ କରିବା ସଙ୍ଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବନପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ମୟୂରଭଞ୍ଜ ଏକ ପାହାଡ଼ ପର୍ବତ ଘେରା ସବୁଜ ସୁନ୍ଦର ଆଦିବାସୀ ବହୁଳ ଜିଲ୍ଲା । ଏଠାରେ ଥିବା ସମସ୍ତ ଜନସାଧାରଣ ଆଦିବାସୀ ମାନଙ୍କର ଜୀବିକା ହେଉଛି ଚାଷ କରିବା ସହିତ ବଣ ପାହାଡରୁ ମହୁ, ଲାଖ, ଝୁଣା ଓ ପତ୍ର ଆଦି ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । କିନ୍ତୁ କିଛି ବର୍ଷ ହେବ ଆମ ଜିଲ୍ଲାରେ ହାତୀ ଉପଦ୍ରବ ବଢିବାକୁ ନେଇ ମୁଣ୍ଡ ବିନ୍ଧାର କାରଣ ହେଇପଡିଛି । ଯାହାଫଳରେ କି ସାଧାରଣ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ସ୍ଥାୟୀ ସମାଧାନ କରିବା ପାଇଁ ବାରମ୍ବାର ଗତ ବିଜୁ ଜନତାଦଳର ସରକାର ଏବଂ ମୋହନ ସରକାର ହାତୀ ଉପଦ୍ରବକୁ ରୋକିବା ଏବଂ ସ୍ଥାୟୀ ସମାଧାନ କରିବାରେ ପୁରାପୁରି ଫେଲ ମାରିଛନ୍ତି ବୋଲି ଜେଏମଏମ ପକ୍ଷରୁ କୁହାଯାଇଛି । ଯାହାଫଳରେ କି ସରକାରୀ ତଥ୍ୟ ଅନୁସାରେ ଗତ ୬ମାସ ମଧ୍ୟରେ



୩୩ଜଣ ଲୋକଙ୍କର ଜୀବନ ହାନି ହେଇଛି ଏବଂ ଭୟଙ୍କର ବାତାବରଣ ସମ୍ପୃକ୍ତ ଅଞ୍ଚଳ ଗୁଡ଼ିକରେ ସୃଷ୍ଟି ହେବା ସହିତ ଲୋକମାନେ ଶାନ୍ତିରେ ଜୀବନ ଯାପନ କରି ପାରୁନାହାନ୍ତି । ଉକ୍ତ ସମସ୍ୟାର ସ୍ଥାୟୀ ସମସ୍ୟାର ସମାଧାନ ହାତୀ ଉପଦ୍ରବରୁ ଲୋକଙ୍କ ଜୀବନ, ଚାଷଜମି, ଘର, ଗୃହପାଳିତ ପଶୁଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଗଠନ କରାଯାଉ, ହାତୀ ଦ୍ୱାରା ମୃତ ବ୍ୟକ୍ତି ବିଶେଷଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଉ, ହାତୀ ଦ୍ୱାରା ନଷ୍ଟ ହେଉଥିବା ଫସଲ ବାବଦ କ୍ଷତିପୂରଣ ବଜାର ଦର ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରି ଚାଷୀଙ୍କୁ ପ୍ରଦାନ କରାଯାଉ, ହାତୀ ଦ୍ୱାରା ଆଂଶିକ ଭାଙ୍ଗି ଥିବା ଘର ବାବଦରେ ରେ ସରକାରୀ ଧାର୍ଯ୍ୟ ୧୦ହଜାର ଟଙ୍କା ରୁ ୧ଲକ୍ଷ ଟଙ୍କା କୁ ବୃଦ୍ଧି ତତ୍‌ସହିତ ରୋଷେଇ ଘର ଓ ଗୁହାଳ ଘର ଭଙ୍ଗା ବାବଦରେ ୩ହଜାର ଟଙ୍କା ରୁ ୩୦ହଜାର ଟଙ୍କା ଏବଂ ଘର ଭାଙ୍ଗିବା ବାବଦରେକୁ ନଗଦ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଉ ଆଦି ବିଭିନ୍ନ ଦାବି ଜେଏମଏମ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇଛନ୍ତି। ତତ୍‌ସହିତ ଶିମିଳିପାଳ ପାଦ ଦେଶରେ ଥିବା ରାଜସ୍ୱ ଗ୍ରାମର ଗ୍ରାମବାସୀ ମାନେ ବନଜାତ ଦ୍ରବ୍ୟକୁ ସଂଗ୍ରହ କରଥାନ୍ତି ତଥା ମହୁ, ଲାଖ, ମହୁଲ, ଟୁଲ, ଝୁଣା, ପତ୍ର, ଇତ୍ୟାଦି ସଂଗ୍ରହ କରି ବାହାରେ ବିକ୍ରି କରିଥାନ୍ତି । ଏହି ସଂଗ୍ରହ ବେଳେ ନିର୍ଦ୍ଦୋଷ ଆଦିବାସୀ କିମ୍ବା ଗ୍ରାମବାସୀ ମାନଙ୍କୁ ଉକ୍ତ ବନଖଣ୍ଡ ଅଧିକାରୀ ମାନେ ଉକ୍ତ ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା କରି ହଇରାଣ ହରକତକୁ ବନ୍ଦ କରାଯାଉ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ କହିଛନ୍ତି । ଏହି ଦାବୀ ଗୁଡିକ ଏକମାସ ମଧ୍ୟରେ ପୂରଣ କରା ନଗଲେ ଆଗାମୀ ଦିନରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ମୟୂରଭଞ୍ଜ ରାଜ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜେଏମଏମ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟପରିଷଦ ସଦସ୍ୟ ସନାତନ ମୁର୍ମୁ, କେନ୍ଦ୍ରୀୟ ସଭ୍ୟ ଦିବାକର ସୋରେନ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ତରେନ କୁମାର ସେନାପତି, ସୁଜିତ କୁମାର ବେହେରା, ପ୍ରିୟରଞ୍ଜନ ସୋରେନ, ଦୁର୍ଗା ସୋରେନ, ବିକ୍ରମ ମୁର୍ମୁ, ଶିରୀଶ ଟୁଡୁ, ଦାଖିନ ମୁର୍ମୁ ଏବଂ ଶତାଧିକ କର୍ମୀ ସାମିଲ ହୋଇ ଥିଲେ । ସର୍ବଶେଷରେ ରାସଗୋବିନ୍ଦପୁର ବ୍ଲକର ବଡ଼ଗାଁ ପଞ୍ଚାୟତର ସମିତି ସଭ୍ୟ ବରେନ୍ଦ୍ର ରାମ ଦିଶମ ଗୁରୁ ଶିବୁ ସୋରେନ ଓ ରାଜ୍ୟ ସଭାପତି ଅଞ୍ଜନୀ ସୋରେନ୍‌ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଇ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱକୁ ସମର୍ଥନ ଜଣେଇ ବିଧିବଧ ଭାବରେ ଶତାଧିକ କର୍ମୀଙ୍କ ସହିତ ଯୋଗଦାନ କରିଛନ୍ତି ।

## ପ୍ରେମିକାଙ୍କୁ ଛୁରି ଭୂଷି ହତ୍ୟା ଘଟଣା

# ଲଜିଂରେ କ୍ରାଇମସିନ ରିକ୍ରିଏସନ କଲେ ପ୍ରେମିକ, ରକ୍ତଭିଜା ଛୁରୀ ଜବତ

ବ୍ରହ୍ମପୁର, (ସବ୍ୟୁ) : ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆଁ ବସଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଲଜିଂରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଥିଲା । ମୃତ ଯୁବତୀ ଜଣଙ୍କ ଲାଞ୍ଜିପଲି ରେଡିକା ସାହିର ପ୍ରିୟା କୁମାରୀ ମହାରଣା(୨୪) । ହତ୍ୟାକାରୀ ଯୁବକ ଜଣକ ଲାଞ୍ଜିପଲି ଉମା ନଗର ପ୍ରଥମ ଲାଇନର ଅଭୟ ମହାରଣା (୨୪) । ସେ ଗୋଶାଣିନୂଆଗାଁ ଥାନାରେ ଆତ୍ମସମର୍ପଣ କରି ଉକ୍ତ ଲଜିଂରେ ପ୍ରେମିକାଙ୍କୁ ହତ୍ୟା କରିଥିବା ପୋଲିସକୁ କହିଥିଲେ । ପୋଲିସ ଲଜିଂରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ । ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ ।

ମୃତଦେହ ସଂରକ୍ଷଣ ରଖା ଯାଇଥିଲା । ବୁଧବାର ମୃତଦେହ ପଞ୍ଚନାମା ବେଳେ ଯୁବତୀଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ୨୦ ସ୍ଥାନରେ ଛୁରା ମାଡ଼ ହୋଇଥିବା ଜଣାପଡିଛି । ପରେ ବ୍ୟବଛେଦ ପାଇଁ ପଠାଇଛି । ମୃତକଙ୍କ ବାପା ପ୍ରଭାକର ମହାରଣାଙ୍କ ଅଭିଯୋଗ ଆଧାରରେ ପୋଲିସ ୩୨୭/୨୫ ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଅଭୟ ମହାରଣଙ୍କୁ ଗିରଫ କରିଛି । ପୋଲିସ ଅଭିଯୁକ୍ତଙ୍କୁ ଉକ୍ତ ଲଜିଂ ନେଇ ଯୁବତୀଙ୍କୁ ସେ କିଭଳି ଭାବେ ହତ୍ୟା କରିଥିଲେ ତାହାର କ୍ରାଇମସିନ ରିକ୍ରିଏସନ କରିଥିଲା । ସାଇଣ୍ଟିଫିକ ଟିମ ସହାୟତାରେ ସେଠାରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି । ସେଠାରୁ ରକ୍ତଭିଜା ଛୁରୀ, ଅଭିଯୁକ୍ତଙ୍କ ମୋବାଇଲ ଓ ମୃତ ଯୁବତୀଙ୍କ ସ୍କୁଟି ଓ ଅଭିଯୁକ୍ତଙ୍କ ବାଇକ ଜବତ କରିଛି । ମୃତକଙ୍କ ଭିସେରା ସଂଗ୍ରହ ହୋଇଛି । ଅଭିଯୁକ୍ତଙ୍କୁ ଜେରା ବେଳେ ସେ କହିଛନ୍ତି ଯେ, ଉଭୟଙ୍କ ମଧ୍ୟରେ ଦୀର୍ଘବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା । ପ୍ରିୟା ଉଚ୍ଚଶିକ୍ଷିତା ଥିବାବେଳେ ସେ ଏକ ଘରୋଇ ହସ୍ପିଟାଲରେ ଲ୍ୟାବ ଆସିଷ୍ଟାଙ୍କ ଭାବେ କାମ କରୁଥିଲେ । ଅନ୍ୟପଟେ ଅଭୟ କିଛି କାମ କରୁନଥିଲେ । ପ୍ରେମିକାଙ୍କ ଅନ୍ୟତ୍ର ବାହାଘର ପାଇଁ ପ୍ରସ୍ତାବ ଆସିଥିବା ଅଭୟ ଜାଣିବାକୁ ପାଇଥିଲେ । ସେ ପ୍ରତିଶୋଧ ପରାୟଣ ହୋଇ ପ୍ରେମିକାଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ । ମଙ୍ଗଳବାର ଏକ ଲଜିଂ ଆସିବାକୁ ଅଭୟ ତାଙ୍କ ପ୍ରେମିକାଙ୍କ ଫୋନ କରି ସୋମବାର ସନ୍ଧ୍ୟାରେ ଜଣାଇଥିଲେ । ଯୋଜନା ମୁତାବକ ଅଭୟ ପ୍ରଥମେ ଉକ୍ତ ଲଜିଂ ଆସି ୧୧୨ ନଂ ବୁକ କରିଥିଲେ । ସେ ପ୍ରଥମେ ରୁମ ଭିତରକୁ ଯାଇ ଏକ ଛୁରୀ ଲୁଚାଇ ରାଖିଥିଲେ । କିଛି ସମୟ ପରେ ପ୍ରେମିକା ଜଣଙ୍କ ଉକ୍ତ ରୁମକୁ ଆସିଥିଲେ । ଦୀର୍ଘଘଣ୍ଟା ଧରି ସେମାନେ ସେଠାରେ ରହିଥିଲେ । ଶେଷରେ ପ୍ରେମିକାଙ୍କ ତଣ୍ଟିରେ ଛୁରୀ ଭୂଷିଥିଲେ । ପରେ ଛାତି ଓ ପେଟରେ ଏଭଳି ଅନେକ ସ୍ଥାନରେ ଭୂଷିଥିଲେ । ସେ ମରିଯିବା ଭାବି ଅପରାହ୍ନ ସାଢେ ୪ଟା' ରେ ଅଭୟ ରୁମରୁ ବାହାରି ସିଟି ହସ୍ପିଟାଲରେ ଯାଇ ଚିକତ୍ସା ପରେ ଉକ୍ତ ଥାନାରେ ଆତ୍ମସମର୍ପଣ କରିଥିଲେ ବୋଲି ଅଭୟ ଜେରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ।

# ବିଏମସି ଘର ଟିକସ ବୃଦ୍ଧି ପ୍ରସଙ୍ଗ: ପୁଣି ରହିତାଦେଶ ଜାରି କଲେ ହାଇକୋର୍ଟ

ବ୍ରହ୍ମପୁର, (ସବ୍ୟୁ): ମହାନଗର ନିଗମ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ବେଆଇନ୍ ଭାବରେ ଅହେତୁକ ଘରପାନ୍ଥ ବୃଦ୍ଧିକୁ ଯେଉଁପରି ଭାବରେ ନିଗମ କର୍ତ୍ତୃପକ୍ଷ ବ୍ରହ୍ମପୁରବାସୀଙ୍କ ଉପରେ ଜୋର୍ ଜବରଦସ୍ତି ଲଦି ଦେଇଥିଲେ, ତାହା ବିରୁଦ୍ଧରେ ବରିଷ୍ଠ ଆଇନଜୀବୀ, ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ୨୦୨୧ ମସିହାରେ ଏହା ବିରୁଦ୍ଧରେ ମହାନଗର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ । ଏହା ପରେ ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ବେଆଇନ ଘର ପାନ୍ଥ ବୃଦ୍ଧି ବିରୁଦ୍ଧରେ ସେ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଡବ୍ଲ୍.ପି (ସି) ନମ୍ବର- ୧୧୨୯୦ /୨୦୨୧ ରେ ଆଇନଜୀବୀ ଶ୍ରୀ ପଣ୍ଡା ଏକ ମକଦ୍ଦମା ରୁଜୁ କରିଥିଲେ । ଉକ୍ତ ମକଦ୍ଦମାକୁ ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ପ୍ରଥମେ ରହିତାଦେଶ ଜାରୀ କରି ବର୍ଦ୍ଧିତ ଘରପାନ୍ଥ ଆଦାୟ ଉପରେ ରୋକ ଲଗାଇଥିଲେ । ପରବର୍ତ୍ତି ସମୟରେ ଚୂଡ଼ାନ୍ତ ଆଦେଶରେ ମାନ୍ୟବର ଅଦାଲତ ମହାନଗର ନିଗମକୁ ଚାରି ମାସ ମଧ୍ୟରେ କାଉନସିଲ ବୈଠକ ଡାକି ଘରପାନ୍ଥ ବୃଦ୍ଧି ପ୍ରସଙ୍ଗରେ ପୁନଃ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ।

କିନ୍ତୁ ଦୁର୍ଭାଗ୍ୟର କଥା ମହାନଗର ନିଗମ ବେଆଇନ୍ ଘର ଟିକସ ବୃଦ୍ଧିକୁ ଯଥାର୍ଥ ପ୍ରତିପାଦନ କରି ଘରପାନ୍ଥ ବୃଦ୍ଧି ଠିକ୍ ବୋଲି ନିଷ୍ପତ୍ତି ଗ୍ରହଣ କଲେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଆଇନଜୀବୀ ଶ୍ରୀ ପୀତବାସ ପଣ୍ଡା ମହାନଗର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନହୋଇ ପୁଣି ଡବ୍ଲ୍.ପି (ସି) ୮୭୮୪/୨୦୨୫ ପ୍ରକାରେ ବେଆଇନ୍ ଘର ଟିକସ ବୃଦ୍ଧିକୁ ପୁଣି ବିରୋଧ କରି ମାନ୍ୟବର ଅଦାଲତରେ ମହାନଗର ନିଗମର ନିଷ୍ପତିକୁ ଚ୍ୟାଲେଞ୍ଜ କରିଥିଲେ । ବୁଧବାର ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପୁଣି ବର୍ଦ୍ଧିତ ଘରପାନ୍ଥ ବୃଦ୍ଧିକୁ ରୋକ୍ ଲଗାଇବା ସହ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅହେତୁକ ଘର ଟିକସ ବୃଦ୍ଧିର କାରଣ କଣ ବୋଲି ନୋଟିସ୍ ଜାରୀ କରିଛନ୍ତି ।

ଏଠାରେ ଉଲ୍ଲଖଯୋଗ୍ୟ ଯେ ୨୦୨୦ ମସିହାରେ ମହାନଗର ନିଗମ ଯେତେବେଳେ ଘର ଟିକସ ବୃଦ୍ଧି କରିଥିଲେ ସେତେବେଳେ ଜନ ଶୁଣାଣି କରିନାହାନ୍ତି କିମ୍ବା କାଉନସିଲ୍‌ର ଅନୁମତି ନେଇ ନଥିଲେ । ଏଥିପାଇଁ କୌଣସି ସରକାରୀ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରିନଥିଲେ । ଉକ୍ତ ମକଦ୍ଦମାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ସିଦ୍ଧାର୍ଥ ପାଢ଼ୀ ପରିଚାଳନା କରୁଛନ୍ତି ।

# ୫୩ନଂ ୱାର୍ଡରେ ୩୪ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ



କଟକ, (ସ୍ୱପ୍ର): ୫୩ନଂ ଓ୍ୱାର୍ଡ ଅନ୍ତର୍ଗତ ପୃଷ୍ଟି ବଗିଚାରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ୪ ଗୋଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ସେଥିମଧ୍ୟରେ ୧୨ଲକ୍ଷ ଟଙ୍କା ବ୍ୟୟରେ ପୀତବାସ ଗୋଛାୟତଙ୍କ ଘର ଠାରୁ ପ୍ରମୋଦ ସାହୁଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ଏବଂ ସତିଶ ସୋରେନଙ୍କ ଘର ଠାରୁ ପ୍ରମୋଦ ସାହୁଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ।

ସେହିପରି ୫ଲକ୍ଷ ଟଙ୍କା ବ୍ୟୟରେ ପି. କେ ସାହୁଙ୍କ ଘର ଠାରୁ ଦେବେନ୍ଦ୍ର ଷଣ୍ଡଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ, ୫ଲକ୍ଷ ଟଙ୍କା ବ୍ୟୟରେ ମିକ୍ସଚର ଗଳି ଠାରୁ ଶାନ୍ତନୁ ଦାସଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ଏବଂ ୧୨ଲକ୍ଷ ଟଙ୍କା ବ୍ୟୟରେ ମୁକେଶ ଜେନାଙ୍କ ଘର ଠାରୁ ଏମଏସଡବ୍ଲ୍ୟୁ -୧ ରେଡକ୍ରସ ଖେଳ ପଡିଆ ପର୍ଯ୍ୟନ୍ତ ସିସି ଡ୍ରେନ ଆଦି ଅନ୍ତର୍ଭୁକ୍ତ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଓ୍ୱାର୍ଡ ସଭାପତି ସାରଙ୍ଗ ପାଣି ଷଡ଼ଙ୍ଗୀ, ଅମର ସାମନ୍ତରାୟ, ଡ. ବ୍ୟୋମକେଶ କାନୁନଗୋ, ବରିଷ୍ଠ ମୁରବୀ ରଜନୀକାନ୍ତ ପରିଜା, ବିଜୟାନନ୍ଦ ସାହୁ, ନଗେନ ଦାସ, ରାଜନ ମହାପାତ୍ର, ଏସଏଚଜି ଗ୍ରୁପର ସବିତା ନାୟକ, ଡ୍ରମୁଣି ସୋରେନ୍, ସଂଘମିତ୍ରା ପଟ୍ଟନାୟକ, ରୋଜାଲିନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଓ୍ୱାର୍ଡ ବାସୀନ୍ଦା ଉପସ୍ଥିତ ଥିଲେ ।

## ସମୂହ ଛୁଟିରେ ଗଲେ ବୁଗୁଡ଼ାର ୫ ଅଧିକାରୀ

ବୁଗୁଡା, (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ରେ କାର୍ଯ୍ୟରତ ଆଡିସନାଲ କମିସନର ବରିଷ୍ଠ ଓଏଏସ୍ ରତ୍ନାକର ସାହୁ କିଛି ଦୁର୍ବୃତ୍ତଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଘଟଣା ସମ୍ପ୍ରତି ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଥିବା ବେଳେ ସାଧାରଣରେ ଖୁବ୍ ଚର୍ଚ୍ଚାର ବିଷୟ ପାଲଟିଛ । ଏହି ଘଟଣାର ଦୃଢ ପ୍ରତିବାଦ କରିବାକୁ ଯାଇ ବୁଗୁଡାର ତହସିଲଦାର ତାପସ ରାଉତ (ଓଏଏସ୍), ବିଡ଼ିଓ ଦୂତିକୃଷ୍ଣ ପାତ୍ର (ଓଏଏସ୍), ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା (ଓଆରଏସ୍) , ସବରେଜିଷ୍ଟ୍ରର ସବିତା ଦଳାଇ (ଓଆରଏସ) , ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ (ଓଆରଏସ)) ପ୍ରମୁଖ ଅଧିକାରୀଗଣ ସମୂହ ଛୁଟିରେ ଯାଇଥିବା ଜଣାଯାଇଛି । ଫଳରେ ସମ୍ପୃକ୍ତ ବିଭାଗ ଗୁଡିକରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାଯାଇଛି ।

# ରାଇରଙ୍ଗପୁର କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁନୀଲ କୁମାର ଜେନାଙ୍କ ଅବସର

ବାରିପଦା, (ସବ୍ୟୁ) : ଇଂରାଜୀ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ରାଇରଙ୍ଗପୁର କଲେଜର ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିଛନ୍ତି । ଅବସରକାଳୀନ ବିଦାୟୀ ସମାରୋହରେ ଷ୍ଟାଫ୍ କ୍ଲବ୍ ଉପସଭାପତି ଅଧ୍ୟାପକ ପିତାମ୍ବର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ବିରନାରାୟଣ ଚ୍ୟାଉପଟ୍ଟନାୟକ ଓ ବାଣିଜ୍ୟ ବିଭାଗ ମୁଖ୍ୟ ବିଭୂତି ଭୂଷଣ ପାଣିଗ୍ରାହୀ ବିଦାୟୀ ଅଭିଭାଷଣ ରଖିଥିଲେ । ଏଥିସହ ପଦାର୍ଥ ବିଜ୍ଞାନର ମୁଖ୍ୟ ହେମନ୍ତ କୁମାର ଗିରି, ଓଡ଼ିଆ ବିଭାଗର ମୁଖ୍ୟ ଜିତେନ୍ଦ୍ର ମହାନ୍ତ, ବାଣିଜ୍ୟ ବିଭାଗର ଅଧ୍ୟାପିକା ମେନକା ମହାକୁଡ଼, ଓଡ଼ିଆ ଅଧ୍ୟାପିକା ଡଃ. ତନ୍ମୟୀ ରଥ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ବିଦାୟୀ ଅଧ୍ୟକ୍ଷ ଓ ପିଟି ମେଜର ହେମେନ୍ଦ୍ର ରାଉତଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହାପରେ ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବା ପ୍ରାଧ୍ୟାପକ ମନୋହର ବାରିକଙ୍କୁ ସ୍ୱାଗତ କରି ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଶେଷରେ ଷ୍ଟାଫ୍ କ୍ଲବ୍ ସମ୍ପାଦକ ରାଜେଶ ରାମ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ଅଧ୍ୟକ୍ଷ ସୁନୀଲ କୁମାର ଜେନା ମୟୂରଭଞ୍ଜର ଜଣେ ବହୁମୁଖୀ ପ୍ରତିଭା ଅଟନ୍ତି । ମୟୂରଭଞ୍ଜର ସୁଯୋଗ୍ୟ ସନ୍ତାନ ଭାବରେ ସେ ମୟୂରଭଞ୍ଜକୁ ବହୁଭାବେ ଗୌରାବାନ୍ୱିତ କରିଛନ୍ତି । ଏକାଧାରରେ ସେ ଜଣେ ଶିକ୍ଷାବିତ୍, କ୍ରୀଡାବିତ୍, ଗୀତିକାର, ସଂଗୀତ ନିର୍ଦ୍ଦେଶକ, କବି, ନାଟ୍ୟକାର, ଉପନ୍ୟାସକାର, ସଂସ୍କୃତି ଗବେଷକ ଭାବରେ ବହୁ କାର୍ଯ୍ୟ କରିଛନ୍ତି ।



ବାରିପଦାରେ ପୂଜ୍ୟପୂଜା, ମୟୂରଭଞ୍ଜ ସାହିତ୍ୟ ପରିଷଦ, ବଲାଙ୍ଗୀର ମହୋତ୍ସବ, ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ, ମୟୂରଭଞ୍ଜ ଇନଟାକ୍ ଚ୍ୟାପଟର୍ ଓ ତୁଳସୀ ପରିବାର ପ୍ରଭୃତି ବହୁ ଅନୁଷ୍ଠାନର ପରିଚାଳନା କମିଟିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟରତ ଅଛନ୍ତି । ରାଇରଙ୍ଗପୁରର ପରିକ୍ରମା ଓ ବାମନଘାଟି ସାଂସ୍କୃତିକ ପରିଷଦର ମଧ୍ୟ ସଦସ୍ୟ ରହିଛନ୍ତି । ଜଣେ ଲୋକପ୍ରିୟ କ୍ରିକେଟ୍ ଖେଳାଳୀ ହିସାବରେ ସେ ମୟୂରଭଞ୍ଜ ଜିଲ୍ଲା ପାଇଁ ଓପନିଙ୍ଗ୍ ବ୍ୟାଟର୍ ଭାବରେ ୧୨ବର୍ଷ ଖେଳିଛନ୍ତି । ଏଥିସହ ଓଡ଼ିଶା ରାଜ୍ୟ ଦଳ (୧୯ବର୍ଷରୁ କମ୍) ପାଇଁ ପଶ୍ଚିମବଙ୍ଗ ବିରୁଦ୍ଧରେ ବାରବାଟୀ ଷ୍ଟାଡିୟମରେ ଖେଳିଥିଲେ ଓ ୧୯୮୧ ମସିହାରେ ଉକଳ ବିଶ୍ୱବିଦ୍ୟାଳୟରୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି । ସେହିପରି ଝୁମର୍ ସଂଗୀତକୁ ଆଗକୁ ନେବା ପାଇଁ "କାଞ୍ଚାମରିଚ୍ ପାକାବିଲିତି, "ଟୁସୁ ଦୁଲାଲୀ, "ପିତଲ ସିଟି, "ଭାସାବାଦଲ୍ ପ୍ରଭୃତି କ୍ୟାସେଟ୍ ପ୍ରଯୋଜନା କରିଥିଲେ । ଏହାଛଡା "ରୟାଲ୍ ମ୍ୟୁଜିକ୍ ଭକ୍ତି, "ରୟାଲ୍ ମ୍ୟୁଜିକ୍ ଓଡ଼ିଆ ଓ "ରୟାଲ୍ ମ୍ୟୁଜିକ୍ ଝୁର୍ମ ଆଦି ୩ଟିୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି । ତାଙ୍କ ରଚିତ ଅନେକ ଭଜନ କ୍ୟାସେଟ୍, ସିଡି ଓ୍ୟୁଟ୍ୟୁବ୍ ମାଧ୍ୟମରେ ବେଶ୍ ଲୋକପ୍ରିୟତା ହାସଲ୍ କରିଛି । ଏହାଛଡା ମୟୂରଭଞ୍ଜର କଳା ସଂସ୍କୃତି ଉପରେ ବହୁ ଗବେଷଣା ସମ୍ପର୍କିତ ପ୍ରବନ୍ଧ ରଚନା କରିଛନ୍ତି । ତାଙ୍କ ରଚିତ ଗୀତିକବିତା ସଂକଳନ "ଶାଳଫୁଲର ମହକ ପ୍ରକାଶ ଅପେକ୍ଷାରେ । ଏହାବ୍ୟତୀତ୍ ତାଙ୍କର କେତୋଟି ଆଧୁନିକ ଓ ଆଧ୍ୟାତ୍ମିକ କବିତା ପୁସ୍ତକ ଓ ଉପନ୍ୟାସ ମଧ୍ୟ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ।

# ପଦ୍ମିନୀ କେୟାରରେ ଜାତୀୟ ଚିକିତ୍ସକ ଦିବସ

କଟକ, (ସ୍ୱପ୍ର): ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଆଭାସୀ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ଅବସରରେ ଏକ ସୁସ୍ଥ ଓ ନିରାମୟ ସମାଜ ଗଠନରେ ଚିକିତ୍ସକମାନଙ୍କର ଅତୁଳନୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଡ୍ରିମ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପଦ୍ମିନୀ କେୟାର ହସ୍‌ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ଡା.ଦୀପକ କୁମାର ସ୍ୱାଇଁ, ଡା. ସନ୍ତୋଷ କୁମାର ମହାନ୍ତି, ଡା. ଅଶାରାମ ପଣ୍ଡା, ଡା. ବିପ୍ଳବୀ ସାରଙ୍ଗଧର ଦାସ, ଡା. ସୁଜିତ୍ କୁମାର ନନ୍ଦ, ଡା. ସ୍ୱସ୍ତିକ୍ ଆଚାର୍ଯ୍ୟ, ଡା. ବିଷ୍ଣୁ ପ୍ରସାଦ ରଥ, ଡା. ଅଂଶୁମାନ ମହାପାତ୍ର, ଡା. ସୁଶାନ୍ତ ଶତପଥି, ଡା. ବିନୟ ଜୟସ୍ୱାଲ, ଡା. ମୋନାଲି ପଟ୍ଟନାୟକ, ଡା. ଶିଳ୍ପା ମିଶ୍ର, ଡା. ଦୀପ୍ତିମୟୀ ସାହୁ ଡା. ସୋର୍ୟମ୍ୟା ସୁଚରିତା ପଣ୍ଡା, ଡା ଅସ୍ମିତା ରାୟଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ଦିନରେ ଡାକ୍ତରଙ୍କ ତ୍ୟାଗ ଓ ସମର୍ପିତ ଭାବନାକୁ ସମ୍ମାନ ଜଣାଇ କେକ୍ କଟାଯାଇଥିଲା । ଏଥିସହିତ ଏକ ଆଲୋଚନା ଚକ୍ର ପଦ୍ମିନୀ ଅଡିଟୋରିୟମ୍ ରେ ଅନୁଷ୍ଠିତ ହୋଇଥିଲା । ଶୁଭେନ୍ଦୁ ସିଂ ଓ ଶିବ ରାମ ସୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦେବଭୂମି ଜିନ୍ଦଲ ନଗରରେ ହେରା ପଞ୍ଚମୀ ନୀତି ସମ୍ପନ୍ନ



ଅନୁଗୁଳ, (ସବ୍ୟୁ) : ଦେବଭୂମି ଜିନ୍ଦଲ ନଗର ପରିସରରେ ବେଶ ଉତ୍ସାହ ଓ ଭକ୍ତିଭାବର ସହ ମଙ୍ଗଳବାର ହେରା ପଞ୍ଚମୀ ନୀତି ସମ୍ପନ୍ନ ହୋଇଛି । ଦେବଭୂମିର ଆଦ୍ୟ ସେବିକା ତଥା ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ସମସ୍ତ ନୀତି ତୁଲାଇ ଥିଲେ । ପରମ୍ପରାର ପ୍ରତୀକ ଭାବେ ଅନୁଷ୍ଠିତ ହୋଇଥିବା ମା' ମହାଲକ୍ଷ୍ମୀଙ୍କ ପାଲିଙ୍କି ଯାତ୍ରାରେ ମଧ ସେ ଅଂଶଗ୍ରହଣ କରିଥିଲେ । ପୌରାଣିକ ରୀତି ଅନୁଯାଇ, ଭାଇ ଓ ଭଉଣୀଙ୍କୁ ନେଇ ଶ୍ରୀମନ୍ଦିରରୁ ଗୁଣ୍ଡିଚା ଘରକୁ ଯାଇଥିବା ମହାପ୍ରଭୁଙ୍କ ବିଷୟରେ ଅନୁସନ୍ଧାନ କରିବା ପାଇଁ ମା' ଲକ୍ଷ୍ମୀ ଗୁଣ୍ଡିଚା ଘରକୁ ଯାଇଥାନ୍ତି । ହେରା ପଞ୍ଚମୀ ଦିନ ଏହି ପରମ୍ପରାକୁ ପ୍ରତୀକାତ୍ମକ ରୂପରେ ପାଳନ କରାଯାଏ । ବିଧି ଅନୁଯାୟୀ ସକାଳ ୫ଟାରେ ମନ୍ଦିର ଶୋଧ, ମଙ୍ଗଳ ଆରତି, ମଇଲମ, ଅବକାଶ ନୀତି ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ପ୍ରାତଃକାଳୀନ ପୂଜାରେ ହୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ବେଶ ଆରତୀ ଆଦି ପ୍ରମୁଖ ନୀତି କରାଯାଇଥିଲା । ପୂଜା ପରମ୍ପରା ଦେଖିବା ସହ ପ୍ରାର୍ଥନା ଏବଂ ଆଶୀର୍ବାଦ ନେବା ପାଇଁ ଗୁଣ୍ଡିଚା ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।

ଅପରାହ୍ନରେ ମଧ୍ୟାହ୍ନ ଧୂପ ଏବଂ ପହୁଡ଼ ନୀତି ସମ୍ପନ୍ନ ହୋଇଥିବା ବେଳେ ସନ୍ଧ୍ୟାରେ ଆରତୀ, ୬ଟା୦ରେ ଶ୍ରୀଦେବୀଙ୍କ ବେଶ ଲାଗି ଏବଂ ୭ଟାରେ ପଟୁଆରରେ ଦିବ୍ୟ ବିମାନରେ ଯାଇ ଗୁଣ୍ଡିଚା ମନ୍ଦିରରେ ଆଜ୍ଞାମାଳ ବିଜେ ହୋଇଥିଲେ । ସେହିପରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୮ଟା ୩୦ରେ ବଡ଼ ସିଂହାର ବେଶ ସହିତ ରାତିନୀତି ଶେଷ ହୋଇଥିଲା । ବର୍ତ୍ତମାନ ଚତୁର୍ଦ୍ଧାମୁର୍ତ୍ତୀଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ସମସ୍ତ ଶ୍ରଦ୍ଧାଳୁ ଆସନ୍ତା ଶନିବାର ଦିନକୁ ଅପେକ୍ଷା କରି ରହିଛନ୍ତି ।

# ମଧୁସ୍ମିତା ହତ୍ୟା ଘଟଣା : ନ୍ୟାୟ ପାଇଁ ବାପା ମାଆ ଧାରଣାରେ ବସିଲେ

ଢେଙ୍କାନାଳ :ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀ ମନ୍ଦିର ରୋଡରେ ଥିବା ଜନୈକା ନବବଧୂକୁ ଗତ ୨୦୨୪ ଅକ୍ଟୋବର ୨୭ ତାରିଖ ଦିନ ଶାଶୁଘର ହତ୍ୟାକରି ଥିବାର ଥାନାରେ ଅଭିଯୋଗ ହୋଇଥିଲା । ଘଟଣାର ୯ ମାସ ପରେ ପୋଲିସ ସିଂହଙ୍କ ଝିଅ ମୌସୁମୀ ମଧୁସ୍ମିତାକୁ ବୈଦିକ ରୀତିରେ ବିବାହ କରିଥିଲେ । ତାଙ୍କ ଭଉଣୀ ଅଭିଯୋଗ ଅନୁସାରେ ବିବାହର ୪ମାସ ପରେ ମୌସୁମିଙ୍କୁ ନିର୍ଯ୍ୟାତନା ଦେବା ସହିତ ମାଡମାରିବା,ଅଧିକ ଯୌତୁକ ଦାବୀ କରିବା ସହିତ ଶାରିରୀକ ଏବଂ ମାନସିକ

## ପୋଲିସର କାର୍ଯ୍ୟକାରିତାକୁ ନେଇ ସନ୍ଦେହ

ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଥିବା ବେଳେ ନ୍ୟାୟା ପାଇଁ ମୌସୁମୀର ପରିବାର ଧାରଣା ଦେଇଥିବାର ଜଣାପଡିଛି । ପରିବାରକୁ ନ୍ୟାୟ ନମିଳିଲେ ଆତ୍ମାହୂତି ଦେବାକୁ ତାର ମାଆ କହିଛନ୍ତି ।ଗାନ୍ଧୀ ମନ୍ଦିର ରୋଡରେ ରହୁଥିବା ହେମନ୍ତ କୁମାର ମହାପାତ୍ରଙ୍କ ପୁଅ ଶରତ ମହାପାତ୍ର ଗତ ମାର୍ଚ୍ଚ ୬ ତାରିଖରେ ସଦରଥାନା ଝାରଗାଡିଆ ଫାଣ୍ଡି ସିମିନଇ ଗ୍ରାମର ସରୋଜ କୁମାର ନିର୍ଯ୍ୟାତନା ଦେଉଥିଲେ । ଏପରିକି ତାଙ୍କୁ ଚେଙ୍କ ଦେଇଥିବାର ଅଭିଯୋଗ ହୋଇଛି । ଘଟଣାର ୯ ମାସ ପରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନକିରବାରୁ ପରିବାର ବର୍ଗ ଧାରଣା ଦେବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ କହିଛନ୍ତି ।ଏହି ଘଟଣାକୁ ନେଇ ମୌସୁମୀର ମାଆ ବିଜୟଲକ୍ଷ୍ମୀ ସିଂହ ଦୋଷୀଙ୍କୁ ଦଣ୍ଡ ଦେବା ସହିତ ଦିର୍ଘ ୯ ମାସ ପରେ ମଧ ଅପରାଧୀ ମାନେ ବାହାରେ




ବୁଲୁଥିବାର ପ୍ରକାଶ କରିଛନ୍ତି ।

ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଧାରଣା ସହିତ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି ।ପ୍ରକାଶ ଥାଉକି ଗତ ଲକ୍ଷ୍ମୀପୂଜା ଭସାଣ ଦିନ ଗାନ୍ଧୀ ମନ୍ଦିର ରୋଡରେ ରହୁଥିବା ହେମନ୍ତ କୁମାର ମହାପାତ୍ରଙ୍କ ପରିବାର ମୌସୁମୀଙ୍କୁ ନିସ୍ଥୁକ ମାଡ ମାରି ଲହୁ ଲୁହାଣକରି ପକାଇଦେବା ପରେ ଝିଅର ଶାଶୁ ମୌସୁମୀ ବିଷ ଖାଇଦେଇଛି ବୋଲି କହିବା ସହିତ ସେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା କଥା କହିଥିଲେ । ଖବରଶୁଣି ବାପା ସରୋଜ ନିଜ ଝିଅ ଘରକୁ ଯାଇଥିବା ବେଳେ ସେଠାରେ ନିଜ ଝିଅର ମୃତ୍ୟୁ ହୋଇଥିବାର ଦେଖିବାକୁ ପାଇଥିଲେ । ତାଙ୍କ ଝିଅକୁ ପ୍ରବଳ ମାଡ ମାରିବା ପରେ ହତ୍ୟା କରିଥିବାର ଅଭିଯୋଗ କରିଥିଲେ । ଘଟଣାକୁ ନେଇ ସରୋଜ ରାତି ୩ଟା ସମୟରେ ଅଭିଯୋଗ କରିଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

ଥାନାରେ ୭୩୨/୨୪ରେ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ଶାଶୁ ଘର ଲୋକ କେହି ନଥିବାରୁ ବାଧହୋଇ ଝିଅର ବାପା ମାଆଙ୍କୁ ଶବ ହସ୍ତାନ୍ତରକ ରିଥିଲେ ।ସେଠାରୁ ଝିଅର ଶବକୁ ଅଣାଯାଇ ସିମିନଇ ଶ୍ମଶାନରେ ଦାହ କରାଯାଇଥିଲା । ଝିଅର ବାପା ସରୋଜ କୁମାର ସିଂହ ଝିଅର ଶାଶୁ, ଶ୍ୱଶୁର, ଯାଆ ,ନଣନ୍ଦ ଏବଂ ସ୍ୱାମୀଙ୍କ ନାମରେ ଅଭିଯୋଗ କରିଛନ୍ତି ।

# ହିନ୍ଦୋଳ ଏନ୍‌ଏସିରେ ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା

## ବ୍ୟାଟେରୀ ଚାଳିତ ଗାଡି ଅଚଳ, ଭଡ଼ାରେ ଲାଗିଛି ଅଳିଆବୁହା ଗାଡ଼ି

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ ଏ ସି ରେ ଆରମ୍ଭରୁ ପରିମଳକୁ ପରିଚାଳନା କରିବା ଦିଗରେ ବହୁ ଅସୁବିଧା ଲାଗି ରହିଛି । ବିଶେଷ କରି ଘର ମାନଙ୍କରୁ ବର୍ଜ୍ୟବସ୍ତୁ ପରିଚାଳନା କରିବା କ୍ଷେତ୍ରରେ ନାନା ଅସୁବିଧା ଦେଖା ଦେଇଛ । ଏଠାରେ ୧୬ ଟି ୱାର୍ଡରେ ବର୍ଜ୍ୟ ବସ୍ତୁ ପରିଚାଳନା କରିବା ପାଇଁ ଆରମ୍ଭରୁ ୭ ଟି ବ୍ୟାଟେରୀ ଚାଳିତ ଗାଡି ପ୍ରୟୋଗ କରା ଯାଇ ସେବାରେ ନିୟୋଜିତ କରାଯାଇଥିଲା । ସେଥିପାଇଁ ସ୍ଥାନୀୟ ୨ ନଂ ୱାର୍ଡ ହରି ହାଟ ସାହିର ଗୋଟିଏ ମହିଳା ସ୍ୱୟଂ ସହାୟିକା ସଂଘର ମହିଳାଙ୍କୁ ଏହାର ଚାଳନା ଓ ପରିଚାଳନା ପାଇଁ ନିଯୁକ୍ତ କରା ଯାଇଥିଲା । ତେବେ ସେବା ଯୋଗାଇ ଦେବାର ବର୍ଷେ ଦୁଇ ବର୍ଷ ପରେ ୭ ଟି ଗାଡ଼ି ମଧ୍ୟରୁ କେତେ ଗୁଡ଼ିକର ମରାମତି ଆବଶ୍ୟକ ପଡ଼ିଲା । ସଂସ୍ଥା ପକ୍ଷରୁ ଅଳ୍ପ ବହୁତେ ମରାମତି କରା ଯାଇ ପୁଣି ସେବାରେ ଲଗାଇବାର କିଛି ଦିନ ପରେ କେତେକଙ୍କର ଯାନ୍ତ୍ରିକ ତ୍ରୁଟି ସହ ଅନ୍ୟାନ୍ୟ ଅସୁବିଧା ଦେଖା ଦେଲା । ଗତ ବର୍ଷେ ଦେଢ଼ ବର୍ଷ ହେବ ୧୬ ଟି ୱାର୍ଡରେ ଏହି ସେବା ଯୋଗାଇ ଦେବା ପାଇଁ ଶେଷରେ ଦୁଇଟି ଗାଡ଼ି କଷ୍ଟେ ମଷ୍ଟେ ସେବା ଯୋଗାଇ ଦେଇ ଆସୁ ଥିଲେ । ଏବେ ପ୍ରାୟ ସପ୍ତାହେ ହେବ ସେହି ଦୁଇଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ଯିବାରୁ ସଂସ୍ଥା ପକ୍ଷରୁ ଘରୋଇ ଭାବେ ଏକ ଟାଟା ଏସି ଗାଡ଼ିକୁ ଭଡ଼ା ସୂତ୍ରରେ ନିୟୋଜିତ କରା ଯାଇଛି । ଯାହା ୱାର୍ଡର ସାହିମାନଙ୍କୁ ଦୁଇ ଦିନ ଗଲେ ଦୁଇ ଦିନ ଯାଉ ନଥିବାରୁ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଏଭଳି ଅବ୍ୟବସ୍ଥା ଦେଖା ଯାଇଥିବା ବେଳେ ସାମୟିକ ଭାବେ ଭଡ଼ା ଗାଡ଼ି ଲଗା ଯାଇ ଥିବାର ନଜିର ରହିଛି । ହିନ୍ଦୋଳ ଏନ୍ ଏ ସି ଏକ ମାତ୍ର ସଂସ୍ଥା ଯେଉଁଠି ସମସ୍ତ ବ୍ୟାଟେରୀ ଚାଳିତ ଅଳିଆ ବୁହାଗାଡି ଅଚଳ ହୋଇ ପଡ଼ିଛି । ଏଭଳି କୌଣସି ଠାରେ ହେଉ ନାହି । ସଂସ୍ଥା ପକ୍ଷରୁ ଟ୍ୟାକ୍ସ ସଂଗ୍ରହ କାରୀଙ୍କ ଜରିଆର ମାସିକ ସେବାକର ନିୟୋମିତି ଆଦାୟ କରା ଯାଉଥିଲେ ହେଁ ଘରୁ ବର୍ଜ୍ୟ ବସ୍ତୁ ପରିଚାଳନା ଭଳି ସେବା ନିୟୋମିତ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସଂସ୍ଥା କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

# ଅବସର ସୁବେଦାରଙ୍କୁ ବିପୁଳ ସମ୍ବର୍ଦ୍ଧନା

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଜିରିଡାମାଳିର ଶୁଭ୍ରାଂଶୁ ଶେଖର ଦାଶ ଭାରତୀୟ ସ୍ଥଳ ବାହିନୀରେ ଦୀର୍ଘ ୩୦ ବର୍ଷ ସେନାରେ ସୁବେଦାର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଗାଁକୁ ଫେରିବାପରେ ନିଜର ଜନ୍ମମାଟି କାମାକ୍ଷାନଗର ଜିରିଡାମାଳିରେ ଅଞ୍ଚଳବାସୀ, କାମାକ୍ଷାନଗରର ଅବସରପ୍ରାପ୍ତ ସୈନିକ ସଂଘ, ସାମ୍ବାଦିକ ସଂଘ ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ଥାନୀୟ ମହିମା ଟୁଙ୍ଗୀ ନିକଟରୁ ଏକ ଭବ୍ୟ ବାଇକ୍ ଶୋଭାଯାତ୍ରା କରି ସହର ପରିକ୍ରମା କରିବା ସହିତ ସୈନିକ ସଂଘ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ଶୁଭ୍ରାଂଶୁ ଓ ତାଙ୍କର ଧର୍ମ ପତ୍ନୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଦୀର୍ଘ ବର୍ଷ ଧରି ଦେଶ ମାତୃତା ପ୍ରତି ସେବା କରିବାସର ସୁଯୋଗ ପାଇଥିବାରୁ ସେ ନିଜକୁ ଅତି ଗୌରବାନ୍ୱିତ ମନେ କରୁଛନ୍ତି ବୋଲି ନିଜର ଅଭିଭାଷଣରେ ରଖିଥିଲେ ।

# ଓଏଏସ ସଂଘକୁ ରାଜସ୍ୱ ସଂଘର ସମର୍ଥନ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଓଏଏସ ମାନଙ୍କ ତରଫରୁ କଲମଛାଡ ଅନ୍ଦୋଳନ କରାଯାଉଛି। ଏହାକୁ ସମର୍ଥନ କରି ଓଆରଏସ ସଙ୍ଘ ମଧ ସମର୍ଥନ ଜଣାଇଛନ୍ତି। ଆଜି ଏହି ମର୍ମରେ ସଙ୍ଘ ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ ସହିତ ନ୍ୟାୟ ପାଇଁ ଦାବୀ କରାଯାଇଛି। ଭୁବନେଶ୍ୱର ବିଏମସି କାର୍ଯ୍ୟାୟରେ କାର୍ଯ୍ୟରତ ଥିବା ବେଳେ ଅତିରିକ୍ତ ସଚିବଙ୍କୁ ମାଡ ମାରିବା ନେଇ ସାରା ରାଜ୍ୟରେଏହି ଅନ୍ଦୋଳନ କରାଯାଉଛି। ସରକାରଙ୍କ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଅଧିକାରୀ ମାନେ କରୁଥିବା ବେଳେ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାରୀଙ୍କୁ ମାନସିକ ଏବଂ ଶାରିରୀକ ଭାବରେ ଆଘାତ ଦିଆଯାଇଥିବା ବେଳେ ସରକାର ସହଯୋଗ ନକଲେ କାର୍ଯ୍ୟ କରିହେବ ନାହିଁ ବୋଲି ଢେଙ୍କାନାଳ ସଙ୍ଘର ସଭାପତି ପ୍ରକାଶ କରିଛନ୍ତି।

# ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜିଗୋଳର ୫୦ ତମ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ଆନୁକୁଲ୍ୟରେ ପ୍ରତିଷ୍ଠା ଦିବସ ସମାରୋହ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୁଳସା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହ ସଭାରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସ୍ନାୟୁ ରୋଗ ବିଶେଷଜ୍ଞ ଡ. ପ୍ରତାପ କୁମାର ପାଣି, ସମ୍ମାନୀତ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅନୁଗୋଳ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ମିଶ୍ର, ଏନଟିପିସି କଣିହାଁର କାର୍ଯ୍ୟ,ନିର୍ବାହୀ ନିର୍ଦ୍ଦେଶକ କେ ଏନ ରେଡୀ, ଜେଆଇପିଏଲ ର ବରିଷ୍ଠ ଅଧିକାରୀ ପ୍ରଭାତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ମଞ୍ଚାସୀନ ଥିଲେ । କମିଟିର ସଭାପତି ରଞ୍ଜନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେଛ ଅତିଥି ମାନଙ୍କ ସହିତ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ଦିବଙ୍ଗତ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରତିଷ୍ଠାତା, ଛାତ୍ରଛାତ୍ରୀ ଏବଂ ପରିଚାଳନା ସଦସ୍ୟଙ୍କ ସ୍ମରଣାର୍ଥେ ୧ ମିନିଟ ନିରବ ପାର୍ଥନା କରାଯାଇଥିଲା । ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଲୋଗୋକୁ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ମାନେ ଉନ୍ମୋଚନ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଚିର ସଂପାଦକ ଦତ୍ତ କୁମାର ସିଂ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହିତ ଶୈକ୍ଷିକ ବାତାବରଣକୁ ସୁଦୃଢ଼ କରିବା ସଂପର୍କ ରେ ଆଲୋକପାତ କରିଥିଲେ ।

ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ତଥା ସର୍ବସ୍ତରର ଜନସାଧାରଣଙ୍କ ଏକାଗ୍ରତା, ଆଗ୍ରହ ସହିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ମିଶ୍ର ବିଦ୍ୟାଳୟର ମୂଳଦୂଆ ତଥା ପ୍ରତିଷ୍ଠା ସଂପର୍କୀତ କଠିନ ଓ କଷ୍ଟସାଧ ସଂଗ୍ରାମ ଇତିହାସ ସଂପର୍କରେ ଆଲୋଚନା କରିବା ସହିତ ଏହି ଅଂଚଳରେ ମାଧମିକ ବିଦ୍ୟାଳୟର ଆବଶ୍ୟକତାକୁ ଉପଲବ୍ଧି କରି କେତେଜଣ ଶିକ୍ଷାପ୍ରେମୀ, ଶିକ୍ଷାନୁରାଗୀ, ଜ୍ଞାନୀଗୁଣୀ, ଶୁଭାକାଂକ୍ଷୀ ଓ ମହାନ ବ୍ୟକ୍ତିମାନେ ଆଗେଇ ଆସି ୧୯୭୫ ମସିହା ଜୁଲାଇ ୧ ତାରିଖରେ ବିଜିଗୋଳ ଗ୍ରାମରେ ଝାଟିମାଟି ଘରେ ଆରମ୍ଭ ହୋଇଥିଲା ବୋଲି କହିଥିଲେ । ଶିକ୍ଷୟିତ୍ରୀ ନିରୁପମା ଷଡଙ୍ଗୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଭ୍ୟ ପୂର୍ବତନ ଛାତ୍ର ଭିକାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଭାପତି ରଞ୍ଜନ କୁମାର ମିଶ୍ର ଅଭିଭାଷଣ ଦେଇ ସଭା ସାଙ୍ଗ କରିଥିଲେ ।

ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିଛି ବୋଲି କମିଟି ପ୍ରକାଶ କରିବା ସହିତ ୨୦୨୫ ମସିହା ନଭେମ୍ବର ମାସର ଶେଷ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଆହ୍ୱାନ ଦେଇଛି । ଉକ୍ତଦିନ ଅତିଥି ମାନଙ୍କ ଦ୍ୱାରା ଜେଆଇପିଏଲ ପକ୍ଷରୁ ,ନିର୍ମାଣ ହେବାକୁ ଥିବା ମୁଖ୍ୟ ଫାଟକ ଓ ସ୍ଥାୟୀ ମଞ୍ଚ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଫସିଲା ଚୋରା ବାଲି ବୋଝେଇ ଟ୍ରାକ୍ଟର, ଜୀବନଯାତ୍ରା ବ୍ୟାହତ

ଗୋଡ଼ିବନ୍ଧ, (ସବ୍ୟୁ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକର ସମଲ ଥାନା ଅନ୍ତର୍ଗତ ଡଙ୍ଗରବେଡା ଗ୍ରାମରେ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଗାଁ ମଝିରେ ଫସି ରହିଥିବା ଦେଖିବାକୁ ମିଳିଛି । ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ଉକ୍ତ ରାସ୍ତାରେ ଘଣ୍ଟାଘଣ୍ଟା ଧରି ସାଧାରଣ ଲୋକଙ୍କ ଯିବା ଆସିବା ବ୍ୟାହତ ହେଇଛି । ସୂଚନା ଅନୁଯାୟୀ ଡଙ୍ଗରବେଡ଼ା ଗ୍ରାମର ସୁବାସ ମାଝୀ ତାଙ୍କର ଟ୍ରାକ୍ଟର ନଂ ଓଡ଼ି ୧୯ଏନ ୦୨୧୭ ରେ ବହୁ ବର୍ଷରୁ ଚୋରା ବାଲି, ମାଟି ଓ ମୋରମ୍ ବ୍ୟବସାୟ କରି ଆସୁଛନ୍ତି ।



ବାରମ୍ବାର ଅଭିଯୋଗ ସତ୍ୱେ ପୋଲିସ ଓ ରାଜସ୍ୱବିଭାଗ ଆଖିରେ ଧୁଳିଦେଇ ଦିବାରାତ୍ର ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ କରୁଛନ୍ତି। ସଂପୃକ୍ତ ମାଫିଆର ଦୁଇ ଡ୍ରାଇଭର ଚନ୍ଦୁ ପଧାନ ଓ ସରୋଜ ନାଏକ ଉକ୍ତ ଟ୍ରାକ୍ଟରକୁ ବିନା ଲାଇସେନ୍ସରେ ଚଳାଇ ଆସୁଛନ୍ତି। ଏପରିକି ୧୮ବର୍ଷରୁ କମ୍ ନାବାଳକଙ୍କୁ ଶ୍ରମିକ କାର୍ଯ୍ୟରେ ନିୟୋଜନ କରୁଥିବା ନଜରକୁ ଆସୁଛି । ବୁଧବାର ଦିନ ଭୋରରୁ ତାଙ୍କର ଡ୍ରାଇଭର ସରୋଜ ନାଏକ ଚୋରା ବାଲି ନେଇ ସେହି ଗ୍ରାମର ସୁଧାଂଶୁ ଗଡ଼ନାୟକଙ୍କ ନବ ଘରନିର୍ମାଣ ପାଇଁ ଆସିଥିବା ବେଳେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ମଝିରେ ଫସି ରହିଥିଲା। ଫଳରେ ସାଧାରଣ ଲୋକଙ୍କ ଯିବା ଆସିବା ଠପ୍ ହେଇଯାଇଥିଲା। ଏକଥା ଗ୍ରାମ ଲୋକଙ୍କ ନଜରକୁ ଆସିବା ପରେ ସମଲ ଥାନାର ଅଧିକାରୀ ଅରୁଣ କୁମାର ଖିଲାରଙ୍କ ପାଖକୁ ଖବର ଯାଇଥିଲା, ମାତ୍ର ପୋଲିସ ତଦନ୍ତ ଆରମ୍ଭ ହେବା ପୂର୍ବରୁ ସଂପୃକ୍ତ ଟ୍ରାକ୍ଟର ଘଟଣା ସ୍ଥଳରେ ବାଲିକୁ ଅନଲୋଡ କରି ନାଟକୀୟ ଭଙ୍ଗୀରେ ଚମ୍ପଟ୍ ମାରିଥିଲା। ବିନା ଲାଇସେନ୍ସରେ ଗାଡ଼ି ଚାଳନା କରୁଥିବା ବିଷୟରେ ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକ ଓ ମୋଟରଜାନ ସଂରକ୍ଷକ ପ୍ରିୟବ୍ରତ ମହାନ୍ତିଙ୍କୁ ମାଫିଆ ବିରୁଦ୍ଧରେ ଲିଖିତ ଅଭିଯୋଗ କରାଯାଇଛି। କଣିହାଁ ତହସିଲଦାର ଚିନ୍ମୟ କୁମାର ଦାସ,ଅତିରିକ୍ତ ତହସିଲଦାର ଅନୁପ କୁମାର ପରମଗୁରୁ ଓ ଥାନା ଅଧିକାରୀ ଚୋରା ଚାଲାଣ କାରୀ ମାଲିକ ଓ ସଂପୃକ୍ତ ଟ୍ରାକ୍ଟର ବିଷୟରେ ଅବଗତ ଅଛନ୍ତି,କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲ ପ୍ରତିକ୍ରିୟା ରଖିଛନ୍ତି।

# ବଜ୍ରକୋଟ ଜନତା ଉଚ୍ଚ ବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ବାଜ୍ରକୋଟ ପଞ୍ଚାୟତ ଜନତା ଉଚ୍ଚ ବିଦ୍ୟାଳୟର ୬୧ ତମ ପ୍ରତିଷ୍ଠା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ ଉଦଘାଟନ କରିବା ସହ ଛାତ୍ରଛାତ୍ରୀମାନେ ଚରିତ୍ରବାନ ହେବ ସହ ସମାଜରେ ଜଣେ ଭଲ ମଣିଷ ହେବକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଏକନିଷ୍ଠ ହୋଇ ଅଧ୍ୟୟନ କଲେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ



ସରପଞ୍ଚ ପ୍ରଦୀପ ସାହୁ, ସମିତି ସଭ୍ୟ ସିମାଚଳ ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ସାହୁ, ପଞ୍ଚସଖା ଶିକ୍ଷାସେତୁ ସଦସ୍ୟ ରାମଚନ୍ଦ୍ର ଜେନା, ପୂର୍ବତନ ତାମଡା ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ସର୍ବୋଚ୍ଚ ନମ୍ବର ରଖି (ଏ –୧ ) ସ୍ଥାନ ହାସଲ କରିଥିବା ବିଦ୍ୟାଳୟର ଛାତ୍ର ଶୁଭେନ୍ଦୁ ସାହୁ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ସହ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ଲମ୍ବୋଦର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବସନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶାନ୍ତ ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଧାୟକଙ୍କ ଦ୍ୱାରା ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ଅତିଥିଗଣ ବିଦ୍ୟାଳୟରେ ବୃକ୍ଷ ରୋପଣ କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ଦୀପିକା ପ୍ରିୟର୍ଶିନୀ ଭୋଇ, ଶିକ୍ଷକ ଜ୍ୟୋତିକାନ୍ତ ନାଏକ, ସୁରେଶ ସାହୁ, ଶିଶିର ମହାନ୍ତି, ଗିରିଧାରୀ ବରାଳ, ପ୍ରଶାନ୍ତ ବଳ ତଥା ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହୃଦ୍‌ଘାତରେ ପୂର୍ବତନ କାଉନସିଲରଙ୍କ ପରଲୋକ

ତାଳଚେର, (ସବ୍ୟୁ) : ତାଳଚେର ପୌର ପରିଷଦର ପୂର୍ବତନ କାଉନସିଲର ବାବାଜୀ ଚରଣ ରାଉତଙ୍କ ଆଜି ଭୋର ସମୟରେ ପରଲୋକ ଘଟିଛି । ଗତକାଲି ରାତିରେ ସାମାନ୍ୟ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ତାଳଚେର ସରକାରି ଡାକ୍ତରଖାନା କୁ ନିଆ ଯାଇଥିଲା ସେଠାରେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଅନୁଗୁଳ ଜିଲ୍ଲା ମେଡିକାଲ କୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରୁଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସ୍ୱର୍ଗତ ବାବାଜୀ ଚରଣ ରାଉତଙ୍କୁ ମୃତ୍ୟୁ ବେଳକୁ ୬୬ ବର୍ଷ ହୋଇଥଲା । ଜନତା ଦଳ ସମୟରେ ସେ ତାଳଚେର ପୌର ପରିଷଦ ୪ନମ୍ବର ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ସମୟରେ ୱାର୍ଡର ବହୁ ଉନ୍ନତିମୂଳକ କାର୍ଯ୍ୟ ସେ କରିଥିଲେ । ଏଥିସହିତ ସ୍ୱର୍ଗତ ରାଉତ ତାଳଚେର ର ପୂର୍ବତନ ରାଜା ସାହେବ ସ୍ୱର୍ଗତ ରାଜେନ୍ଦ୍ର ଚନ୍ଦ୍ର ଦେବ ତଥା ରାଜ ପରିବାର ବର୍ଗଙ୍କ ସହିତ ଉତ୍ତମ ସଂପର୍କ ରଖି ବିଭିନ୍ନ କାର୍ଯକ୍ରମରେ ସାମିଲ ହେଉଥିଲେ । ତାଳଚେର ରାଇଫୁଲ କ୍ଲବ ର ସଦସ୍ୟ ରହିବା ସହିତ ଅନେକ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ଜଡିତ ରହି ବିଭିନ୍ନ ପ୍ରକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

ଭୁବନ, (ସବ୍ୟୁ) : ଭୁବନ ଏନ୍ ଏ ସି ଅନ୍ତର୍ଗତ କଲେଜ ରୋଡ଼ ନିବାସୀ ଆଦର୍ଶ ଶିକ୍ଷକ ଜୟକୃଷ୍ଣ ସାହୁଙ୍କର ଗତ କାଲି ( ମଙ୍ଗଳବାର) ରାତି ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା । ସେ ଗତ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ୫ ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ । ମର ଶରୀରକୁ ସହର ପରିକ୍ରମା କରାଯାଇ ରଗଡ଼ି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ସାନ ପୁଅ ନୀଳ ମାଧବ ସାହୁ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଜୟକୃଷ୍ଣ ସାହୁ ୧୯୬୦ ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିବା ବେଳେ ୧୯୮୦ ରୁ ୧୯୯୭ ଦୀର୍ଘ ୧୭ ବର୍ଷ କାଳ ଭୁବନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ ।

# ରୋଟାରୀ କ୍ଲବ୍ ପାଳିଲା ଡାକ୍ତର ଦିବସ




ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ରୋଟାରୀ କ୍ଲବ୍ ତରଫରୁ ଜାତୀୟ ଡାକ୍ତର ଦିବସ ପାଳନ କରାଯାଇଅଛି । ଏହି ଅବସରରେ ସକାଳ ସମୟରେ ପୂର୍ବତନ ରୋଟାରିଆନ୍ ଡ. ବଳଭଦ୍ର ରାମ ଏବଂ ଡ. ବିଧୁଭୂଷଣ ନନ୍ଦଙ୍କ ଗୃହରେ ରୋଟାରିଆନ୍‌ମାନେ ପୁଷ୍ପଗୁଚ୍ଛ ଏବଂ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଢେଙ୍କାନାଳ ଡାକ୍ତରଖାନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସଞ୍ଜୟ କୁମାର ମହାପାତ୍ର ସମେତ ବିଭିନ୍ନ ବିଭାଗର ଡାକ୍ତରମାନଙ୍କୁ ରୋଟାରିଆନ୍‌ମାନେ ଉତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସନ୍ଧ୍ୟା ସମୟରେ ରୋଟାରି ଭବନଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ସଭାପତି ରୋ. ସାଗରିକା ମିଶ୍ର ସଭାପତିତ୍ୱ କରିଥିଲେ । ସଂପାଦକ ରୋ. ତପନ କୁମାର ପାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଢେଙ୍କାନାଳ ଡାକ୍ତରଖାନାରେ କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ସାହୁଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଡ. ସାହୁ ତାଙ୍କ ଅଭିଭାଷଣ ରଖିଥିଲେ । ରୋଟାରି କ୍ଲବ୍‌ର ସଦସ୍ୟ ରୋଡ୍ ଅବୋଧ କୁମାର ମହାପାତ୍ର, ଡ. ଭବାନୀ ଶଙ୍କର ଦାଶ, ଲକ୍ଷ୍ମୀ ନାରାୟଣ ନନ୍ଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ସେମାନେ ନିଜର ଅଭିଭାଷଣ ରଖିଥିଲେ । ଡାକ୍ତରମାନେ ମଣିଷ ଜୀବନ ପାଇଁ ନିଜକୁ ବଳିଦାନ ଦେଇ କିପରି ସଂଘର୍ଷ କରୁଛନ୍ତି ସେ ବିଷୟରେ ଆଲୋଚନା କରାଯାଇଥିଲା ।

ରୋଟାରିଆନ୍ ରାଜେନ୍ଦ୍ର ଦାସ, ପୂର୍ବତନ ସଭାପତି ହରେକୃଷ୍ଣ କର, ନବିନ ଚନ୍ଦ୍ର ନାରାୟଣ ଦାସ, ବିରଂଚି ନାରାୟଣ ପାଣି, ବିନୋଦ ଅଗ୍ରୱାଲା, ଅଭିମନ୍ୟୁ ସାହୁ, ବିଶ୍ୱଜିତ୍ ଦାସଗୁପ୍ତା, ବି.ଏସ୍. ସିଂହଦେଓ, ମହେଶ ପ୍ରସାଦ ଅଗ୍ରୱାଲା, ପ୍ରଦୋଶ ଶତପଥୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରୋଟାରିଆନ୍ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଇନର୍‌ହ୍ୱିଲ୍ କ୍ଲବ୍ ସଭାପତି ଅଳକାନନ୍ଦା ସିଂହଦେଓ, ସଂପାଦିକା ମିନଲ ସିଂହଦେଓ, ସଦସ୍ୟାବୃନ୍ଦ, ରୋଟ୍ରାକ୍ଟ କ୍ଲବ୍‌ର ସୌମ୍ୟବ୍ରତ ସାହୁ ଓ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ ।

# ହିଙ୍ଗୁଳା ପାଠାଗାର ପକ୍ଷରୁ ପାଠ୍ୟୋପକରଣ ବଣ୍ଟନ

ସାଉଥବଲଣ୍ଡା,(ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଗୋପାଳପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ବନବାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ଜ୍ୟୋତିଷ ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବରେ ପାଠାଗାରର ବରିଷ୍ଠ ସଦସ୍ୟ ସାଗର ପ୍ରଧାନ ଓ ପଞ୍ଚାନନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ପାଠାଗାର ପକ୍ଷରୁ ବିଦ୍ୟାଳୟର ୩୨ ଜଣ ଛାତ୍ରଛାତ୍ରୀମାନଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି ସହିତ ଖାତା, କଲମ, ପେନସିଲ୍, ରବର ଇତ୍ୟାଦି ପାଠ୍ୟୋପକରଣ ବଣ୍ଟନ କରା ଯାଇଥିଲା । କାର୍ଯ୍ୟକ୍ରମକୁ ପାଠାଗାରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପରିଚାଳନା କରିଥିଲେ । ଏହି ଅବସରରେ ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ହେଉଥିବା ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଆମ କୁନାକୁନିକୁ ବିଦ୍ୟାଳୟର ପାଠାଗାରକୁ ସଂପାଦକ ଶ୍ରୀ ସ୍ୱାଇଁ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପାଠାଗାରର ସଂପାଦକ ଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ

ଠାକୁରଗଡ଼, (ସବ୍ୟୁ): ସୋମବାର ଦିନ କିଶୋରନଗର ଥାନା ଫାସୀ ପାଳ ନିକଟରେ କଣ୍ଟେନର ଧକ୍କାରେ ମୃତ ଜାତୀୟ ରାଜପଥ ପେଟ୍ରୋଲିଙ୍ଗ କରୁଥିବା ହଣ୍ଡପା ପୋଲିସ ଭ୍ୟାନର ଚାଳକ ବଡ଼ ଡ଼ଙ୍ଗୀଆଣି ଗ୍ରାମର ବିଭୁତି ଭୂଷଣ ପ୍ରଧାନଙ୍କ ପରିବାରକୁ ବୁଧବାର ଦିନ ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଭେଟି ସମବେଦନା ଜଣାଇଛନ୍ତି । ସେ ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ପ୍ରଧାନଙ୍କର ଗୋଟିଏ ପୁଅ ହୋଇ ଥିବା ବେଳେ ଗାଡି ଯାଞ୍ଚ କରୁଥିବା ବେଳେ କଣ୍ଟେନର ତାଙ୍କୁ ଧକ୍କା ଦେଇଥିଲା । ସ୍ୱର୍ଗତ ବିଭୁତି ଙ୍କ ବାପା ଲିଙ୍ଗ ରାଜ ଙ୍କୁ ଭେଟିବା ସହ ଆଲୋଚନା କରିଥିଲେ । ଏଥିସହ ତାଙ୍କ ପରିବାର କୁ କିପରି ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ସେ ନେଇ ସରକାର ଙ୍କୁ ଦାବି କରିବେ ବୋଲି କହିଥିଲେ । ଏଥିସହ ଭାଜପା ନେତା ଜେନା ମଣି ପ୍ରଧାନ ଉପସ୍ଥିତ ଥିଲେ ।

# ହେରାପଞ୍ଚମୀରେ ଅଭିମାନ କରି ରଥ ଭାଙ୍ଗିଲେ ମହାଲକ୍ଷ୍ମୀ

ତାଳଚେର, (ସବ୍ୟୁ) : ଜଗତରନାଥ ଜଗନ୍ନାଥ ମହାବାହୁଙ୍କ ପ୍ରଥା ତାଳଚେର ଗଡ଼ରେ କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ଆଶାମାସ ଶୁକ୍ଳପକ୍ଷ ଷଷ୍ଠୀତିଥି ହେରାପଂଚମୀ ଜଗନ୍ନାଥଙ୍କର ଏହି ଉତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇ ଆସୁଛି । ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରା ମା'ଲକ୍ଷ୍ମୀ ଲକ୍ଷ୍ମୀକୁ ସାଥିରେ ନନେଇ ଜନ୍ମବେଦୀ ଗୁଣ୍ଡିଚା ଅଭିମୁଖେ ଯାତ୍ରା କରିଥିବାରୁ ସେ ଅଭିମାନ କରିବା ସହ ରାଗି ଯାଇଛନ୍ତି ।



ତେଣୁ ସେ ତାଳଚେର ରାଜା ସାହେବ୍ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମାକୁ ସେବାୟତଙ୍କ ଦ୍ୱାରା ସ୍ୱତନ୍ତ୍ର ବିମାନ ବସାଇ ଗୁଣ୍ଡିଚା ମନ୍ଦିର ଅଣାଯାଇଥିଲା ଓ ସେଠାରେ ପାରମ୍ପାରିକ ବଚନିକା ପରେ ତୀବ୍ରତୋର ହୋଇ ବଡ଼ଦେଉଳକୁ ଫେରିବା ସମୟରେ କାଳିଆ ସାଆନ୍ତେଙ୍କ ରଥକୁ ଭାଙ୍ଗି ଦେଇଛନ୍ତି । ତେବେ ଏହି ହେରାପଂଚମୀ ସମାରୋହ ଦେଖିବାକୁ ବହୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା । ଲକ୍ଷ୍ମୀଙ୍କର ଏହି ରାଗରଷା ଓ ଅଭିମାନ ଯୋଗୁଁ ମହାପ୍ରଭୂଙ୍କ ନିର୍ଦ୍ଦେଶରେ ରଥମୋଡ଼ ହେବ ଓ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବା ତିନିଦିଅ ପ୍ରସ୍ତୁତ ହେବେ ।

## ବୈତରଣୀ ନଦୀରେ ବନ୍ୟା
# ପ୍ରଶାସନ ଅବହେଳାରୁ ବୁଡ଼ି ରହିଛି ବୋଟ

ବୋଲକ,(ସବ୍ୟୁ): କ ସପ୍ତାହ ହେବ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଡାଙ୍ଗରିରେ ବର୍ଷାଜଳ ଥିବାବେଳେ ଚାଷ କାର୍ଯ୍ୟହୋଇ ପାରିନଥିବା ବେଳେ ବୈତରଣୀ ନଦୀରେ ବନ୍ୟା ଆସିଛି। ପ୍ରଧାନୀ ପଂଚାୟତର ସଭଲେଇ ଠାରେ କୋଚିଲା ନଦୀବନ୍ଧ ଦୁର୍ବଳ ହୋଇଥିବାରୁ ଜଳସେଚନ ବିଭାଗ ଏସଡିଓ କିଶୋର ଦାସ,ମନ୍ତ୍ରୀ ପ୍ରତିନିଧି ଅଶୋକ ପୁହାଣ,ଅର୍ଦ୍ଧନପୁର ସରପଞ୍ଚ ପ୍ରତିନିଧି ଉମେଶ ମହାନ୍ତି ପ୍ରମୁଖ ଉପସ୍ଥିତିରେ ବନ୍ଧ କାର୍ଯ୍ୟ ମରାମତି ଚାଲିଛି। ତେବେ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟା ଜଳ ଜମୁ ଥିବାରୁ ବିପଦ ନାହିଁ ବୋଲି ଏସଡିଓ ଶ୍ରୀ ଦାସ କହିଛନ୍ତି। ସେହିପରି ଧାମନଗର ବ୍ଲକ ଅଧିନ ପଂଚାୟତର କଞ୍ଚାପାରାରୀ ଓ ମିଶ୍ରପୁର ଠାରେ ବୈତରଣୀ ନଦୀରେ ୧୦ଟି ବୋଟ ରହିଥିବାବେଳେ ସେଥିମଧ୍ୟରୁ ଦୁଇଟି ବୋଟ ନଷ୍ଟହୋଇ ଯାଇଛି। ତେବେ ୮ଟି ବୋଟ ପାଇ ୧୯ଜଣ ଡ୍ରାଇଭର ଥିବାବେଳେ ସେମାନଙ୍କୁ ବିଡ଼ିଓ କିମ୍ବା ତହସିଲଦାର ଅନୁମତି ଦେଇ ନଥିବାରୁ ସେମାନେ ବୋଟ ପାଖରେ ଉପସ୍ଥିତ ଥିବାବେଳେ ଜଣେ ସ୍ଥାୟୀ ଡ୍ରାଇଭର ବ୍ଲକରେ ପିଅନ କାର୍ଯ୍ୟ କରୁଥିବାବେଳେ ବୋଟ କଥା କୁହୁ ନାହାନ୍ତି। ଏପଟେ କଞ୍ଚାପାରି ନିକଟରେ ଏକ ବୋଟ ବୁଡିରହିଥିବା ବେଳେ ଅଚାନକ ବନ୍ୟା ଆସିବାରୁ ସେ ବୋଟକୁ ଉଠା ଯାଇ ପାରିନାହିଁ। ସେପଟେ ମିଶ୍ରପୁର ଠାରେ ମଧ ଏକ ବୋଟ ଅଚଳ ହୋଇପଡ଼ିଛି ସେଲେ ବନ୍ୟା ପାଇ ପ୍ରଶାସନ ପ୍ରସ୍ତୁତ ନଥିବା ଭଳିମନେ ହେଉଛି। ଏପଟେ ଧାମନଗର ବିଡିଓ ବନବିହାରି ବିଷ୍ଣ ଓ ତହସିଲଦାର ଲୋକନାଥ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ପ୍ରଶାସନସ୍ତରରେ କାର୍ଯ୍ୟଚକ୍ର ଆନ୍ଦୋଳନ ଥିବାରୁ ସେଦିଗରେ କିଛି କହି ପାରିବେ ନାହିଁ। ସୂଚନାଥାଉକି ଗତ ମାସ ଉକ୍ତ ବୋଟ ମରାମତି ପାଇଁ ପାଖାପାଖି ୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଅଚଳ ବୋଟକୁ ମରାମତି କରାଯାଇ ନଥିବା ଏପଟେ ବୋଟ ବୁଡି ରହିଛି। ଖୋଦ ରାଜ୍ୟସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଶକ୍ତିଶାଳୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିଜ ନିର୍ବାଚନମଣ୍ଡଳୀ ଧାମନଗରରେ ବୋଟ ମରାମତି ଦୁର୍ନୀତି ହୋଇଛି। ଏପଟେ ବନ୍ୟା ସମୟରେ ଅଧିକାରିଙ୍କ ମନମୁଖୀ କାର୍ଯ୍ୟକୁ ସଧାରଣରେ ନାପସନ୍ଦ କରିଛନ୍ତି।

# ପୋକରା ଚାଉଳକୁ ନେଇ ସ୍ୱୟଂସହାୟିକା ଗୋଷ୍ଠୀ ସମ୍ପାଦିକାଙ୍କ ତୁମୁଳକାଣ୍ଡ

ଭଦ୍ରକ,(ସବ୍ୟୁ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୨୯ ଜଣ ଛାତ୍ରଛାତ୍ରୀଙ୍କୁ ପୋକରା ଓ ନଷ୍ଟ ହୋଇଯାଇଥିବା ଚାଉଳକୁ ରାନ୍ଧିବାବେଳେ ପ୍ରଧାନଶିକ୍ଷକ ରଣିକାନ୍ତ ବେହେରା ପହଞ୍ଚି ଚାଉଳକୁ ନରାନ୍ଧିବା ପାଇଁ ତାଗିଦ୍ କରିଥିଲେ । ପରେ ପରେ ସେ ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧର କୁମାର ତରାଇ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ମଞ୍ଜୁଲା ନାୟକଙ୍କୁ ଫୋନ୍‌ରେ ଜଣାଇଥିଲେ । ଏହାପରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ବିଶ୍ୱାଳ, ସଭ୍ୟ ଓ ଅଭିଭାବକମାନେ ଉପସ୍ଥିତ ହୋଇ ଏପରି ଚାଉଳକୁ ରାନ୍ଧିବା କୋମଳମତି ଶିଶୁମାନଙ୍କ ପାଇଁ ବିପଦଜନକ ହୋଇଥିବାରୁ ଏହାକୁ ତୀବ୍ର ବିରୋଧ କରିଥିଲେ । ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ନମିତା ଭାରତୀ ତୁ ଭଜନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଉଲଟା ଏହି ଚାଉଳ କାହିଁକି ରାନ୍ଧିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ପରାମର୍ଶକୁ ନମାନି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟକୁ ପଶିଆସି ପାଟିତୁଣ୍ଡ କରିଥିଲେ ଏବଂ ସେହି ଚାଉଳକୁ ରାନ୍ଧିବା ପାଇଁ ଜିଦ୍ ଧରିଥିଲେ । ପରେ ସମସ୍ତେ ବିରୋଧ କରିବାରୁ ଏହାକୁ ବଦଳାଇ ନୂତନ ହୋଇ ଆସିଥିବା ଚାଉଳକୁ ରାନ୍ଧିବା ପାଇଁ ଦେଇଥିଲେ । ପ୍ରକାଶଥାଉକି, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ଉପରେ ଗୁରୁତ୍ୱ ଦେଇ ଗୁଣାତ୍ମକ ଖାଦ୍ୟ ଦେବାପାଇଁ ନିର୍ଦ୍ଦେଶ ଥିବାବେଳେ ଏବଂ ଏଭଳି ନଷ୍ଟ ଓ ନିମ୍ନମାନର ଚାଉଳକୁ ନଦେବା ପାଇ ସରକାରଙ୍କ ତରଫରୁ ବାରମ୍ବାର ଚିଠି ହୋଇଥିଲେ ମଧ ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ସରକାରଙ୍କ ଏହି ନିର୍ଦ୍ଦେଶ ଓ ଉପଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରିବାର ଏହା ଏକ ଚରମ ନିଦର୍ଶନ ବୋଲି ମନେ ହୁଏ । ସଂପୃକ୍ତିକାଙ୍କ ଏତାଦୃଶ ବ୍ୟବହାର ଓ ମନୋବୃତ୍ତିରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଛାତ୍ରଛାତ୍ରୀ ଏବଂ ନିକଟସ୍ଥ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

# ହେରାପଞ୍ଚମୀ : ରଥକାଠ ଭାଙ୍ଗିଲେ ଅଭିମାନିନୀ ମହାଲକ୍ଷ୍ମୀ



ନୀଳଗିରି, (ସବ୍ୟୁ) : ପବିତ୍ର ହେରାପଞ୍ଚମୀ ଶ୍ରୀଗୁଣ୍ଡିଚା ଯାତ୍ରାର ପଞ୍ଚମଦିବସ ଷଷ୍ଠୀତିଥିରେ ଅଭିମାନିନୀ ମହାମାୟୀ ମା ଲକ୍ଷ୍ମୀସାଆନ୍ତାଣୀ ରୋଷକରି ଶରଧାବାଲିରେ ଅବସ୍ଥିତ ନନ୍ଦିଘୋଷ ରଥ ନିକଟରେ ପହଞ୍ଚି ରଥକାଠ ଭାଙ୍ଗିବା ନୀତି ସମ୍ପନ୍ନ ହୋଇଛି। ଜଗନ୍ନାଥ ପରମ୍ପରା ଅନୁଯାୟୀ ବଡ଼ଠାକୁର ଶ୍ରୀମନ୍ଦିରରେ ସ୍ତ୍ରୀ ଲକ୍ଷ୍ମୀ ଠାକୁରାଣୀଙ୍କୁ ଏକୁଟିଆ ଛାଡି ନଅ ଦିନ ପାଇଁ ଭାଇଭଉଣୀ ସହିତ ଜନ୍ମବେଦୀକୁ ଲୀଳାଖେଳା କରିବାପାଇଁ ଆସିଥିବା କାରଣରୁ ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରାଗରଖି ଭେଟକରିବା ଉଦ୍ଦେଶ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା କରିଥିଲେ। ଏହା ହେଉଛି ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ବିଶେଷ ଅଂଶ। ଏହି କ୍ରମରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ମଙ୍ଗଳବାର ରାତ୍ର ପ୍ରାୟ ୭.୩୦ସମୟରେ ସେବାୟତ ମାନେ ଏକ ସୁସଜ୍ଜିତ ବିମାନରେ ଘଣ୍ଟା ବାଜା, କାହାଳୀ ବଜାଇ ମା ଲକ୍ଷ୍ମୀ ଠାକୁରାଣୀଙ୍କ ଗୋପନରେ ଗୁଣ୍ଡିଚାବିଜେ ନୀତି କରାଇଥିଲେ। ବାଟରେ ବଡଦାଣ୍ଡ ଉପରେ ଠିଆହୋଇଥିବା ରଥର ଏକପାର୍ଶ୍ୱରେ ଥିବା କାଠକୁ ମହାଲକ୍ଷ୍ମୀ ଭାଙ୍ଗି ଦେଇଥିଲେ। ପରେ ଗୋପନରେ ମହାପ୍ରଭୁଙ୍କ ଦର୍ଶନ କରି ବଡ଼ଦେଉଳ ଫେରିଆସିଥିବା ନୀତି ସମ୍ପନ୍ନ ହୋଇଥିଲା।

# ଦୁଇ ବାଇକ୍ ଚୋରି

ସୋର,(ସବ୍ୟୁ): ସୋର ଥାନା ନଟାପଡା ପଞ୍ଚାୟତ ରାଧାବଲ୍ଲଭପୁର ଗ୍ରାମରୁ ଦୁଇଟି ବାଇକ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଯୋଗେଶ୍ୱର ବେହେରା ତାଙ୍କର ଓଡି ୦୧ ଏଲ ୮୨୯୭ ନମ୍ବର ବିଶିଷ୍ଟ ହୋଣ୍ଡା ଲିଭୋ ବାଇକ ଓ ମାନସ ରଞ୍ଜନ ବେହେରା ତାଙ୍କର ଓଡି ୦୧ ଆର୫୪୮୮ ନମ୍ବର ବିଶିଷ୍ଟ ହୋଣ୍ଡା ସାଇନ ବାଇକକୁ ଘର ଅଗଣାରେ ରଖିଥିଲେ। ରାତିରେ ବାଇକ ଦୁଇଟି ସେଠାରେ ଥିବା ବେଳେ ସକାଳୁ ଗାଡି ରଖାଯାଇଥିବା ସ୍ଥାନରେ ଦେଖିବାକୁ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାତ୍ର ଗାଡିର କୌଣସି ସନ୍ଧାନ ନପାଇ ଶେଷରେ ନିରାଶ ହୋଇ ସୋର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ମୁଳେ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଅସମ୍ପୂର୍ଣ୍ଣ ପ୍ରୋଟେକ୍ସନ ୱାଲ ନିକଟରେ ଖସିଲା ମାଟି ଅତଡା

ଧୂଷୁରୀ, (ସବ୍ୟୁ) : ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସାହାସପୁର ପଂଚାୟତ ଅଧୀନସ୍ଥ ଜଗନ୍ନାଥ ସାହି ଗାଁ ପାଖରେ ଗେଙ୍ଗୁଟି ନଦୀ ପ୍ରବାହିତ ହେଉଛି। ଏହି ନଦୀ ଏବେ ଗାଁ ପାଇଁ ଦୁଃଖ ପାଲଟିଛି। ଗ୍ରାମବାସୀଙ୍କ ନିର୍ମିତ କୋଠା ଘର ଗୁଡିକ ଏବେ ନଦୀ ଗର୍ଭରେ ଲୀନ ହେବା ଭଳି ପରିସ୍ଥିତି ଦେଖା ଦେଇଛି। ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ନିର୍ମିତ ହୋଇଛି ପ୍ରୋଟେକ୍ସନ ୱାଲ। ଅର୍ଦ୍ଧ ନିର୍ମିତ ଏହି ୱାଲକୁ ଗତକାଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍ଘାଟନ କରିଥିଲେ। ଉଦ୍ଘାଟନର ୧୦ ଘଣ୍ଟା ନପୁରୁଣୁ ସୁରକ୍ଷା ୱାଲ ନିକଟରେ ପ୍ରାୟ ୫୦ଫୁଟ ଚଉଡାର ମାଟି ଅତଡା ଖସିଛି। ମାଟି ଅତଡା ଖସିବା ପରେ ଗ୍ରାମବାସୀମାନେ ଆତଙ୍କିତ ହୋଇ ପଡିଛନ୍ତି। ମଙ୍ଗଳବାର ସକାଳୁ ସକାଳୁ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଧର୍ମକୁ ଆଖିଠାର ମାରିବା ଭଳି ଅତଡା ଖସିଥିବା ସ୍ଥାନରେ ବିଭାଗ ବାଉଁଶ ଜାଫର ଦେଇ ବାଲିବସ୍ତା ପ୍ୟାକିଂ କରିବାକୁ ଅଣ୍ଟା ଭିଡିଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଏବେ ଲୋକ ଲୋଚନକୁ ଆସିଛି। ବୈତରଣୀ ନଦୀରେ ପ୍ରଥମ ବନ୍ୟାଜଳ ଏହି ନଦୀ ଦେଇ ପ୍ରବାହିତ ହେଉଛି। ବାଉଁଶ ଜାଫର ଓ ବାଲିବସ୍ତା ଏହି ଗ୍ରାମକୁ କେତେ ସୁରକ୍ଷା ଦେବ ଏ ନେଇ ପ୍ରଶ୍ନ ଉଠିଛି। ପ୍ରୋଟେକ୍ସନ ୱାଲ ନିର୍ମାଣ ବର୍ଷାଦିନ ପୂର୍ବରୁ ଶେଷ ହେବା ଲାଗି ସମୟ ଧାର୍ଯ୍ୟହୋଇଥିଲେବି ଏହା କାହିଁକି ଶେଷ ହୋଇନାହିଁ ବୋଲି ଗ୍ରାମବାସୀ ମାନେ ପ୍ରଶ୍ନ କରିଛନ୍ତି। ଏଥି ସହିତ ଏହାର ନିରପେକ୍ଷ ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟକରୁଥିବା ଠିକାଦାର ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସଡିଓ କିଶୋର ଦାସଙ୍କୁ ପଚାରିବାରୁ ସେ କହିଲେ ବର୍ଷା ଲାଗି ରହିବାରୁ ସୁରକ୍ଷା ୱାଲ ନିର୍ମାଣ କାଯ୍ୟ ସରିଲା ନାହିଁ ସେଠାରେ ବାଉଁଶ ଜାଫର କରାଯାଇ ବାଲିବସ୍ତା ଦିଆଯାଉଛି। ପରେ ସ୍ଥାୟୀ ପ୍ରୋଟେକ୍ସନ ୱାଲ କରାଯିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

# ରଥଯାତ୍ରାରେ ସମ୍ବାଦ ସଂଗ୍ରହ ପାଇଁ ସାମ୍ବାଦିକଙ୍କୁ ପୋଲିସର ରୋକ

ନୀଳଗିରି,(ସବ୍ୟୁ): ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ନିଳଗିରି ରେ ଘୋଷ ରଥ ଯାତ୍ରାରେ ପୋଲିସର ଦବଙ୍ଗଗିରି ପାଇଁ ନୀଳଗିରିର କିଛି ସାମ୍ବାଦିକ ବଂଧୁ ମାନଙ୍କୁ ନିଜର ଆଇ କାର୍ଡ ସହିତ ନିଳଗିରି ପୋଲିସ ପକ୍ଷରୁ ଦିଆଯାଇଥିବା ପାସ୍ ଦେଖାଇଲା ପରେବି ପୋଲିସ ତଥ୍ୟ ସଂଗ୍ରହ ପାଇଁ ସାମ୍ବାଦିକଙ୍କୁ ଛାଡ଼ିନଥିଲା। ଫଳରେ ସାମ୍ବାଦିକ ବନ୍ଧୁ ଜଣକ କିଛି ନ କହି ରଥ କଡନ ରୁ ଫେରିଆସିଥିବାର ପ୍ରକାଶ କରିଛନ୍ତି। ଉକ୍ତ ପ୍ରସଙ୍ଗ ନିଳଗିରି ସାମ୍ବାଦିକ ମହଲରେ ଜଣାଇବା ପରେ ଏକ ଜରୁରୀ ବୈଠକ ବସିଥିଲା। ତେବେ ସମସ୍ତ ପରିଚୟ ପତ୍ର ଦେଖାଇବା ପରେ ପୋଲିସ କଣ ପାଇଁ ଛାଡ଼ି ନଥିଲା, ତାହା ସାମ୍ବାଦିକ ମହଲରେ ଘୋର ନିନ୍ଦା କରାଯାଇଛି। ନୀଳଗିରିର ରଥଯାତ୍ରାକୁ ସାରା ଜଗନ୍ନାଥ ପ୍ରେମୀଙ୍କୁ ପ୍ରସାର ପ୍ରଚାର କରୁଥିବା ଗଣମାଧ୍ୟମକୁ ପୋଲିସ୍ ରୋକ୍ ଦେଲେ କୋଉ କାରଣରୁ ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ତୁରନ୍ତ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ବାହୁଡା ଯାତ୍ରା ରେ ଏକ ଅସନ୍ତୋଷ ବାତାବରଣ ସୃଷ୍ଟି ହୋଇ ପାରେ ବୋଲି ସୂଚନା ଦିଆଯାଇଛି। ତୁରନ୍ତ ନିଳଗିରି ଏସ ଡି ପି ଓ ଦୃଷ୍ଟି ଦେବାକୁ ସାମ୍ବାଦିକ ମହଲରେ ଦାବୀ ହେଉଛି।

# ମଦ ଜବତ ଜଣେ ଗିରଫ

ଧୂଷୁରୀ,(ସବ୍ୟୁ): ବେଆଇନ ଭାବେ ଚୋରାରେ ମଦ ବିକ୍ରି କରିବା ଅଭିଯୋଗରେ ଧୂଷୁରୀ ଥାନା ପୁଲିସ ଧାମନଗର ବ୍ଲକ ବୟାଙ୍ଗଡ଼ିହ ପଂଚାୟତ ଗୁଡୁପୋଖରୀ ଗ୍ରାମର କରୁଣାକର ବେହେରା(୫୪)ଙ୍କୁ ଗିରଫ କରିଛି। ଅରୁଣ ବଜାର ନିକଟ ଗୁଡୁପୋଖରୀ ଗ୍ରାମର କରୁଣାକର ଚୋରାରେ ଦେଶୀ ମଦ ବିକ୍ରି କରୁଥିବା ନେଇ ପୁଲିସ କୌଣସି ପ୍ରକାର ଜାଣିବାକୁ ପାଇଥିଲା। ସୋମବାର ଦିନପୁଲିସ ଚଢ଼ାଉ କରି ଅଭିଯୁକ୍ତ ଠାରୁ ୫୦ଟି ଆସ୍କା ଫର୍ଟି ଦେଶୀ ମଦ ଜବତ କରିଛି। ଏନେଇ ଧୂଷୁରୀ ଥାନାରେ କେସ ନଂ-୧୧୮/ ୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ କରୁଣାକରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ନାଳିଆ ନଦୀରେ ବନ୍ୟା ଅର୍ଣ୍ଣପାଳ, ବିଷ୍ଣୁପରବିନ୍ଧା ଜଳାର୍ଣ୍ଣବ

ଅସୁରାଳି,(ସବ୍ୟୁ):ସାଳନ୍ଦୀର ଶାଖା ନଦୀ ନାଳିଆରେ ଚଳିତ ବର୍ଷର ପ୍ରଥମ ବନ୍ୟା ପରିସ୍ଥିତି ଦେଖା ଦେଇଛି। ନାଳିଆର ବନ୍ୟାଯୋଗୁଁ ମୁଖ୍ୟତ ଭଦ୍ରକ ବ୍ଲକର ଅର୍ଣ୍ଣପାଳ ଏବଂ ବିଷ୍ଣୁପର ବିନ୍ଧା ପଞ୍ଚାୟତ ସମେତ ଧାମନଗର ବ୍ଲକର କଟସାହି ପଞ୍ଚାୟତର କିଛି ଅଂଚଳ ପ୍ରଭାବିତ ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହଦଗଡ଼ ଡ୍ୟାମରୁ ଜଳ ନିଷ୍କାସନ କରାଯାଇଛି। ଏଥିପାଇଁ ସାଳନ୍ଦୀର ମୁଖ୍ୟ ଶାଖା ନାଳିଆରେ ଜଳସ୍ତର ବୃଦ୍ଧି ପାଇଛି। ଆଜି ଅପରାହ୍ନ ଠାରୁ ନାଳିଆର ପାଣି କୂଳ ଡେଇଁ ବିଲବାଡ଼ି ଓ ଗାଁ ମଧ୍ୟକୁ ପ୍ରବେଶ କରିଛି। ଚବିଶେଷକରି ଏହାର ପ୍ରଭାବ ଭଦ୍ରକ ବ୍ଲକର ବିଷ୍ଣୁପର ବିନ୍ଧା-ଅର୍ଣ୍ଣପାଳ ପଞ୍ଚାୟତରେ ଦେଖା ଦେଇଛି। ଅର୍ଣ୍ଣପାଳ ହାଟ ଭିତରକୁ ବନ୍ୟା ଜଳ ପ୍ରବେଶ କରିବା ସହ ବିଷ୍ଣୁପରବିନ୍ଧା,ଦେଉଳପାଳ, ବାରିକପୁର ପ୍ରଭୃତି ରାସ୍ତା ଉପରେ ପାଣି ଚାଲୁଥିବା ଜଣାଯାଇଛି। ବନ୍ୟା ଜଳ ଶୁଶୁଆ ମହାଳିକ ସାହି,ବାରିକପୁର ଜେନା ସାହି ଆଦି ତଳିଆ ଜନବସତିକୁ ପ୍ରବେଶ କରିଛି। ଓକରା, ଲାଙ୍ଗୁଡ଼ି ମହାଦେବ ସାହି,ବିଷ୍ଣୁପର,ରାଜ ମୁକୁନ୍ଦପୁର,ବାରିକପୁର, ଦେଉଳପାଳ ଆଦି ଅଂଚଳର ଶତାଧିକ ହେକ୍ଟର ଚାଷଜମିକୁ ମାଡ଼ିଥିବା ଜଣାପଡିଛି। ଅନ୍ୟପକ୍ଷରେ ନାଳିଆ ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ଧାମନଗର ବ୍ଲକର କଟସାହି ପଂଚାୟତ ଅନ୍ତର୍ଗତ ଗୁହାଳିପାଳ,ନନ୍ଦୋର, ଜଗନ୍ନାଥପୁର, ମହାଦେବ ସାହି ଆଦି କେତେକ ଗ୍ରାମର ଚାଷ ଜମି ବୁଡିଥିବା ଜଣାପଡିଛି। ବର୍ଷା ନହେବା ଏବଂ ହଦଗଡ଼ ଡ୍ୟାମରୁ ଜଳନିଷ୍କାସନ ହାର ହ୍ରାସ ପାଇଥିବାରୁ ଆସନ୍ତାକାଲି ଗୁରୁବାର ପରିସ୍ଥିତି ସୁଧୁରିଯିବ ବୋଲି ଅନୁମାନ କରାଯାଉଛି।

# ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର,(ସବ୍ୟୁ) :କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ମା' ନାମରେ ଗଛଟିଏ ଚାରା ବିତରଣ କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ଏହାକୁ ଉଦ୍ଘାଟନ କରି ୧ମାସ ପାଇଁ ଚାରା ବିତରଣ କରାଯିବ ବୋଲି କହିଥିଲେ । ମାତ୍ର ୧ ଟଙ୍କାରେ ଆଧାର ପରିଚୟ ପତ୍ର ଦେଇ ଲୋକମାନେ ଚାରା ନେଇପାରିବେ । ଏଠାରେ ପିଜୁଳି, ଆତ, ଡାଳିମ୍ବ, ବଉଳ, କାଜୁ, ଶାଗୁଆନ,ଶିଶୁ, ଲେମ୍ବୁ,ଅଁଳା,ଓଉ ,ଶାଳ,ଚମ୍ପା, ଅଶୋକ, ବାହାଡା, ହରିଡା,ପଣସ, ଆମ୍ବ, କାଞ୍ଚନ, କଦମ୍ବ, ଅମୃତଭଣ୍ଡା, ମହୁଲ, ନିମ୍ବ, କରଞ୍ଜ, ମେହଗାନି,କୁସୁମ ଆଦି ଚାରା ବଂଟନ କରାଯାଉଛି । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରିୟାନ ଦେବବ୍ରତ ସଓ୍ୱାଇଁ,ହରିହର ମହାନ୍ତ,ଏସିଏଫ ଅଶୋକ କୁମାର ଦାସ,ଡକ୍ଟର ସୁଦିପ୍ତ କୁମାର ପଣ୍ଡା,ସଦର ରେଞ୍ଜର ଅଜି କୁମାର ଦାସ,ଅବସରପ୍ରାପ୍ତ ରେଞ୍ଜର ବିଜୟ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଚାରା ବିକ୍ରୟ କେନ୍ଦ୍ରରେ ପ୍ରଥମ ଦିନରେ ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚାରା ବଂଟନ କରାଯାଇଛି ।

# ମଦ ବିକି ଦୁଇ ଗିରଫ

ଅସୁରାଳି,(ସବ୍ୟୁ) :ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ଧୂଷୁରୀ ପୁଲିସ ରଞ୍ଜନ କୁମାର ପଣ୍ଡା(୫୨) ଏବଂ ସୁଜିତ ରାୟ(୪୨) ନାମକ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଧୂଷୁରୀ ଥାନା ପକ୍ଷରୁ ବମକୁରା ପଂଚାୟତ ଅନ୍ତର୍ଗତ ଖଡ଼ିମାହାରା ଗ୍ରାମରେ ଚଢ଼ାଉ କରି ରଞ୍ଜନ ପଣ୍ଡାଙ୍କ ନିକଟରୁ ଦେଶୀ ଆସ୍କା ଫର୍ଟି ମଦ ଜବତ କରିଛି। ସେହିପରି ସାହସପୁର ଅଂଚଳରେ ଚଢ଼ାଉ କରି ସୁଜିତ ରାୟଙ୍କ ଠାରୁ ଆସ୍କା ଫର୍ଟି ମଦ ଜବତ କରାଯାଇଛି। ଦୁଇଟି ଘଟଣାରେ ପୃଥକ ମାମଲା ରୁଜୁ ହୋଇଛି। କେସ ନଂ-୩୨୦/୨୫ ମୂଳେ ସୁଜିତ ରାୟ ଏବଂ କେସ ନଂ-୩୨୧/୨୫ରେ ରଞ୍ଜନ ପଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଜଣାପଡ଼ିଛି।

# ରେମୁଣା ଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ଚିତ୍ତାକର୍ଷକ ରାସଲୀଳା



ବାଲେଶ୍ୱର, (ସବ୍ୟୁ) : ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ପ୍ରତିବର୍ଷ ଭଳି ରଥ ଉତ୍ସବର ଚତୁର୍ଥ ଦିନରେ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ସାଙ୍ଗକୁ ସମସ୍ତ ରୀତିନୀତି ସମ୍ପନ୍ନ ପରେ ସକାଳ ୧୦ଟା ୩୦ରୁ ୧୨ଘଟିକା ତୁଳସୀ ଅଭିଷେକ, ଅପରାହ୍ନ ୩ଟା ୩୦ରୁ ୪ଟା ୩୦ ବିଭିନ୍ନ କଳାକାରଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ, ୪ଟା ୩୦ରୁ ୬ଟା ହନୁମାନ ଚାଳିଶା, ସନ୍ଧ୍ୟା ୬ଟା ୩୦ ରୁ ୮ଟା ୩୦ ପର୍ଯ୍ୟନ୍ତ ସୁଦୂର ଋଷିକେଶରୁ ଆସିଥିବା କଳାସଂସ୍ଥାନ ଦ୍ୱାରା 'ସତୀଦାହ' ଆଧାରିତ ଶ୍ରୀକୃଷ୍ଣଚରିତ ରାସଲୀଳା ଦର୍ଶକମାନଙ୍କୁ ବେଶ୍ ବିମୋହିତ କରିଥିଲା। ଶ୍ରୀକ୍ଷେତ୍ର ରୀତିନୀତି ଅନୁଯାୟୀ ଆଜି ପବିତ୍ର 'ହେରାପଞ୍ଚମୀ' ଅବସରରେ ମା'ଲକ୍ଷ୍ମୀଙ୍କ ଦ୍ୱାରା ରଥଭଙ୍ଗା କାର୍ଯ୍ୟକ୍ରମ ବେଶ୍ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।ଉପରୋକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶିଲ୍ କୁମାର ଗୋଏଙ୍କା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁରୂପଭାବେ ପ୍ରତିଦିନଭଳି ଆଗନ୍ତୁକ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦସେବନ, ପାନୀୟଜଳ ଓ ସୁରକ୍ଷାବ୍ୟବସ୍ଥା ମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବାବେଳେ ଇମାମୀ ନଗର ଗୁଣ୍ଡିଚା ମନ୍ଦିର ପରିସର ବେଶ୍ ଜଗନ୍ନାଥ ମହାପ୍ରଭୁଙ୍କର ଭାବ ଆବେଗରେ ପରିପୂର୍ଣ୍ଣ ହୋଇଛି।

# ପୋଖରୀରେ ବୁଡି ଦିବ୍ୟାଙ୍ଗ ମୃତ

ଧୂଷୁରୀ,(ସବ୍ୟୁ): :ନଦି ଗାଁ ପଞ୍ଚାୟତ ଅନ୍ତର୍ଗତ ତିନି ଘରିଆ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଜିତୁ ବସନ୍ତିଆ , ବୟସ ୧୯ ପିତା:- ଉମାକାନ୍ତ ବସନ୍ତିଆଙ୍କ ଦିବ୍ୟାଙ୍ଗ ପୁଅ ଜିତୁ(୧୯) ଙ୍କର ପୋଖରୀରେ ମୃତ୍ୟୁ ହେଇଯାଇଛି। ଜିତୁ ବୁଧବାର ଅପରାହ୍ନ ୩ ଟା ସମୟରେ ଶୌଚ ହେବାକୁ ଯାଇଥିଲେ ବିଲ ପାଖ ପୋଖରୀ କୁ ମାତ୍ର ଅସାବଧାନତା ଯୋଗୁଁ ଗୋଡ ଖସି ଯାଇ ପୋଖରୀ ରେ ବୁଡି ଯାଇଥିଲେ। ଦୁଇ ଘଣ୍ଟା ବିତିଯାଇ ଥିଲେ ମଧ ଘର କୁ ନ ଫେରିବାରୁ, ଘର ଲୋକ ଖୋଜାଖୋଜି କରିବା ପରେ ୫ ଟାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧୂଷୁରି ପୋଲିସ ଅଧିକାରୀ ଅଜୟ ସୁଦର୍ଶନ ବାଗେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ତଦନ୍ତ ଚଳାଇଛନ୍ତି। ଏହି ଘଟଣା ରେ ସମସ୍ତ ଗ୍ରାମବାସୀ ଶୋକାକୁଳ ପରିସ୍ଥିତି ଦେଖାଯାଇଛି।

# ଗାଁକୁ ଆସିଲା ମରଶରୀର

ସିମୁଳିଆ,(ସବ୍ୟୁ): ଗତ ୩୦ତାରିଖ ସୋମବାର ଦିନ ତେଲେଙ୍ଗାନାର ସାଙ୍ଗରେଡି ଜିଲ୍ଲା ପଶମିଳାଆରାମ ଶିଳ୍ପାଞ୍ଚଳ ରାସାୟନିକ ଫାର୍ମରେ ବିସ୍ଫୋରଣରେ ପ୍ରାଣ ହରାଇଥିବା ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ଅନନ୍ତ ରାଉତଙ୍କ ପୁତ୍ର ମନୋଜ ରାଉତ(୪୨)। ୨୦୦୧ ମସିହା ଠାରୁ ମନୋଜ ରାସାୟନିକ କାରଖାନାରେ କ୍ୱାଲିଟ ମ୍ୟାନେଜର ଭାବରେ କାଯ୍ୟ କରୁଥିଲେ। ରଜକୁ ଘରକୁ ଆସିଥିବା ବେଳେ କାରଖାନାରୁ ମାଲିକଙ୍କ ଫୋନ ଆସିବାରୁ କାମରେ ଯୋଗ ଦେବାକୁ ପଳାଇ ଯାଇଥିଲେ। ଗତ ୩୦ ତାରିଖରେ କାରଖାନାରେ ଦୁର୍ଘଟଣା ଘଟିବାରୁ ମନୋଜଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ ଶବ ଚିହ୍ନି ପାରି ନଥିଲେ। କେବଳ ହାତରେ ଡେଉଁରିଆ ପାଇଁ ମନୋଜର ଶବକୁ ଚିହ୍ନି ପାରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମନୋଜଙ୍କର ସ୍ତ୍ରୀ ଉର୍ମିଳା ଓ ଦୁଇଟି ପୁଅ ଅଶ୍ୱନିକାନ୍ତ (୧୧)ବର୍ଷ ଏବଂ ରଜନୀକାନ୍ତ (୫)ବର୍ଷ ଥିବା ବେଳେ ସ୍ୱାମୀ ମନୋଜଙ୍କୁ ହରାଇ ଭାଙ୍ଗି ପଡିଛନ୍ତି। ମୃତ ମନୋଜଙ୍କ ଶାଳକ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

# ବିଧବାଙ୍କୁ କୋଦାଳରେ ହାଣି ହତ୍ୟା

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ପଞ୍ଚାୟତର ଫୁଲପାହାଡ଼ି ଗ୍ରାମ ଭାଲୁଘରା ସାହିର ଜଣେ ୫୫ ବର୍ଷୀୟା ବିଧବା ମହିଳାଙ୍କୁ ବୁଧବାର ସକାଳେ କୋଦାଳରେ ହାଣି ବିଭତ୍ସ ଭାବେ ହତ୍ୟା କରାଯାଇଛି।ମୃତ ବିଧବା ଜଣକ ହେଉଛନ୍ତି ତୁଳସୀ ହେମ୍ବ୍ରମ। ଫୁଲପାହାଡ଼ି ଗ୍ରାମ ଭାଲୁଘରା ସାହିର୪୫ ବର୍ଷୀୟ ମାନସିକ ବିକାରଗ୍ରସ୍ତ ଯୁବକ ଗେଡୁ ନାଏକ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଛି। ସେ ଏକ କୋଦାଳରେ ବିଧବା ମହିଳା ଜଣଙ୍କୁ ଖଣ୍ଡ ଖଣ୍ଡ କରି ହାଣିବା ସହିତ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଛି। ସ୍ଥାନୀୟ ଗ୍ରାମବାସୀ ଘଟଣା ସମ୍ପର୍କରେ ପ୍ରଥମେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପାଟଣା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଗେଡୁ ନାଏକ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ମୃତ ଶରୀରକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅଭିଯୁକ୍ତ ଗେଡୁ ନାଏକ ଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ସୂଚନା ଦେଇଛନ୍ତି।

# ଧସିଲା ଖଣି ଅତଡ଼ା : ଚାପି ହୋଇଗଲେ ୩

ଯୋଡ଼: (ସବ୍ୟୁ): ବୁଧବାର କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବିଛାକୁଣ୍ଡି ନିକଟସ୍ଥ ଦଲପାହା ନିକଟରେ ଥିବା ପରିତ୍ୟକ୍ତ ଖଣିରୁ ମାଟି ଅତଡ଼ା ଖସିବା ଫଳରେ ତିନି ଜଣ ଲୋକ ଚାପି ହୋଇଯାଇଛନ୍ତି। ପ୍ରବଳ ବର୍ଷା ସାଙ୍ଗକୁ ସମ୍ପୃକ୍ତ ଅଞ୍ଚଳ ଘନ ଅନ୍ଧାର ହୋଇଥିବାରୁ ସେମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ପାରିନାହିଁ।ଘଟଣାସ୍ଥଳରେ ଯୋଡ଼ା ଓ ବାମେବାରି ପୁଲିସ ପହଞ୍ଚିଛନ୍ତି। କିନ୍ତୁ ପ୍ରବଳ ବର୍ଷା କାରଣରୁ ତଦନ୍ତ ବାଧାପ୍ରାପ୍ତ ହୋଇଥିବା ଯୋ ଥାନା ଆଇଆଇସି ସୁଶାନ୍ତ ପ୍ରଧାନ କହିଛନ୍ତି। ତେବେ ମାଙ୍ଗାନିଜ ଚୋରା ଚାଲାଣବେଳେ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ବିଭାଗ, ଆବଶ୍ୟକ ପ ଓଡ୍ରାଫର ସହାୟତା ନିଆଯିବ ବୋଲି କୁହାଯାଇଛି।

# ଟାଟା ଷ୍ଟିଲ ଯୋଡାର ବନ ମହୋତ୍ସବ




କେନ୍ଦୁଝର, (ସ୍ୱପ୍ର): ଟାଟା ଷ୍ଟିଲ ଯୋଡା ପକ୍ଷରୁ ବନ ମହୋତ୍ସବ ବୁଧବାର ଯୋଡା ସହର ଅନ୍ତର୍ଗତ ବନେଇକଳା ଠାରେ ପାଳିତ ହୋଇଯାଇଛି ଔଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ଜଣ ସାମ୍ବାଦିକ ସାମିଲ ହୋଇ ଶାଳ, ଶିଶୁ, ଗମ୍ଭାରୀ, କଞ୍ଚନ ଏବଂ କୁଡୁଚୀ ଭଳି ବିଭିନ୍ନ କିସମ ର ଚାରା ରୋପଣ କରିଥିଲେ । ଏହି ଚାରା ରୋପଣ ଜାପାନ ର ମିୟାଓ୍ୱାକି ପଦ୍ଧତି କୁ ଅବଲମ୍ବନ କରି କରାଯାଇଥିଲା ଯାହାକି ବୃକ୍ଷର ସ୍ଥାନୀୟ ପ୍ରଜାତି ଦାରା ଅଳ୍ପ ସମୟରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇପାରିବ । ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର, ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷର ଉପାଦେୟତା ଏବଂ ପରିବେଶ ସନ୍ତୁଳନ ରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ ।ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପାଇଁ ଗଛ ର ବହୁଳ ଆବଶ୍ୟକତା ରହିଛି ଏବଂ ଏହାକୁ ଆବାଳବୃଦ୍ଧବନିତା ହୃଦୟଙ୍ଗମ କରି ଚାରା ରୋପଣ କରିବା ର ସମୟ ଆସିଛି ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେ। ବନ ମହୋତ୍ସବ ପ୍ରତି ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ପାଳନ କରାଯାଇଥାଏ । ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଇବା କାର୍ଯ୍ୟକ୍ରମରେ ସାମିଲ କରିବା ସହ ସଚେତନତା ସୃଷ୍ଟି କରାଇବା ହେଉଛି ଏହି ବନ ମହୋତ୍ସବର ଉଦ୍ଦେଶ୍ୟ।


यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଟିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୧୧.୦୭.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| **ଟିଟିଲାଗଡ ଶାଖା, ହୋଲ୍ଡିଂ ନଂ.: ୬୩, ସିନେମାହଲ ଛକ, ଟିଟିଲାଗଡ, ରେଳୱେ ଷ୍ଟେସନ ରୋଡ, ଜିଲ୍ଲା: ବଲାଙ୍ଗିର-୭୬୭୦୩୩, ମୋ: ୮୩୦୫୮୨୧୬୬୬** | | | |
| ୧. | ବିପିନ ମେହେର, ମାର୍ଫତ: ଆନନ୍ଦ ସାହୁ, ହାଟପଡାପରା, ୱାର୍ଡ ନଂ.: ୪, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୩ / ୩୪୦୧୨୬୫୪୦୦୦୦୬୬୧ | ଟ.୯,୩୫୧/- + ସେ ବାବଦ ସୁଧ | ୨.୦୨ |
| ୨. | ବିପିନ ମେହେର, ମାର୍ଫତ: ଆନନ୍ଦ ସାହୁ, ହାଟପଡାପରା, ୱାର୍ଡ ନଂ.: ୪, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୩ / ୩୪୦୧୨୬୫୪୦୦୦୦୬୧୨ | ଟ.୩୧,୨୨୦/- + ସେ ବାବଦ ସୁଧ | ୨.୨୮ |
| **ପାରଳାଖେମୁଣ୍ଡି ଶାଖା, ମାର୍କେଟ ସ୍କୋୟାର, ଅମନ ପ୍ଲାଜା, ପାରଳାଖେମୁଣ୍ଡି, ମୋ: ୯୮୮୫୭୬୯୩୨୫** | | | |
| ୧. | ଶ୍ରୀ ବଡ କୃଷ୍ଣ, ପିତା: ବଡ ସିମାଞ୍ଚଳ, ସୁଇପର କଲୋନୀ, ୱାର୍ଡ ନଂ.: ୧, ପାରଳାଖେମୁଣ୍ଡି-୭୬୧୨୦୦ / ୪୦୬୯୦୬୬୩୦୦୦୧୨୩୩ | ଟ.୫୨,୯୭୬/- + ସେ ବାବଦ ସୁଧ | ୧୩.୦୦ |
| ୨. | ଶ୍ରୀ ବଡ କୃଷ୍ଣ, ପିତା: ବଡ ସିମାଞ୍ଚଳ, ସୁଇପର କଲୋନୀ, ୱାର୍ଡ ନଂ.: ୧, ପାରଳାଖେମୁଣ୍ଡି-୭୬୧୨୦୦ / ୪୦୬୯୦୬୫୪୦୦୧୮୪୯୩ | ଟ.୧,୩୪,୧୪୬.୫୭ + ସେ ବାବଦ ସୁଧ | ୨୯.୦୦ |
| ୩. | ଶ୍ରୀ ଶଣନାମ ହାରିସ, ମାର୍ଫତ: ଶଣନାମ ଦିଲେଶ୍ୱର ରାଓ, ଦବନୀକପୁର, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦ / ୪୦୬୯୦୬୬୩୦୦୦୧୧୯୪ | ଟ.୫୩,୬୬୯.୬୨ + ସେ ବାବଦ ସୁଧ | ୧୩.୦୦ |
| ୪. | ଶ୍ରୀ ସକୋରକା ରଇତ, ମାର୍ଫତ: ବିର ରଇତ, ଗ୍ରାମ: ଆଲିଗ୍ଧା, ପୋ: ଦେବଦଳ, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦ / ୪୦୬୯୦୬୬୩୦୦୦୧୧୮୪ | ଟ.୨୧,୬୭୬.୯୩ + ସେ ବାବଦ ସୁଧ | ୬.୦୦ |
| **ମାଲକାନଗିରି ଶାଖା, ଠିକଣା: ଡୋର ନଂ.: ୧୪, ଚିଦାନନ୍ଦ ଷ୍ଟ୍ରିଟ୍, ମାଲକାନଗିରି-୭୬୪୦୪୫, ମୋ.: ୭୯୮୯୧୮୩୭୯୮** | | | |
| ୧. | ଗୁରୁ ଖେମୁଣ୍ଡୁ, ପିତା: ମାଧବ ଖେମୁଣ୍ଡୁ, ସା: ପାପୁଲୁର, ମଧୁମାଳ, ମାଲକାନଗିରି-୭୬୪୦୫୨ / ୨୧୭୨୧୬୫୪୦୦୦୦୧୨୪ | ଟ.୪୨,୨୪୫.୭୪ + ସେ ବାବଦ ସୁଧ | ୧୦.୦୦ |
| ୧. | ବଲବିର ସିଂହ, ନେତାଜୀ ନଗର ଡିଏନକେ, ମାଲକାନଗିରି-୭୬୪୦୪୮ / ୨୧୭୨୧୬୬୩୦୦୦୦୦୩୯ | ଟ.୭୯,୩୯୦/- + ସେ ବାବଦ ସୁଧ | ୧୯.୪୦ |
| ୩. | କମଳ ବରୋଇ, ଏମଭି ୧୬, ତମସା, ମାଲକାନଗିରି-୭୬୪୦୪୫ / ୨୧୭୨୧୬୫୪୦୦୦୦୦୮୧ | ଟ.୩୨,୧୯୮.୬୮ + ସେ ବାବଦ ସୁଧ | ୧୦.୨୦ |
| **କାଜପୁର ଶାଖା, ଠିକଣା: ପୁତ୍ ଅଫିସ୍ ନିକଟ, କାଜପୁର ଗ୍ରାମ, ଜିଲ୍ଲା: ଗଜପତି-୭୬୧୨୦୦, ମୋ.: ୭୦୩୬୧୨୮୨୮୦** | | | |
| ୧. | ଯକ୍ଷ୍ୟ ଗମାଙ୍ଗ, ମଣ୍ଡଳ ସାହି, ଗୁମ୍ମା ବ୍ଲକ୍, ଗିର ଅଳୟଗଡ, ଜିଲ୍ଲା: ଗଜପତି, ଓଡ଼ିଶା / ୨୪୯୮୧୬୬୩୦୦୦୦୨୮୦ | ଟ.୫୧,୬୩୦.୮୦ + ସେ ବାବଦ ସୁଧ | ୧୨.୦୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟରେ ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ନିଶ୍ଚିତୀକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ରାୟଗଡା, ତାରିଖ: ୦୨.୦୭.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ସଲାସୁତୁରାରେ ପଡ଼ିଲା ବାଲିବସ୍ତା

ଧୂଷୁରୀ,(ସବ୍ୟୁ) :ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନସ୍ଥ ପଧାନି ପଂଚାୟତ ଅନ୍ତର୍ଗତ ସଇଲୋ ଗ୍ରାମ ପାର୍ଶ୍ୱରେ ଥିବା କୋଚିଲା ନଦୀବନ୍ଧକୁ ଗ୍ରାମରେ ପୂଜା ପାଉଥିବା ପ୍ରଭୁ ବାସୁଦେବ ଭରସା। ତା'ହୋଇନଥିଲେ ଚଳିତ ବର୍ଷ ପ୍ରଥମ ବନ୍ୟାରେ ନଦୀବନ୍ଧ ଭାଙ୍ଗି ଗାଁ ଭାସି ଯାଇଥାନ୍ତା। ଏହି ନଦୀବନ୍ଧ ଦୁଇଥର ଧସି ଥିଲେବି ଜଳସମ୍ପଦ ବିଭାଗ ଅଧିକାରୀ,ଠିକାଦାର ଓ କିଛି ରାଜନେତାଙ୍କ ସଲାସୁତୁରାରେ ଲକ୍ଷଲକ୍ଷ ଖର୍ଚ୍ଚ କରାଯାଇ ଏହାର ମରାମତି କାର୍ଯ୍ୟ କରାଯାଇଥିଲା। ହେଲେ ପ୍ରଥମ ବନ୍ୟାରେ ଏହି ନଦୀବନ୍ଧ ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଗ୍ରାମବାସୀମାନେ ଆତଙ୍କିତ ହୋଇ ପଡିଥିଲେ। ଗତକାଲି ସକାଳେ ସେଠାରେ ଧାମନଗର ଜଳସମ୍ପଦ ବିଭାଗର ଏସଡିଓ ସେଠାରେ ପହଂଚି ବନ୍ଧ ପାର୍ଶ୍ୱରେ ବାଉଁଶ ବାଡ ଦେଇ ବାଲିବସ୍ତା ପକାଇ ବନ୍ୟା ନିୟନ୍ତ୍ରଣ କରିଥିଲେ। ଆଜି ନଦୀର ଜଳସ୍ତର କମିଛି ଓ ବନ୍ୟାଜଳ ହ୍ରାସ ପାଇଛି। ହେଲେ ଏବେ ବି ବିପଦ ଟଳି ନଥିବା ଗ୍ରାମବାସୀ କହିଛନ୍ତି। ବନ୍ୟାଜଳ ଛାଡିଲା ପରେ ମାଟି ଅତଡା ଖସିବା ସହ ପୋତା ଯାଇଥିବା ବାଉଁଶ ବାଦ ଓ ବାଲିବସ୍ତା ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ଉପୁଜିଛି। ଏହି ନଦୀବନ୍ଧ ପାଇଁ ଏତେ ପରିମାଣର ଅର୍ଥରାଶି ଖର୍ଚ୍ଚ ହୋଇଥିଲେ ବି କାର୍ଯ୍ୟସମ୍ବନ୍ଧିୟ ସୂଚନା ଫଳକ କୌଣସି ସ୍ଥାନରେ ଲଗା ଯାଇନଥିବା ଗ୍ରାମବାସୀ ମାନେ କହିଛନ୍ତି। ଏଥିରୁ ସ୍ପଷ୍ଟ ଜଣା ପଡୁଛିକି ବିଭାଗୀୟ ଅଧିକାରୀ, ଠିକାଦାର ଓ କିଛି ପ୍ରଭାବଶାଳୀ ବ୍ୟକ୍ତି ଅର୍ଥ ବାଟମାରଣା କରିଛନ୍ତି ବୋଲି ଗ୍ରାମବାସୀମାନେ କହିଛନ୍ତି। ନଦୀପାର୍ଶ୍ୱରେ କଂକ୍ରିଟ ପାଚେରୀ ନକରି ପ୍ରତିବର୍ଷ ବାଉଁଶ ବାଡ ଓ ବାଲିବସ୍ତା ଦେଇ ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କୁ ବିପଦ ମୁହଁକୁ ଠେଲି ଦେଉଛନ୍ତି ବୋଲି ଗ୍ରାମର ମହିଳାମାନେ କହିଛନ୍ତି। ଏଥର ବନ୍ୟାରେ ପୁଣି ଛଅଲକ୍ଷ ଟଙ୍କା ବିନିଯୋଗ କରାଯାଇ ବାଉଁଶ ବାଡ ଓ ବାଲିବସ୍ତା ଦିଆଯାଇଛି। ଏହାକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯିବ ଓ ଏବାବଦରେ ଗ୍ରାମବାସୀ ମାନେ ଖୁବଶୀଘ୍ର ଜିଲ୍ଲାପାଳଙ୍କୁ ଜଣାଇବେ ଓ ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି। ଏ ବାବଦରେ ବିଭାଗୀୟ ଏସଡିଓ କିଶୋର ଦାସ କହିଛନ୍ତି ଧସିଥିବା ନଦୀବନ୍ଧ ପାଇଁ ୨୬ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ବର୍ଷା ଓ ବନ୍ୟା ପାଇଁ କାମ ବନ୍ଦ ରଖାଯାଇଛି। ପରବର୍ତ୍ତୀ ସମୟରେ ପୁଣି କାର୍ଯ୍ୟ ଚାଲୁ ରହିବ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୭/୦୭)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ)

**ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।**
**ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ।।୭।।**

ସମସ୍ତଙ୍କର ପ୍ରିୟ ଆହାର ମଧ୍ୟ ପ୍ରକୃତିଭେଦରେ ତିନି ପ୍ରକାର ହୋଇଥାଏ, ସେହିପରି ଯଜ୍ଞ, ତପ ଓ ଦାନ ମଧ୍ୟ ତିନି ପ୍ରକାର, ସେମାନଙ୍କର ପାର୍ଥକ୍ୟ ଶ୍ରବଣ କର ।।୭।।

# ଭାରତ–ଚୀନ ସୀମା ବିବାଦ

ସମ୍ପାଦକୀୟ

ଭାରତ ଓ ଚୀନ୍ ମଧ୍ୟରେ ନିକଟରେ ଅନୁଷ୍ଠିତ ସାଂଘାଇ କୋ-ଅପରେସନ ଅରଗନାଇଜେସନ (SCO) ଶୀର୍ଷ ସମ୍ମିଳନୀ ୨୦୨୫, ଚୀନ୍‌ର ତିଆନଦିନରେ ଅନୁଷ୍ଠିତ ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେଠିକୁ ଯିବା ଲାଗି ଚୀନ୍ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ସେ ଯାଇ ନ ଥିଲେ । ତାଙ୍କର ପ୍ରତିନିଧି ଭାବେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯାଇଥିଲେ । ଏଥିରେ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ଡଂଗ ଦୁନ୍ ଓ ଶ୍ରୀ ସିଂଙ୍କ ମଧ୍ୟରେ ଏଥିରେ ଭାରତ– ଚୀନ୍ ମଧ୍ୟରେ ସୀମାରେ ବିବାଦ ସଂକ୍ରାନ୍ତରେ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହୋଇଥିଲା । ମାତ୍ର ଏହି ଶୀର୍ଷ ସମ୍ମିଳନୀରେ ଯେଉଁ ମିଳିତ ସହଯୋଗ ପାଇଁ ଘୋଷଣାନାମା ହୋଇଥିଲା, ସେଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ସ୍ୱାକ୍ଷର କରି ନ ଥିଲେ । ତାହାର କାରଣ ସନ୍ତ୍ରାସବାଦୀଙ୍କ ଜରିଆରେ ପାକିସ୍ତାନ ଭାରତର ପହଲଗାମରେ ଯେପରି ଗଣହତ୍ୟା ଆରମ୍ଭ କରିଥିଲା, ତାହାର ପ୍ରତିବାଦ କରି ଭାରତ ଏଥିରେ ସ୍ୱାକ୍ଷର କରି ନଥିଲା ।

ସେ ଯାହାହେଉ, ଚୀନ୍ ସହିତ ଭାରତର ଏହି ସୀମା ବିବାଦରେ ସମାଧାନ ସମୟସାପେକ୍ଷ ବୋଲି ଚୀନ୍ ମତ ପ୍ରକାଶ କରିଥିଲା । ଏହି ସୀମା ବିବାଦ ୧୯୬୨ ମସିହା ଅକ୍ଟୋବର ୨୦ ତାରିଖରୁ ଆରମ୍ଭ ହୋଇଛି ବୋଲି କୁହାଯାଉଛି । ଆରମ୍ଭରୁ ଚୀନ୍‌ର ସୈନିକମାନେ ଭାରତର ପଶ୍ଚିମ ଅଞ୍ଚଳରେ ଥିବା ଲାଦାଖ ଅଞ୍ଚଳରେ ଆକ୍ରମଣ ଆରମ୍ଭ କରିଥିଲେ ଏବଂ ପୂର୍ବ ଭାରତର ମେକ୍ ମୋହନ ଲାଇନ ଅତିକ୍ରମ କରି ମାଡ଼ି ଆସିଥିଲେ । ପୁଣି ୧୯୬୭ରେ ଏହି ସୀମାନ୍ତ ଅଞ୍ଚଳରେ ଉଭୟ ଦେଶର ସୈନ୍ୟସାମନ୍ତଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । କିନ୍ତୁ ଭାରତ–ଚୀନ ସୀମା ମଧ୍ୟରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (LAC) ଉଭୟ ଦେଶକୁ ପୃଥକ କରିଛି । ପଶ୍ଚିମରେ ଲାଦାଖ ଓ ପୂର୍ବରେ ଅରୁଣାଚଳ ପ୍ରଦେଶ ସନ୍ନିକଟରେ ଏହି ପ୍ରକୃତ ନିୟନ୍ତ୍ରଣ ରେଖା ରହିଛି । ମାତ୍ର ଡେପସାଙ୍ଗ ଓ ଡେମଚୋକ ପ୍ରଭୃତି ସୀମାନ୍ତ ଅଞ୍ଚଳରେ ୨୦୨୪ ଅକ୍ଟୋବର ୨୧ରୁ ସେଠାରେ ପେଟ୍ରୋଲିଂ ବ୍ୟବସ୍ଥା କରାଯିବା ଲାଗି ଉଭୟ ଚୀନ୍ ଓ ଭାରତ ରାଜି ହୋଇଥିଲେ । ଏହା ସତ୍ତ୍ୱେ ସେଠାରେ ଉତ୍ତେଜନା ହ୍ରାସ ପାଇ ପାରିନାହିଁ । ଏବେ ଏହି ସୀମା ବିବାଦ ଦୂର କରିବାକୁ ଉଭୟ ଦେଶ ରାଜି ହେବା ବଡ଼ କଥା । ବିଳମ୍ବ ହେବ ବୋଲି ଚୀନ୍ କହୁ, କିନ୍ତୁ ବିବାଦର ସମାଧାନ ହେବା ଆବଶ୍ୟକ ।

ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଥିଲାବେଳେ ଚୀନ୍ ଉପରେ ତାହାର ପ୍ରଭାବ ମଧ୍ୟ ପଡ଼ିଥିଲା । ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ୨୦୦୮–୨୦୦୯ରେ ଚାଇନାର ବାଣିଜ୍ୟ ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଥିଲା । ପୁଣି ୨୦୦୮ରେ ଯୁକ୍ତରାଷ୍ଟ୍ର ଆମେରିକାର ସର୍ବାଧିକ ଟ୍ରେଜେରୀ ବଣ୍ଡ କ୍ରୟ କରିବାରେ ଚାଇନା ଅପ୍ରତିଦ୍ୱନ୍ଦ୍ୱୀ ଦେଶ ଥିଲା, ଯାହାର ମୂଲ୍ୟ ଗୋଟିଏ ଟ୍ରିଲିଅନ୍ ଡଲାର (ଏକ ଲକ୍ଷ କୋଟି ଡଲାର) ଥିଲା । ଉଭୟ ଆମେରିକା ଓ ଚୀନ୍ ପରସ୍ପର ମଧ୍ୟରେ ମତଭେଦ ସତ୍ତ୍ୱେ ଉଭୟ ଉଭୟଙ୍କ ଉପରେ ନିର୍ଭରଶୀଳ ଥିଲେ । ବିଶ୍ୱ ଅର୍ଥନୀତିରେ ଚୀନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଉଦ୍ୟମ ଜାରି ରଖିଥିଲା । ପରିସ୍ଥିତି ବଦଳିଗଲା । ଭାରତ ଏବେ ବିଶ୍ୱରେ ଦ୍ରୁତ ଆର୍ଥନୀତିକ ଅଭିବୃଦ୍ଧି ପାଇଁ ଅଗ୍ରଗମନ କରୁଥିବା ପରିଲକ୍ଷିତ ହୋଇଛି । ଭାରତର ଅର୍ଥନୀତି ଏବେ ସ୍ଥିର ଓ ମଜଭୁତ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଆର୍ଥିକ ଅଭିବୃଦ୍ଧି ପାଇଁ କେବଳ ଉଦ୍ୟମ କରୁନାହାନ୍ତି, ଦେଶକୁ ଆତ୍ମନିର୍ଭରଶୀଳ କରିବା ଲାଗି ଉଦ୍ୟମ ଆରମ୍ଭ କରି ସଫଳ ମଧ୍ୟ ହୋଇଛନ୍ତି । ତେଣୁ ଚୀନ୍, ଭାରତ ପ୍ରତି ଈର୍ଷାପରାୟଣ ହେବା ସ୍ୱାଭାବିକ । ପାକିସ୍ତାନର ଆତଙ୍କବାଦୀଙ୍କୁ ଧ୍ୱଂସ କରିବା ପାଇଁ ଯେଉଁ 'ଅପରେସନ ସିନ୍ଦୂର' ମୋଦିଜୀ ଆରମ୍ଭ କରିଥିଲେ, ସେଥିରେ ପାକିସ୍ତାନକୁ ଭାରତ ବିରୋଧରେ ଯୁଦ୍ଧ କରିବାକୁ ଚୀନ ମଧ୍ୟ ସାହାଯ୍ୟ ସହଯୋଗ କରିଥିଲା ।

୧୯୬୨ ଅକ୍ଟୋବର ଓ ନଭେମ୍ବରରେ ଭାରତ ଓ ଚୀନ୍ ମଧ୍ୟରେ ସଶସ୍ତ୍ର ଯୁଦ୍ଧ ଆରମ୍ଭ ହୋଇଥିଲା । ସୀମା ବିବାଦ କାରଣରୁ ଏହି ଯୁଦ୍ଧ ହୋଇଥିଲା ବୋଲି କୁହାଯାଇଥାଏ । ୨୦୨୦–୨୧ରେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଯେଉଁ ଯୁଦ୍ଧ ହୋଇଥିଲା, ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚୀନ୍ ଦଖଲ କରିଥିଲା ବୋଲି ମଧ୍ୟ ଜଣାଯାଇଛି । ଭାରତ– ଚୀନ ଯୁଦ୍ଧରେ ଭାରତ ଆକାଶୀ ଚୀନ୍ ଅଞ୍ଚଳକୁ ହରାଇଛି । ମାତ୍ର ଏବର ପରିସ୍ଥିତିରେ ଭାରତ ତାହାର ଅର୍ଥନୀତି ଓ ସାମରିକ ଶକ୍ତି ସାମର୍ଥ୍ୟର ଅଭିବୃଦ୍ଧି ପାଇଁ ନିରନ୍ତର ଉଦ୍ୟମ ଜାରି ରଖିବା ସହିତ ସମଗ୍ର ବିଶ୍ୱରେ ଆପଣାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଛି । ବୈଦେଶିକ ନୀତି କ୍ଷେତ୍ରରେ ମଧ୍ୟ ଭାରତ ଏବେ ମୁଣ୍ଡ ଟେକି ଚାଲିବାକୁ ଚାହୁଁଛି । ତେଣୁ ଭବିଷ୍ୟତରେ ଏହି ସୀମା ବିବାଦର ସମାଧାନ ଭାରତ କରିବାକୁ ଚାହିଁବ ବୋଲି ମନେ ହେଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ବାରିପଦାର ପ୍ରସିଦ୍ଧ ରଥଯାତ୍ରା



ଦଶରଥ ହେମ୍ବ୍ରମ୍



ରଥ ଓ ଯାତ୍ରା ଏହି ଦୁଇଟି ଶବ୍ଦର ମିଳନରେ ରଥଯାତ୍ରା ଶବ୍ଦ ସୃଷ୍ଟି । 'ରଥ'ର ଅର୍ଥ ହେଲା ଏକ ଉପବେଶନ ଯାତ୍ରା ଏବଂ ଯାତ୍ରା ଅର୍ଥ ହେଲା ଭ୍ରମଣ କରିବା। ଶାସ୍ତ୍ରାନୁସାରେ ଏହା କେବଳ ଦେବ ବିଗ୍ରହମାନଙ୍କ ପାଇଁ ବ୍ୟବହୃତ ଏକପ୍ରକାର ଯାନ । ପ୍ରାଚୀନ କାଳରେ ଦେବବିଗ୍ରହମାନଙ୍କ ଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ଓ ପ୍ରତ୍ୟାଗମନ କରିବା ପାଇଁ ଯେଉଁ ରଥକୁ ବ୍ୟବହାର କରାଯାଉଥିଲା, ସାଧାରଣରେ ତାହାକୁ ରଥଯାତ୍ରା କୁହାଯାଉଥିଲା । କିନ୍ତୁ ପୁରାଣରେ ଏହାର ବ୍ୟବହାର ବିଷୟରେ ଉଲ୍ଲିଖିତ ରହିଥିବାବେଳେ ଐତିହାସିକ ଯୁଗରେ ରାଜାମହାରାଜାମାନେ ମଧ୍ୟ ରଥ ବ୍ୟବହାର କରୁଥିଲେ । ଏ ନେଇ ଅନେକ ଇତିହାସ, ପୁରାଣ ଏବଂ କିମ୍ବଦନ୍ତୀ ରହିଛି, ଏହାକୁ ନେଇ ଅନେକ ସମୟରେ ଆଲୋଚନା ମଧ୍ୟ କରାଯାଇଛି । ତେବେ ଉତ୍କଳୀୟ ଐତିହ୍ୟ ଓ ସଂସ୍କୃତି ଅନୁସାରେ ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀଠାରେ ପାଳିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସ୍ୱତନ୍ତ୍ରତା ବଜାୟ ରଖିଥିବାବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ମୟୂରଭଞ୍ଜ, ବାରିପଦାର ରଥାଯାତ୍ରା ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହା ପଛରେ ଅନେକ ଇତିହାସ ଓ ପୁରାଣ/କିମ୍ବଦନ୍ତୀ ରହିଛି ।

ମୟୂରଭଞ୍ଜର ଇତିହାସ/ପୁରାଣ/କିମ୍ବଦନ୍ତୀ କୁହେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନ୍ୟତମ ଭକ୍ତ ଥିଲେ ପରମ ଧାର୍ମିକ ପ୍ରଜାବତ୍ସଳ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ । ପୁରୀ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପରିକଳ୍ପନାରେ ନିଜ ରାଜ୍ୟ ମୟୂରଭଞ୍ଜର ବାରିପଦାଠାରେ ଶ୍ରୀମନ୍ଦିର ନିର୍ମାଣ କରି ଚତୁର୍ଦ୍ଧାମୂର୍ତ୍ତି ପ୍ରତିଷ୍ଠା ପାଇଁ ସ୍ୱପ୍ନାଦେଶ ହୋଇଥିଲା । ସ୍ୱପ୍ନକୁ ସାକାର କରିବା ପାଇଁ ୧୫୬୫ରେ ମନ୍ତ୍ରୀ ପରିଷଦ, ସୈନ୍ୟସାମନ୍ତ ନେଇ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଗମନ କଲେ । ଶ୍ରୀମନ୍ଦିର ପହଞ୍ଚିବା ପୂର୍ବରୁ ଅଠରନଳା ନିକଟରେ ତତ୍କାଳୀନ ଗଜପତି ମହାରାଜାଙ୍କ ସୀମାନ୍ତ ରକ୍ଷୀବୃନ୍ଦ ରାଜା ଶ୍ରୀଭଞ୍ଜଙ୍କୁ ଅଟକାଇ ଶ୍ରୀକ୍ଷେତ୍ରକୁ ପ୍ରବେଶ ପାଇଁ ବାରଣ କଲେ । ପୁରୀ ଗଜପତିଙ୍କ ବିନା ଆଦେଶରେ ଶ୍ରୀମନ୍ଦିର ପ୍ରବେଶ ନିଷେଧ ବୋଲି କହିଲେ । ମାତ୍ର ଗଜପତି ମହାରାଜଙ୍କ ଅନୁମତି ପାଇ ଦୁଃଖ ପ୍ରକାଶ କଲେ, ଏକା ପ୍ରଭୁଙ୍କୁ ଦର୍ଶନ କରିବାକୁ ମାନ କରି ଅଠରନଳାଠାରେ ମହାପ୍ରଭୁଙ୍କ ଉପାସନା ପୂର୍ବକ ଧ୍ୟାନ ଓ ଧାରଣା ଦେଲେ ଏବଂ ମହାପ୍ରଭୁ ତାଙ୍କୁ ଦର୍ଶନ ଦେଇ ବାରିପଦା ଠାରେ ଏକ ଶ୍ରୀମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଆଜ୍ଞା ଦେଲେ । ଶ୍ରୀଜଗନ୍ନାଥ ସ୍ୱୟଂ ପ୍ରତ୍ୟହ ପୂଜାର୍ଚ୍ଚନା ପାଇଁ ବାରିପଦା ମନ୍ଦିରରେ ବିଜେ କରିବେ ଏବଂ ତିନିରଥ ନିର୍ମାଣ କରି ରଥଯାତ୍ରା ସମ୍ପନ୍ନ କରିବା ପାଇଁ ମଧ୍ୟ ଆଜ୍ଞା ଦେଲେ । ମହା ଆନନ୍ଦରେ ଭକ୍ତି ଗଦ ଗଦ ଚିତ୍ତରେ ମହାରାଜା ସୈନ୍ୟସାମନ୍ତ ଓ ପାରିଷଦଙ୍କୁ ଧରି ସେଠୁ ଫେରିଲେ । ୧୫୬୮ରେ ଏକ ଶୁଭଲଗ୍ନରେ ମନ୍ଦିର ଗଢ଼ା କାର୍ଯ୍ୟରେ ଯଜ୍ଞ, ପୂଜାପାଠ, ହୋମ ଆଦି ସମ୍ପନ୍ନ କରିମନ୍ଦିର ନିର୍ମାଣକାର୍ଯ୍ୟ ଆରମ୍ଭ କରି ୧୫୭୫ରେ ଶେଷ କରିଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ବଙ୍ଗର ନବାବ ସୁଲେମାନ କରାନୀଙ୍କ ଭଗ୍ନୀ ପତି କାଳାଚାନ୍ଦ ରାୟ ଓଡ଼ିଶା ଆକ୍ରମଣକରି ଦେବପୀଠ, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ବହୁବିଧ କ୍ଷତି କରିଥିବା ହେତୁ ପୂଜାପାଠ, ରଥଯାତ୍ରା ଆଦି ୧୫୬୮ରୁ ୧୫୮୦ ପର୍ଯ୍ୟନ୍ତ ପୁରୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବନ୍ଦ ଥିଲା । ମାତ୍ର ଏହି ସମୟ ମଧ୍ୟରେ ବାରିପଦାଠାରେ ରଥଯାତ୍ରାର ଶୁଭାରମ୍ଭ କରାଯାଇଥିଲା, ଯେଉଁ ସମୟରେ କି ସମଗ୍ର ଉତ୍କଳ ଆଫଗାନ ପଠାଣମାନଙ୍କ ଶାସନାଧୀନ ଥିଲା।

୧୫୭୫ରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷହେବା ପରେ ଆଷାଢ଼ ଦ୍ୱିତୀୟା ତିଥିରେ ବିଗ୍ରହ ପ୍ରତିଷ୍ଠା କରାଗଲା ଓ ପୂର୍ବ ନିର୍ଦ୍ଦେଶାନୁଯାୟୀ ମହାପ୍ରଭୁଙ୍କ ନାମ ଶ୍ରୀଶ୍ରୀହରିବଳଦେବ ଜିଉ ବିଜେ, ବାରିପଦା ରଖାଗଲା । ସ୍ୱପ୍ନାଦେଶନୁଯାୟୀ ଶ୍ରୀହରିବଳଦେବ ଜିଉଙ୍କ ସହିତ ବିଜେ ଶବ୍ଦ ଯୋଗ କରାଗଲା। କିନ୍ତୁ ଶ୍ରୀକ୍ଷେତ୍ର ରଥଯାତ୍ରା ଆଧାରରେ ଏଠାରେ ସବୁ ରୀତିନୀତି ପାଳିତ ହେଉଥିବାରୁ ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଲାଭ କଲା। ରଥଯାତ୍ରା ସମୟରେ ଘଣ୍ଟଘଣ୍ଟା, ଭେରୀ, ତୂରୀ, କାହାଳୀ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହେବା ସହିତ ଢୋଲ, ଧୂମ୍ପା, ମାଦଳ, ମୃଦଙ୍ଗ ଓ କରତାଳରେ ବଡ଼ଦାଣ୍ଡ ମୁଖରିତ ହେଉଥିଲା । ଆଦିବାସୀ ସମ୍ପ୍ରଦାୟର ସ୍ତ୍ରୀଲୋକମାନେ ସାମ୍ପ୍ରଦାୟିକ ବେଶଭୂଷା ପିନ୍ଧି ମହାଆନନ୍ଦରେ ନାଚଗୀତ କରି ରଥକୁ ସ୍ୱାଗତ କଲେ । ଏହି ସମୟରେ ସୁସଜ୍ଜିତ ହାତୀ ପିଠିର ପଲାଣ ଉପରେ ବିଜେ କରିଥିଲେ ଭକ୍ତପ୍ରବର ରାଜା ବୈଦ୍ୟନାଥ ଭଞ୍ଜଦେଓ । ସୁସଜ୍ଜିତ ଅଶ୍ୱରେ ରାଜନ୍ୟ ପାରିଷଦ ବର୍ଗ ଆରୋହଣ କରି ଶ୍ରୀହରି ବଳଦେବ, ମା' ସୁଭଦ୍ରା, ଚକ୍ର ସୁଦର୍ଶନଙ୍କ ଜୟଧ୍ୱନି ଦେଲାବେଳେ ଭକ୍ତରାଜା ବୈଦ୍ୟନାଥ ଦେଓ ଜୟଧ୍ୱନି ଦେବାକୁ ଭୁଲି ନ ଥିଲେ । ଯେଉଁଥିପାଇଁ ମୟୂରଭଞ୍ଜବାସୀଙ୍କ ଘରେ ଘରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ ପ୍ରତିଫଳିତ ହୋଇ ଭକ୍ତିସ୍ରୋତରେ ପ୍ରବାହ ପାଇଁ ଭକ୍ତ ରାଜା ବୈଦ୍ୟନାଥ ଭଞ୍ଜଦେୟଙ୍କୁ 'ଭୂମିଭାସ୍କର' ବୋଲି ଅଭିହିତ କରାଯାଏ ।



ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପହଣ୍ଡି ବିଜେ ଠାରୁ ଆରମ୍ଭ କରି ତିନିରଥର ଶ୍ରୀଗୁଣ୍ଡିଚା ଯାତ୍ରା ପର୍ଯ୍ୟନ୍ତ ଗୋଟିଏ ଦିନରେ ଅନୁଷ୍ଠିତ ହେଉଥିବା ବେଳେ ରଥଟଣା ସେହିଦିନ ଅନୁଷ୍ଠିତ ନହୋଇ ପର ଦୁଇଦିନ ବ୍ୟାପୀ ବାରିପଦାରେ ରଥଟଣା ଚାଲେ। ରଥଟଣାର ପ୍ରଥମ ଦିନରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀମା' ଗୁଣ୍ଡିଚା ଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ ଟଣା ହୋଇଥାଏ ଓ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣାହୋଇ ଅଧା ରାସ୍ତାରେ ରଖାଯାଇଥାଏ । ଦ୍ୱିତୀୟ ଦିନରେ ପ୍ରଥମେ ସୁଭଦ୍ରାଙ୍କ ରଥକୁ ଅବଶିଷ୍ଟ ପଥ ଟଣାଯାଇ ମାଉସୀମା' ମନ୍ଦିର ନିକଟରେ ପହଞ୍ଚାଇ ଦିଆଯାଏ । କିନ୍ତୁ ଏହିଦିନ ଶ୍ରୀଜଗନାଥ/ଶ୍ରୀହରିବଳଦେବ ରଥକୁ ସଂପୂର୍ଣ୍ଣ ଭାବରେ ମନ୍ଦିରଠାରୁ ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ । ମାତ୍ର ଅନ୍ୟ ନୀତିନିୟମ ସବୁ ଶ୍ରୀକ୍ଷେତ୍ର ନୀତିନିୟମ ଓ ନିର୍ଘଣ୍ଟ ଅନୁଯାୟୀ ସମ୍ପନ୍ନ ହୋଇଥାଏ । ***ଏହି ଦିବସରେ ଯେଉଁ ନିଆରା ପରମ୍ପରା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ବିଶ୍ୱପ୍ରସିଦ୍ଧି ଲାଭ କରିଛି, ତାହାହେଲା ମା' ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ୧୯୭୫ରୁ କେବଳ ମହିଳାମାନେ ଟାଣିବା ପାଇଁ ସୁଯୋଗ ଦିଆଗଲା । ସେବେଠୁ ପ୍ରତିବର୍ଷ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣିବାର ସୌଭାଗ୍ୟଲାଭ ପାଉଛନ୍ତି ।***

ପୁରୀର ରଥଯାତ୍ରା ପରମ୍ପରାକୁ ସମ୍ମାନ ଦେଇ ଏଠାକାର ତିନିରଥର ଉଚ୍ଚତା କମ ରଖାଯିବା ସହ ଉଭୟ ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ାରେ ରଥଟଣା ଦୁଇ ଦିନ ଧରି ହୁଏ । ତେବେ ସବୁଠାରୁ ବଡକଥା ହେଲା, ମା' ସୁଭଦ୍ରାଙ୍କର ରଥଟାଣିବା ପାଇଁ ରାଜ୍ୟ ବାହାରୁ ବହୁ ଭକ୍ତ ଶ୍ରଦ୍ଧାଳୁ ମହିଳାମାନେ ଏଥିରେ ଅଂଶଗ୍ରହଣ କରି ନିଜକୁ ଧନ୍ୟ ମନେ କରନ୍ତି । ଆଉ ଏକ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ, ଭକ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ରଥକୁ ଟାଣି ଟାଣି ଆଣି ମାଉସୀ ଘରେ ପହଞ୍ଚାଇଥା'ନ୍ତି । ତେବେ ସେମାନଙ୍କୁ ନିରାଶ ନକରିବା ଉଦ୍ଦେଶ୍ୟରେ ରଥ ଉପରୁ ଫୋପଡ଼ା ଯାଇଥାଏ ଶ୍ରଦ୍ଧା ଲଡୁ । ଏହାକୁ ପାଇବା ପାଇଁ ଭକ୍ତ ଶ୍ରଦ୍ଧାଳୁମାନେ ପାଗଳ ହୋଇପଡ଼ିଥାନ୍ତି । ଏହିଭଳି ଏକ ଆଧ୍ୟାତ୍ମିକ ତଥା ପାରମ୍ପରିକ ମହୋତ୍ସବ ବାରିପଦାର ବଡ଼ଦାଣ୍ଡରେ ଜାତି ଧର୍ମବର୍ଣ୍ଣ ନିର୍ବିଶେଷରେ ଜନସମୁଦ୍ରରେ ପରିଣତ ହୋଇପଡ଼େ ।

***ଏହି ସମୟ ମଧ୍ୟରେ ବଙ୍ଗର ନବାବ ସୁଲେମାନ କରାନୀଙ୍କ ଭଗ୍ନୀ ପତି କାଳାଚାନ୍ଦ ରାୟ ଓଡ଼ିଶା ଆକ୍ରମଣକରି ଦେବପୀଠ, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ବହୁବିଧ କ୍ଷତି କରିଥିବା ହେତୁ ପୂଜାପାଠ, ରଥଯାତ୍ରା ଆଦି ୧୫୬୮ରୁ ୧୫୮୦ ପର୍ଯ୍ୟନ୍ତ ପୁରୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବନ୍ଦ ଥିଲା । ମାତ୍ର ଏହି ସମୟ ମଧ୍ୟରେ ବାରିପଦାଠାରେ ରଥଯାତ୍ରାର ଶୁଭାରମ୍ଭ କରାଯାଇଥିଲା, ଯେଉଁ ସମୟରେ କି ସମଗ୍ର ଉତ୍କଳ ଆଫଗାନ ପଠାଣମାନଙ୍କ ଶାସନାଧୀନ ଥିଲା।***

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ –୯୩୩୭୪୦୪୨୫୪**

# ଏକ ନିରବ ବିପ୍ଳବ:
# ୯୪ କୋଟି ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେଉଛି ଭାରତ

*✲ ସାମାଜିକ ସୁରକ୍ଷା ବିସ୍ତାର ୧୯%ରୁ ୬୪.୩%କୁ ବୃଦ୍ଧି*
*✲ ୩୦.୯୧ କୋଟି ଅସଂଗଠିତ ଶ୍ରମିକ ଇ-ଶ୍ରମ ପୋର୍ଟାଲରେ ପଞ୍ଜିକୃତ*
*✲ ପିଏମ ସୁରକ୍ଷା ବୀମା ଯୋଜନାରେ ୫୧.୦୬ କୋଟି ଏବଂ ପିଏମ ଜୀବନ ଜ୍ୟୋତି ବୀମା ଯୋଜନାରେ ୨୩.୬୪ କୋଟିରୁ ଅଧିକ ଲୋକ ପଞ୍ଜିକୃତ*
*✲ ପିଏମ ଶ୍ରମ ଯୋଗୀ ମାନଧାନ ଯୋଜନାରେ ୫୧.୩୫ ଲକ୍ଷ ଶ୍ରମିକ ସାମିଲ*
*✲ ୩ କୋଟିରୁ ଅଧିକ ମହିଳା ଲକ୍ଷପତି ଦିଦି ରୂପେ ସଶକ୍ତ ହେବାକୁ ଯାଉଛନ୍ତି*
*✲ ପିଏମ ଆବାସ ଯୋଜନାରେ ୪ କୋଟି ବାସଗୃହ ଆବଣ୍ଟନ*

ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୨୦୧୫ରେ ସାମାଜିକ ସୁରକ୍ଷା ବିସ୍ତାର ମାତ୍ର ୧୯ ପ୍ରତିଶତ ଥିବାବେଳେ ଏହା ୨୦୨୫ରେ ୬୪.୩ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ୯୪ କୋଟି ୩୦ ଲକ୍ଷ ଲୋକ ଅତିକମ୍‌ରେ ଗୋଟିଏ ସାମାଜିକ ସୁରକ୍ଷା ଯୋଜନାର ଲାଭ ପାଉଛନ୍ତି । ଅନ୍ତର୍ଜାତୀୟ ଶ୍ରମ ସଂଗଠନ ମଧ୍ୟ ଭାରତର ଏହି ଅଭୂତପୂର୍ବ ସଫଳତାକୁ ଉଚ୍ଚ ପ୍ରଶଂସା କରିଛି । ଗତ ୧୦ ବର୍ଷ ମଧ୍ୟରେ ଭାରତ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ୪୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି, ଯାହାକି ବିଶ୍ୱସ୍ତରରେ ଏକ ଉଲ୍ଲେଖନୀୟ ବିସ୍ତାର । ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବାରେ ଚୀନ ପରେ ଭାରତ ଏବେ ଦ୍ୱିତୀୟ ସ୍ଥାନରେ ରହିଛି ।

ଅନ୍ତର୍ଜାତୀୟ ଶ୍ରମ ସଂଗଠନର ପରିଭାଷା ଅନୁଯାୟୀ, କୌଣସି ସମାଜ ଏହାର ନାଗରିକ ଓ ପରିବାରକୁ ଯୋଗାଇ ଦେଉଥିବା ସ୍ୱାସ୍ଥ୍ୟ ସେବା ଉପଲବ୍ଧତା ଏବଂ ଆୟ ସୁରକ୍ଷା ଗ୍ୟାରେଣ୍ଟିକୁ ସାମାଜିକ ସୁରକ୍ଷା କୁହାଯାଏ । ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ସାମାଜିକ ସୁରକ୍ଷା ଅଧୀନରେ ଆସିଥାଏ । ଭାରତରେ ମନରେଗା, ଇପିଏଫଓ, ଇଏସଆଇସି, ଅଟଳ ପେନସନ ଯୋଜନା, ପିଏମ ପୋଷଣ ଭଳି ୩୪ଟି ପ୍ରମୁଖ କେନ୍ଦ୍ରୀୟ ଯୋଜନା ଜରିଆରେ ନାଗରିକଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଲାଭ ପ୍ରଦାନ କରାଯାଉଛି ।

ଭାରତରେ ୫୦ କୋଟିରୁ ଅଧିକ ଶ୍ରମିକ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଅସଂଗଠିତ କ୍ଷେତ୍ରରେ କାମ କରନ୍ତି । ସେମାନଙ୍କ ହିତରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମ ସଂହିତା କାର୍ଯ୍ୟକାରୀ କରିଛନ୍ତି । ନୂତନ ଭାରତର ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ସଂହିତା ପ୍ରଣୟନ କରାଯାଇଛି । ଡିଜିଟାଲ ଓ ଆର୍ଥିକ ଆଧାର ନିର୍ମାଣ ପାଇଁ ମଧ୍ୟ ଅନେକ ଯୋଜନା ପ୍ରଣୟନ କରାଯାଇଛି । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ବ୍ୟାଙ୍କ ସେବାରୁ ବଞ୍ଚିତ ୫୫.୬୪ କୋଟି ଲୋକଙ୍କର ବ୍ୟାଙ୍କ ଖାତା ଖୋଲାଯାଇଛି । ୧୪୨ କୋଟି ଆଧାର କାର୍ଡ ଏକକ ଡିଜିଟାଲ ପରିଚୟ ବ୍ୟବସ୍ଥା ଯୋଗାଇ ଦେବା ସହିତ ଠିକ୍ ଲୋକଙ୍କ ପାଖରେ ସରକାରୀ ଯୋଜନାର ଠିକ୍ ଲାଭ ପହଞ୍ଚାଉଛି ।

ଡିବିଟି ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚି ପାରୁଛି । ଏହାଦ୍ୱାରା ୩.୪୮ ଲକ୍ଷ କୋଟି ଟଙ୍କା ସରକାରୀ ଅର୍ଥ ସଞ୍ଚୟ ହୋଇପାରୁଛି । ୨୦୨୫ ସୁଦ୍ଧା ଦେଶର ୯୯.୬ ପ୍ରତିଶତ ଭାଗରେ ୫–ଜି ସେବା ପହଞ୍ଚିଛି । ଇଣ୍ଟରନେଟ୍ ଡାଟା ଦର ଗତ ଏକ ଦଶନ୍ଧି ମଧ୍ୟରେ ପ୍ରତି ଜିବି ପିଛା ୩୦୮ ଟଙ୍କାରୁ ୯.୩୪ ଟଙ୍କାରେ ପହଞ୍ଚିଛି ।

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କମ ଆୟ ବର୍ଗର ନାଗରିକଙ୍କୁ ଦୁର୍ଘଟଣା ବୀମା ଯୋଗାଇ ଦେଉଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୫୧.୬ କୋଟି ଲୋକ ସାମିଲ ହୋଇଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ବାର୍ଷିକ ୨ ଲକ୍ଷ ଟଙ୍କାର ନବୀକରଣଯୋଗ୍ୟ ଜୀବନ ବୀମା ଯୋଗାଇ ଦେଉଛି ତାହା ପୁଣି ବାର୍ଷିକ ମାତ୍ର ୪୩୬ ଟଙ୍କାର ପ୍ରିମିୟମରେ । ମେ ୨୦୨୫ ସୁଦ୍ଧା ଏହି ଯୋଜନାରେ ୨୩ କୋଟି ୬୪ ଲକ୍ଷ ଲୋକ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ୬୦ ବର୍ଷ ବୟସ ପରେ ମାସିକ ୩ହଜାର ଟଙ୍କାର ପେନସନ ଯୋଗାଇ ଦେବାକୁ ଉଦ୍ଦିଷ୍ଟ । ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୧ କୋଟି ୩୫ ଲକ୍ଷରୁ ଅଧିକ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । କର୍ମଚାରୀ ଭବିଷ୍ୟନିଧି ସଂଗଠନ ଇପିଏଫଓରେ ୧୯.୧୪ ଲକ୍ଷ ନୂଆ ପଞ୍ଜୀକରଣ ସହିତ ମୋଟ୍ ସଦସ୍ୟଙ୍କ ସଂଖ୍ୟା ୧.୨୯ କୋଟିକୁ ବୃଦ୍ଧି ପାଉଛି ।

ଲକ୍ଷପତି ଦିଦି ଯୋଜନାରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ପିଏମ ଉଜ୍ଜ୍ୱଳା ଯୋଜନାରେ ୧୦.୩୩ କୋଟି ପରିବାରକୁ ମାଗଣା ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪ କୋଟି ବାସଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାରେ ୯୨.୭୨ ଲକ୍ଷ ଆବାସ ଯୋଗାଇ ଦିଆଯାଇଥିବା ବେଳେ ଏଥିମଧ୍ୟରୁ ୯୦ ଲକ୍ଷ ବାସଗୃହର ମାଲିକ ମହିଳା । ପିଏମ ଗ୍ରାମୀଣ ଆବାସ ଯୋଜନାରେ ୨.୭୭ କୋଟି ବାସଗୃହ ଯୋଗାଇ ଦିଆଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ବାସଗୃହ ଏସସି,ଏସଟି ଏବଂ ୨୫.୨୯ ପ୍ରତିଶତ ମହିଳା ହିତାଧିକାରୀ ଅଛନ୍ତି ।

ଇ–ଶ୍ରମ ପୋର୍ଟାଲରେ ୫୩.୭୭ ପ୍ରତିଶତ ମହିଳା ଶ୍ରମିକଙ୍କ ସମେତ ୩୦.୯୧ କୋଟି ଅସଂଗଠିତ କ୍ଷେତ୍ରର ଶ୍ରମିକ ପଞ୍ଜୀକରଣ କରିଛନ୍ତି । ଅଟଳ ପେନସନ ଯୋଜନାରେ ଅସଂଗଠିତ ଶ୍ରମ କ୍ଷେତ୍ରର ୭.୨୫ କୋଟି ହିତାଧିକାରୀ ପଞ୍ଜୀକରଣ କରିଥିବା ବେଳେ ୪୩ ହଜାର ୩୭୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ସୃଷ୍ଟି କରାଯାଇଛି । ପିଏମ ବିଶ୍ୱକର୍ମା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୨୩.୭ ଲକ୍ଷରୁ ଅଧିକ କାରିଗର ଆର୍ଥିକ ପ୍ରୋତ୍ସାହନ ରାଶି ଏବଂ ଟୁଲକିଟ୍ ପାଇଛନ୍ତି ।

ଏବେ ସୁଦ୍ଧା ୪୧.୨୯ କୋଟି ଆୟୁଷ୍ମାନ କାର୍ଡ ଜାରି କରାଯାଇଛି ଯାହା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟବୀମା ମିଳିପାରୁଛି । ସାରା ଦେଶରେ ୩୨ ହଜାରରୁ ଅଧିକ ହସ୍ପିଟାଲ ଏଥିରେ ପଞ୍ଜିକୃତ ହୋଇଛନ୍ତି । ୭୭ କୋଟି ନାଗରିକଙ୍କର ଆୟୁଷ୍ମାନ ଭାରତ ଡିଜିଟାଲ ଆକାଉଣ୍ଟ ଖୋଲାଯାଇ ସେଥିରେ ସେମାନଙ୍କର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟ ରେକର୍ଡ ରଖାଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮୦ କୋଟି ୬୭ ଲକ୍ଷରୁ ଅଧିକ ଲୋକ ମାଗଣାରେ ଖାଦ୍ୟଶସ୍ୟ ପାଇପାରୁଛନ୍ତି । ଦିବ୍ୟାଙ୍ଗଜନ, ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି ।

**(ପି.ଆଇ.ବି. ସୌଜନ୍ୟରୁ)**

# ଅପରାଧବୋଧ

**ମନୋଜ କୁମାର ବେହେରା**

ଅପରାଧବୋଧ ଗୋଟିଏ ସମ୍ବେଦନାତ୍ମକ ମନୋଭାବ, ଯାହା ଅପରାଧୀ ମନରେ ଗ୍ଳାନି ରୂପରେ ଉତ୍ପନ୍ନ ହୋଇକରି ଅପରାଧକୁ ରୋକିବାର କାମ କରିଥାଏ । ସେଥିପାଇଁ ଅପରାଧର ସହିତ ଏହାର ଘନିଷ୍ଠ ସମ୍ବନ୍ଧ ଥାଏ । ଅପରାଧବୋଧର ଉତ୍କୃଷ୍ଟତମରୂପ ତାହା ଅଟେ, ଯାହା ଅପରାଧକୁ ପ୍ରଥମେ ହିଁ ମନରେ ଉତ୍ପନ୍ନ ହୋଇକରି ଅପରାଧ ଭାବକୁ ସମାପ୍ତ କରି ଦେଇଥାଏ । ସମ୍ବେଦନାରେ ଅପରାଧବୋଧର ମାତ୍ରା ଅଧିକ ହୋଇଥାଏ । ଅତଃସେଥିରେ ଅପରାଧର ପ୍ରବୃତ୍ତି ଦେଖାଯାଏନି । ଅପରାଧର ସର୍ବାଧିକ ପ୍ରବୃତ୍ତି ସମ୍ବେଦନଶୂନ୍ୟ ଲୋକଙ୍କଠାରେ ହୋଇଥାଏ, କାହିଁକି ତାକୁ ଅପରାଧର ପୀଡାର ଅନୁଭବ ହୋଇ ନଥାଏ । ଆଜି ଅପରାଧରେ ହେଉଥିବା ବୃଦ୍ଧି ସମ୍ବେଦନାହୀନତା ଆଉ ଅପରାଧବୋଧର ହ୍ରାସର ପରିଣାମ ଅଟେ, ଯାହା ଗଭୀର ଚିନ୍ତାର ବିଷୟ ଅଟେ । ଅପରାଧବୋଧ ଗୋଟିଏ ସୁସ୍ଥ ମାନବୀୟ ଗୁଣ ଅଟେ । ଯାହା ଆତ୍ମସୁଧାରର ପ୍ରକ୍ରିୟାକୁ ବଢେଇକରି ଅପରାଧିକ ପ୍ରବୃତ୍ତି ଉପରେ ଅଙ୍କୁଶ ଲଗେଇ ଥାଏ । ଅତଃ ସମସ୍ତଙ୍କଠାରେ ଏହାର ହେବା ଆବଶ୍ୟକ ଅଟେ । କିନ୍ତୁ ଏହା ସାମାନ୍ୟରୁ ଅଧିକ ହେଲା ପରେ ବିଚାର ମଧ୍ୟ ପାଲଟିଯାଏ । ପରେ ଅବସାଦକୁ ଜନ୍ମ ଦେଇକରି ଆତ୍ମହତ୍ୟା ଭଳି ଘୃଣିତ ଅପରାଧର କାରଣ ହୋଇଥାଏ । କ୍ରୋଧ ଅପରାଧବୋଧରେ ବଡ ବାଧକ ହୋଇଥାଏ, ଯାହା ଅନେକ ଥର ସମ୍ବେଦନଶୀଳ ବ୍ୟକ୍ତିଙ୍କୁ ନ ଚାହିଁକରି ମଧ୍ୟ ଅପରାଧ କରେଇ ଦେଇଥାଏ । କ୍ରୋଧ ଶାନ୍ତ ହେଲା ପରେ ବଢିଥିବା ଅପରାଧବୋଧରୁ ସେହି ବ୍ୟକ୍ତି ନିଜର ଅନିଷ୍ଟକରି ଦେଇଥାଏ । ଏହି ଅପରାଧବୋଧ ଘୃଣିତ ରୂପରେ ହୋଇଥାଏ, ଯାହା ହେବା କଥା ନୁହେଁ । ଅତଃକ୍ରୋଧ ଉପରେ ନିୟନ୍ତ୍ରଣ ଜରୁରୀ ଅଟେ । ଅପରାଧବୋଧ ସେହି ସୂକ୍ଷ୍ମ ଅର୍ନ୍ତଦୃଷ୍ଟି ଅଟେ, ଯାହା ମାନବକୁ ମହାନ ବନେଇଥାଏ । ଏଥିରୁ ସମାଜକୁ ଅପରାଧ ମୁକ୍ତ କରାଯାଇ ପାରିବ । ଧର୍ମରେ ନିଷ୍ଠା ଏବଂ ଅଧର୍ମର ଭୟ ଅପରାଧ ବୋଧ ଜାଗୃତ କରେଇବାରେ ସହାୟକ ହୋଇଥାଏ । ବୁଦ୍ଧ, ମହାବୀର, ଗାନ୍ଧି ଆଦି ମହାପୁରୁଷମାନେ ମଧ୍ୟ ସତ୍ୟ, ଅହିଂସା, ଦୟା, କରୁଣା, ମମତା ଆଦି ଯେଉଁ ମାନବତାକୁ ପୋଷକତତ୍ତ୍ୱରେ ଧର୍ମର ରୂପରେ ପ୍ରତିଷ୍ଠାବାନ କରେଇଛନ୍ତି, ସେମାନଙ୍କର ଆସିବା ଦ୍ୱାରା ଅପରାଧବୋଧ ସ୍ୱୟଂ ହିଁ ଜାଗୃତ ହୋଇଥାଏ ।

**ବାୟାବାବା ମଠ ଲେନ୍, ଭୁବନେଶ୍ୱର,ମୋ–୭୯୭୮୮୩୦୬୧୧**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟରେ...

କରାଯାଇଛି । ଏହି ଘଟଣାକୁ ବିରୋଧ କରି ମାଲକାନଗିରିରେ ଓଏଏସ୍ ଅଧିକାରୀ ଛୁଟିରେ ଯାଇଛନ୍ତି । ଅନାସ୍ଥା ଭୋଟ ଗ୍ରହଣ ହୋଇପାରିଲାନି । ପଡିଆ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ଅନାସ୍ଥା ପ୍ରସ୍ତାବ ନେଇ ବୁଧବାର ଭୋଟ ଗ୍ରହଣ ହୋଇଥାନ୍ତା । କୌଣସି ଅଧିକାରୀ ନଆସିବାରୁ ଜନପ୍ରତିନିଧି ହଟହଟା ହୋଇଥିଲେ । ଔପଚାରିକ ଭାବେ ନୂତନ ତାରିଖ ଘୋଷଣା ଦାବି ନେଇ ଜନପ୍ରତିନିଧି ଅଡ଼ି ବସିଥିଲେ ।

ସେହିପରି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖାଁ ଖାଁ ଦେଖିବାକୁ ମିଳିଛି । ସବୁ ଅଫିସରଙ୍କ ସମୂହ ଛୁଟିରେ ଯାଇଛନ୍ତି । କାର୍ଯ୍ୟାଳୟରେ ଏକୁଟିଆ ଜିଲ୍ଲାପାଳ ବସିଛନ୍ତି । ଓଏଏସ୍ ଏବଂ ଓଆର୍ଏସ ସଂଘର ଆନ୍ଦୋଳନ ଯୋଗୁ ସ୍ଥିତି ଅସମ୍ଭାଳ ରହିଛି । ବିନା ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଛି ।

## ତିନି...

ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ, ଘଟଣା ପଛରେ ଥିବା ମୁଖ୍ୟ ଆସାମୀକୁ ଛଡ଼ା ଯିବନି । ଯିଏ ବି ଏ କାଣ୍ଡ କରେଇଛି କାହାକୁ ଛଡ଼ା ଯିବନି । ସମସ୍ତଙ୍କୁ ଗିରଫ ସହିତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଅପ୍ରୀତିକର ପରିସ୍ଥିତି ନହେବା କଥା ହୋଇଯାଇଛି । କଲମ ଛାଡ଼ ଆନ୍ଦୋଳନର ସମାଧାନ ଶୀଘ୍ର ହୋଇଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ବିଏମସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଓଏଏସ୍ ସଂଘ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ଭେଟି ତିନି ଦଫା ଦାବି ସମ୍ବଳିତ ଦାବିପତ୍ର ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖ ହୋଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ମାଡ଼ ମରା ଘଟଣା ପଛରେ ଜଗନ୍ନାଥ ପ୍ରଧାନଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ ଦାବି କରାଯାଇଥିବା ବେଳେ ଆକ୍ରମଣ ବ୍ୟକ୍ତି ଉପରେ ନୁହେଁ, ସାଧାରଣ ସେବା ବ୍ୟବସ୍ଥା ଉପରେ ହୋଇଛି । ଫିଲ୍ଡରେ କାର୍ଯ୍ୟରତ ତହସିଲଦାର, ଉପଜିଲ୍ଲାପାଳ, ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଦେବାକୁ ଦାବି କରାଯାଇଛି । ସରକାର ଏହି ଘଟଣାକୁ ଗୁରୁତର ସହ ହୃଦୟଙ୍ଗମ କରି ସରକାରୀ ଅଧିକାରୀଙ୍କ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦିଅନ୍ତୁ । ଦାବିପୂରଣ ନହେବା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଏଏସ୍ ଅଫିସର ଛୁଟିରେ ରହିବେ ବୋଲି ଚେତବନୀ ଦେଇଛନ୍ତି ଓଏଏସ୍ ସଂଘ ।

ଏହି ଘଟଣାରେ ଓଏଏସ୍ ସଂଘକୁ ଓଆରଏସ୍ ସଂଘ ଏଥିରୁ ସାମୟିକ ଭାବେ ଓହରିଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅନୁରୋଧ ରକ୍ଷା କରି ଓଆରଏସ୍ ଅଧିକାରୀମାନେ ଜରୁରୀ ସେବାରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି । ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧ ଅନୁସାରେ ରଥଯାତ୍ରା ଓ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି । କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଦାବି ପୂରଣ ନହେବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ଓଆରଏସ୍ ସଂଘ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଏକ ବୈଠକରେ ଆଲୋଚନା କରିଥିଲେ । ଲୋକସେବା ଭବନରେ ଅନୁଷ୍ଠିତ ଏହି ବେଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧ୍ୟ ଉପସ୍ଥିତ ଥିଲେ ।

## 'ଆଲୋଚନା କଲି...

ବଢ଼ାଇ ଦିଆଯାଇଥିଲା । ସୁରକ୍ଷା ପାଇଁ ଦୁଇ ପ୍ଲାଟୁନ୍ ପୋଲିସ ଥାନାରେ ମୁତୟନ ହୋଇଥିଲେ । ଜଗନ୍ନାଥ ଦଳରୁ ଇସ୍ତଫା ଦେଇ ଆତ୍ମସମର୍ପଣ କରିପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ମାତ୍ର ସେଭଳି କିଛି ଘଟିଲା ନାହିଁ । ଏହାପରେ ଓଏଏସ୍ ସଂଘର ପରବର୍ତ୍ତୀ ପଦକ୍ଷେପ ଓ ଆଇନର ପଦକ୍ଷେପ ଉପରେ ସଭିଙ୍କ ନଜର ରହିଛି । ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଆଲୋଚନା ଯାହା ହେଲା ତାହା ପ୍ରଘଟ କରିହେବନାହିଁ । ଯାହା ନିଷ୍ପତ୍ତି ନେବେ ସରକାର ।

## ବାହୁଡା...

ମହାପ୍ରଭୁଙ୍କ ଲୀଳାଖେଳା ସରି ସରି ଆସୁଛି। ବାହୁଡା ଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପ୍ରଥା ଓ ପରମ୍ପରା ଅନୁଯାୟୀ ହେରାପଞ୍ଚମୀ ପରଦିନ ଅର୍ଥାତ ଆଜି ତିନି ରଥର ଦକ୍ଷିଣମୋଡ କରାଯାଇଛି। ସେପଟେ ଚଳିତବର୍ଷ ଗୁଣ୍ଡିଚା ମନ୍ଦିରରେ ନବମୀ ସଂଧ୍ୟା ଦର୍ଶନ ନେଇ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେହିପରି ବାହୁଡା ଯାତ୍ରା ଓ ସୁନାବେଶରେ ପ୍ରବଳ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସେନେଇ ପୁରୀ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି। ଆସନ୍ତା ୫ ତାରିଖରେ ବାହୁଡାଯାତ୍ରା। ଏ ଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ନବଦିନାତ୍ମକ ଘୋଷଯାତ୍ରାରେ ଆସିଥିବା ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିରରେ ଆଜି ସମସ୍ତ ନୀତିକାନ୍ତି ସରି ସକାଳ ଧୂପ ସରିବା ପରେ ଘଣ୍ଟ, କାହାଳୀ, ଛତ୍ରି ସହ ପଟୁଆରରେ ତିନି ବାଡ଼ରୁ ତିନି ଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ତିନିରଥ ନିକଟକୁ ଆସିବା ପରେ ଆରମ୍ଭ ହୋଇଥିଲା ରଥଟଣା। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣମୋଡ କରାଯାଇଥିଲା। ଏହା ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଦକ୍ଷିଣମୋଡ ପାଇଁ ଅସ୍ଥାୟୀ ବାଲି ବିଛାଯାଇଥିଲା। ବିଜେ କାହାଳୀ ବାଜିବା ପରେ ଆରକ୍ଷୀ ବାହିନୀଙ୍କ ଦ୍ୱାରା ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ପରେ ବଳଭଦ୍ରଙ୍କ ରଥ ଦକ୍ଷିଣମୋଡ଼ ହୋଇଥିଲା। ରଥ ଦକ୍ଷିଣମୋଡ଼ ସମୟରେ ରଥ ଦଉଡ଼ି ଟାଣିବା ପାଇଁ ଭକ୍ତ ,ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଥିଲା।

## ଟାଣି...

ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ ଗତ ସୋମବାର ସକାଳ ୮.୧୫ରୁ ୮.୩୫ ମଧ୍ୟରେ ଫାର୍ମା କମ୍ପାନୀର କେମିକାଲ ଭର୍ତ୍ତି ଟ୍ୟାଙ୍କର ଫାଟିବାରୁ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ପରେ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୃତକଙ୍କ ଶରୀର ୧୦୦ ମିଟର ଦୂରକୁ ଉଡି ଯାଇଥିଲା । ତେଲେଙ୍ଗାନା ରାଜସ୍ୱ ବିଭାଗର ସୂଚନା ଅନୁଯାୟୀ ମୃତକଙ୍କ ମଧ୍ୟରେ ଅନେକ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରବାସୀନ୍ଦା ଅଛନ୍ତି ।

## ୫ ଲ'କ୍ଷ...

ବର୍ଷ, ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା ।

## ରେଳଧାରଣା...

ରେଳଧାରଣାରୁ ମାଟି ସଫା କରାଯିବାକୁ ତ୍ୱରିତ ପଦକ୍ଷେପ ନିଆଯାଇଛି । ଯଥା ଶୀଘ୍ର ରେଳଲାଇନରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଛି ।

ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନର ବରିଷ୍ଠ ପ୍ରବନ୍ଧକ (ବ୍ୟବସାୟିକ) କେ ସନ୍ଦୀପ କହିଛନ୍ତି, ବର୍ଷା ଯୋଗୁଁ କୋରାପୁଟ-କିରଣ୍ଡୁଲ ଲାଇନର ମାଲିଗୁଡ଼ା-ଜରଟି ଷ୍ଟେସନ ମଝିରେ ଭୂସ୍ଖଳନ ହୋଇଛି । ଏହି ଅଘଟଣ ଯୋଗୁଁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ରେଳବାଇର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ଆଜି ପାଇଁ ଜଗଦଲପୁରରୁ ବାତିଲ କରାଯାଇଛି । ସେହିପରି ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ରାତ୍ରୀକାଳୀନ ଏକ୍ସପ୍ରେସ୍ ଆଜି ପାଇଁ କିରଣ୍ଡୁଲରୁ ବାତିଲ କରାଯାଇଛି ।

## ଗାଁ ଦାଣ୍ଡରେ...

ହୋଇଛି । ପ୍ରବଳ ବନ୍ୟା ଜଳ ଆସିବା ଦ୍ୱାରା ଭଦ୍ରକ ବେନ୍ତାଳ, ଖଣ୍ଡତଡା, ଅର୍ଣ୍ଣପାଳ ଏବଂ ବିଷ୍ଣୁପୁର, ଗୁଜିଦରଡ଼ା ପଂଚାୟତରେ ଥିବା ଚାଷ ଜମିରେ ପ୍ରବେଶ କରିଛି । ଏପରିକି ବେନ୍ତାଳ ପଂଚାୟତର ୫ନମ୍ବର ଏବଂ ୬ନମ୍ବର ୱାର୍ଡ ଲୋକଙ୍କ ଘରେ ବନ୍ୟାଜଳ ପ୍ରବେଶ କରିଛି । ନଦୀବନ୍ଧ ଉପରେ ଏବଂ କେନାଲ ବନ୍ଧ ଭାଙ୍ଗି ପାଣି ଗାଁ ଭିତରେ ପ୍ରବେଶ କରିଛି । ଅନ୍ୟପକ୍ଷରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଆଜି ସାଳନ୍ଦୀ କେନାଲ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନେଇ ବନ୍ୟାଂଚଳ ଗସ୍ତ କରିବା ସହିତ ନଦୀ ବନ୍ଧର ସ୍ଥିତି ଦେଖି ତୁରନ୍ତ ଦୁର୍ବଳ ନଦୀ ବନ୍ଧ ଓ ଭାଙ୍ଗି ଯାଇଥିବା କେନାଲ ବନ୍ଧରେ ବାଲି ବସ୍ତା ପକାଇ ଯୁଦ୍ଧ କାଳୀନ ଭିତ୍ତିରେ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବିପନ୍ନ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ଦେଖି ବ୍ୟାବସ୍ଥା କରିବାକୁ କହିଛନ୍ତ ବିଧାୟକ ସୀତାଂଶୁ ମହାପାତ୍ର । ବିଭିନ୍ନ ଗାଁ ଭିତରେ ବନ୍ୟା ପ୍ରବେଶ କରି ନାହିଁ ନଥିବା ଅସୁବିଧା ସୃଷ୍ଟି କରିଛି । ତେଣୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଆଜି ବନ୍ୟାଂଚଳ ଗସ୍ତ କରି ବାସ୍ତବ ସ୍ଥିତି ଦେଖିଥିଲେ । ସେ ପ୍ରଥମେ ଖଣ୍ଡତଡା ପଞ୍ଚାୟତ ଓ ପରେ ବେନ୍ତାଳ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ବନ୍ୟା ବିପନ୍ନଙ୍କ ସମସ୍ୟାଜାଣିଥିଲେ । ଏପରିକି ନଦୀବନ୍ଧରେ କିପରି ଓଭର ଫ୍ଲୋ ହୋଇ ନଦୀ ଜଳ ଗାଁ ଭିତରକୁ ପ୍ରବେଶ କରୁଛି ତାର ସ୍ଥିତି ମଧ୍ୟ ଦେଖିଥିଲେ । ପରେ ବିପନ୍ନ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦେବାକୁ ପଂଚାୟତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବାଲିବସ୍ତା ପକାଇ ନଦୀ ବନ୍ଧର ମରାମତି କରିବାକୁ ମଧ୍ୟ ଜିଲ୍ଲାପାଳ ସାଳନ୍ଦୀ କେନାଲ ଡିଭିଜନକୁ ନିର୍ଦ୍ଦେଶ ଦେବା ସହିତ ପାଣି କମିଗଲେ ଗାଁ ଗାଁରେ ସ୍ୱାସ୍ଥ୍ୟ ଟିମ ପହଂଚିବ । ପାଣିକୁ ବିଶୋଧନ କରାଯିବା ବୋଲି ଜିଲ୍ଲାପାଳ କହିଛନ୍ତି ।

## ଆକସ୍ମିକ...

ଏ ନେଇ ଏକ ମଲ୍ଟି ସେଣ୍ଟ୍ରିକ୍ ମ୍ୟାଚ୍‌ଡ କେଶ୍ - କଣ୍ଟ୍ରୋଲ୍ ଷ୍ଟଡି ୨୦୨୩ ମେ ରୁ ଅଗଷ୍ଟ ମଧ୍ୟରେ ଦେଶର ୪୭ ହସ୍ପିଟାଲରେ କରାଯାଇଥିଲା । ଏହି ଅଧ୍ୟୟନ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ଯାଏ ମଧ୍ୟ ହୋଇଥିବା ମୃତ୍ୟୁର ଅନୁଧ୍ୟାନ କରାଯାଇଥିଲା । ଦ୍ୱିତୀୟ ଅଧ୍ୟୟନ ଯୁବକମାନଙ୍କ ଆକସ୍ମିତ ମୃତ୍ୟୁର କାରଣ ନେଇ ଆଇସିଏମ୍ଆର୍ ପକ୍ଷରୁ ହୋଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, କୋଭିଡ୍ ଟିକା ସହ ଏହାର କୌଣସି ସମ୍ପର୍କ ନାହିଁ । ହଠାତ୍ ହୃଦ୍‌ଘାତ ଜନିତ ମୃତ୍ୟୁର କାରଣ ରହୁଥିଲା ଯେ, ବଂଶଗତ ଓ ଜୀବନଶୈଳୀ କୋଭିଡ୍ ପୂର୍ବରୁ ମଧ୍ୟ ଏଭଳି ଦେଖାଯାଇଥିଲା । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧେରମେୟା ଅଭିଯୋଗ କରିଥିଲେ ଯେ, ତାଙ୍କ ରାଜ୍ୟରେ ଯେଉଁ ଅକସ୍ମାତ ମୃତ୍ୟୁ ହେଉଛି ତାହା ପଛରେ କୋଭିଡ୍ ୧୯ ଟିକା ରହିଛି । ଗୋଟିଏ ମାସରେ ହୃଦ୍‌ଘାତ ଯୋଗୁଁ ୨୦ ଜଣଙ୍କ ମୃତ୍ୟୁ ହୋଇଥିଲା । ତେବେ ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ଏହାର ସ୍ପଷ୍ଟିକରଣ ଦିଆଯାଇଛି ।

## ଦଳାଚକଟା...

୫ ଟା ପର୍ଯ୍ୟାନ୍ତ ଉନ୍ନୟନ କମିଶନରଙ୍କ ସହ ବୈଠକ କରିବେ ।

ସୂଚନା ଯୋଗ୍ୟ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଥିଲା ବେଳେ ସକାଳୁ ପହଡ ଖୋଲିବା ସମୟରେ ଦଳାଚକଟା ଘଟିଥିଲା । ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହାର ତଦନ୍ତ ପାଇଁ ସରକାର ଉନ୍ନୟନ କମିଶନରଙ୍କୁ ଦାୟିତ୍ୱ ଦେଇଛନ୍ତି । ଇତି ମଧ୍ୟରେ ଉନ୍ନୟନ କମିଶନର ପୁରୀ ଯାଇ କ୍ଷେତ୍ର ଅନୁଧ୍ୟାନ କରି ଫେରିଛନ୍ତି । ତଦନ୍ତ ରିପୋର୍ଟ ଯଥାଶୀଘ୍ର ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଟିପିସିଓଡିଏଲକୁ ସମ୍ମାନଜନକ ଇଣ୍ଡଷ୍ଟ୍ରି ଆୱାର୍ଡ

ଭୁବନେଶ୍ୱର (ସବ୍ୟୁ) : ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) କଷ୍ଟ୍‌ମ୍ୟାନେଜମେ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୧୯ ତମ ନେସନାଲ ଆୱାର୍ଡସ୍ ଫର୍ ଏକ୍ସଲେନ୍ସ ଇନ୍ କଷ୍ଟ୍ ମ୍ୟାନେମେ - ୨୦୨୪ ଏବଂ ୮ମ ସିଏମଏ ଆୱାର୍ଡସ୍ - ୨୦୨୪ ରେ ପୁରସ୍କୃତ ହୋଇଛି । ଟ୍ରାନ୍ସମିସନ୍ ଓ ଡିଷ୍ଟ୍ରିବ୍ୟୁସନ୍ ବର୍ଗରେ ଟିପିସିଓଡ଼ିଏଲକୁ ଏହି ଇଣ୍ଡଷ୍ଟ୍ରି ଆୱାର୍ଡ ମିଳିଛି । ନୂଆଦିଲ୍ଲୀରବିଜ୍ଞାନ ଭବନରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ କଷ୍ଟ୍ ମ୍ୟାନେଜମେ ପ୍ରାକଟିସ୍ ଓ ଅପରେସନାଲ୍ ଏକ୍ସଲେନ୍ସ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନକରିଥିବା ସଂସ୍ଥା ଗୁଡ଼ିକୁ ସମ୍ମାନିତ କରାଯାଇଛି । ଟିପିସିଓଡିଏଲ୍ ପକ୍ଷରୁ ସିଏଫ୍ଓ ଶ୍ରୀ ହେମନ୍ତ ଗୋୟଲ, ସିଜିଏମ୍ (ଫାଇନାନ୍ସ) ଶ୍ରୀ ଶିବ ପ୍ରସାଦ କର ଏବଂ ସିନିୟର ଜିଏମ୍ (ଫାଇନାନ୍ସ) ସୁଧାଂଶୁକୁମାର ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ସ୍ୱୀକୃତି ଟିପିସିଓଡିଏଲର ଆର୍ଥିକ ଦକ୍ଷତା, ସ୍ୱଚ୍ଛତା ଏବଂ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଦିଗରେ ନିରନ୍ତର ପ୍ରୟାସର ପ୍ରମାଣ ଅଟେ । ଟିପିସିଓଡିଏଲ୍ କେନ୍ଦ୍ର ଓଡ଼ିଶାର ଜନସାଧାରଣଙ୍କୁ ଭରସାଯୋଗ୍ୟ ଓ ଦକ୍ଷ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ସହ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ନବସୃଜନ ଓ ନିରନ୍ତରତା ପାଇଁ ପ୍ରତିଶ୍ରୁତିବଦ୍ଧ ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No.-111, Dated 17.06.2025, I, **Sujaya Nanda**, aged about 42 years, W/o: Alok Kumar Nanda, resident of At: Gobindpur, Sahaniajpur, Nischintakoili, P.O.: Sahaniajpur, Dist.: Cuttack, Odisha, PIN-754207 do hereby declare that my actual Date of Birth is 07.03.1983 reflected in my Aadhar Card vide No. 2903 1185 8656 and Service Discharge Book vide No. 51547. But in my Husband's service indian Navy PPO vide No. 09/97/B/S000601/2014, my Date of Birth has been mentioned as 23.07.1983 instead of 07.03.1983. Henceforth, my Date of Birth may be corrected as 07.03.1983 for all purposes.

**ଦଲିଲ ହଜିଯାଇଛି**

ଆମେ ରତିକାନ୍ତ ଘଡ଼ାଇ, ପିତା : ମନ୍ମଥ କୁମାର ଘଡ଼ାଇ, ସା/ପୋ/ଥାନା : ଗୋପାଳପୁର, ଜିଲ୍ଲା-ବାଲେଶ୍ୱର, ଗତ ତା. ୦୩.୦୬.୨୦୨୫ ରିଖରେ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ବାଲେଶ୍ୱରଙ୍କ ପାଖରେ ଏକ ସତ୍ୟପାଠ ଦ୍ୱାରା ଅବଗତ କରୁଅଛି କି, ଆମର ଅରଜିନାଲ ବିକ୍ରୟ ଦଲିଲ ନଂ- ୧୦୧୪୧୪୦୦୨୯୧ ତା. ୨୧.୦୧.୨୦୧୪ ରିଖ, ଯାହାକି ଖାତା ନଂ- ୧୯୫/୨୦୨, ମୌଜା- ଗୋପାଳପୁର ସମ୍ବଳିତ ଦଲିଲଟି ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁର ଛକ ରାସ୍ତାରେ ହଜିଯାଇଛି । ଉକ୍ତ ଘୋଷଣାନାମାକୁ ଆମେ ବ୍ୟାଙ୍କରେ ଋଣ ନେବା ସକାଶେ ପେଶ କରିବୁ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ବାବଦରେ ଦାବିଦାର ଅଟନ୍ତି ତେବେ ନୋଟିସ୍ ପ୍ରକାଶନ ହେବାର ୭ଦିନ ମଧ୍ୟରେ ଦାବି କରିପାରିବେ ।

ରତିକାନ୍ତ ଘଡ଼ାଇ
ମୋ : ୯୮୫୩୧୯୪୦୧୨

**ଦ.ପୂ. ରେଳପଥ-ଟେଣ୍ଡର**

[illegible] ଡକ୍ୟୁମେଣ୍ଟ ମୂଲ୍ୟ : ଟଙ୍କାରେ : ଶୂନ । ବନ୍ଦ / ଖୋଲା ତାରିଖ : ୨୮.୦୭.୨୦୨୫ । ୱେବସାଇଟ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । (PR-345)

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No.-111, Dated 17.06.2025, I, **Sujaya Nanda**, aged about 42 years, W/o: Alok Kumar Nanda, resident of At: Gobindpur, Sahaniajpur, Nischintakoili, P.O.: Sahaniajpur, Dist.: Cuttack, Odisha, PIN-754207 do hereby declare that my actual Date of Birth is 07.03.1983 reflected in my Aadhar Card vide No. 2903 1185 8656 and Service Discharge Book vide No. 51547. But in my Husband's service indian Navy PPO vide No. 09/97/B/S000601/2014, my Date of Birth has been mentioned as 23.07.1983 instead of 07.03.1983. Henceforth, my Date of Birth may be corrected as 07.03.1983 for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No.-112, Dated 17.06.2025, I, **Pritam Paramjeet Nanda**, aged about 19 years, S/o: Alok Kumar Nanda, resident of At: Gobindpur, Sahaniajpur, Nischintakoili, P.O.: Sahaniajpur, Dist.: Cuttack, Odisha, PIN-754207 do hereby declare that my actual and correct name is Pritam Paramjeet Nanda reflected in my Aadhaar Card-6551 5346 5370 and my educational certificate. In my father's service discharge book vide Sr. No. 61902 my name has been reflected as Pritam P Nanda instead of Pritam Paramjeet Nanda. But Pritam Paramjeet Nanda and Pritam P Nanda is one and same person. Henceforth, I shall be known as **Pritam Paramjeet Nanda** for all purposes.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-951
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୦୮ **ବିଜ୍ଞାପନ** ତା : ୧୮.୬.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ-ଏମ୍.ଆଇ.ଜି-୧/୩ (MIG-1/3), କମ୍ପୋଜିଟ୍ ହାଉସିଂ ସ୍କିମ୍, ଆମପୁଆ, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସଞ୍ଜୟ କୁମାର ପାତ୍ର, ପିତା-ସ୍ୱର୍ଗତ ବୃନ୍ଦାବନ ପାତ୍ର, ଖୋଡାସିଙ୍ଗ, ଭରତ ବିହାର, ୨ୟ ଲେନ୍, ପୋ- ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର, ଥାନା-ବୈଦ୍ୟନାଥପୁର, ଜିଲ୍ଲା-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟିତ ଗ୍ରହୀତା ଶ୍ରୀ ସଞ୍ଜୟ କୁମାର ପାତ୍ର, ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରିଣ ଆଧାରରେ ଏଲ୍. ସରୋଜ କୁମାର ପାତ୍ର, ପିତା- ଏଲ୍. ସୁବାଷ ଚନ୍ଦ୍ର ପାତ୍ର, ସା/ପୋ-ନୂଆଗାଁ, ଆସ୍କା, ଥାନା-ଆସ୍କା, ଜିଲ୍ଲା-ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0697/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-949
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

**ବିଜ୍ଞାପନ**

[illegible]

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0699/2526

**AFFIDAVIT**

By virtue of an affidavit sworn before Notary Public ,Kendrapara , dated 15/05/2025 I ,Debaki Nath, W/o Late Adikanda Nath, Vill-Nilikana, Po-Baghilobabanpur, PS-Derabish, Dist-Kendrapara, Pin-754208 declare that I have changed my daughter's name from Ranjita Nath to Bidusmita Nath.Henceforth, she shall be known as Bidusmita Nath for all purposes.

Sd/- Debaki Nath

**AFFIDAVIT**

By virtue of an affidavit before Executive Magistrate I Rajani Rout, aged about-32, W/o- Nirajan Rout of Vill-Ghantiali, P.O. Baniapal, P.S. Binjharpur, Dist-Jajpur that my name is Rajani Rout. I want to change my name from Rajani Rout to Rajani Behera. Henceforth I shall be known as Rajani Behera instead of Rajani Rout for all purposes.

Sd/- Rajani Behera

**PARADIP PORT AUTHORITY**
MARINE DEPARTMENT
No. MD/ACCTS/WK/R-05/2025/828 Date: 26/06/2025
E-TENDER CALL NOTICE (E-TCN) No.MD/ACCTS/WK/R-05/2025/506, dtd.15/04/2025

**Name of the Work** : Chartering off Green Tug (Green Tug Transition Programme Compliant)- Manning, Operation, Maintenance and Complete Technical Management of Service Provider Owned 01 No.60 T Bollard Pull New Battery Electric Tug for 15 Years at Paradip Port Authority. Estimated cost put to tender for hire charges for one year: **Rs.24,47,28,667/-** Last date & time of submission of tender through on-line bidding is **15:00 Hours on 21/07/2025.** Date & time for opening of Technical Bid is **15:30 hours on dt.22/07/2025.** For further details, please log on to the Website: **https://eprocure.gov.in/eprocure/app.**

Sd/- Deputy Conservator, Paradip Port Authority
PPA/PR/24/2025-2026 dtd.01.07.2025

**AFFIDAVIT**

I, Manoj Agrawal, or Manoj Agrawala, S/o Dewdutta Agrawal, resident of At/Po-Tamparsara, Ps- Attabira, Dist- Bargarh, Pin- 768102, Odisha, declare by this affidavit No. 15621 dated 01/07/2025 that from now onwards I shall be known as *MANOJ KUMAR AGRAWAL* for all future purposes.

**AFFIDAVIT**

By virtue of an affidavit sworn before Notary Public ,Kendrapara , dated 01/07/2025 I ,Parbati Behera, W/o Kanduri Behera, Vill-Panasudha, Po-Panasudha, PS-Nikirai, Dist-Jajpur, Pin-754250 declare that I have changed my name from Mata Sahoo to Parbati Behera.Henceforth, I shall be known as Parbati Behera for all purposes.

Sd/- Parbati Behera

**AFFIDAVIT**

I, Dewdutta Agrawal, or Dewdatta Agrawal / Dewdatta Agrawala, S/o Late Satyanarayan Agrawal, resident of At/Po– Tamparsara, Ps– Attabira, Dist– Bargarh, Pin– 768102, Odisha, declare by this affidavit No. 15620 dated 01/07/2025 that from now onwards I shall be known as *DEWDUTTA AGARWAL* for all future purposes.

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail-rwssjspur@gmail.com

**e-Procurement Notice**

O-358 : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump Sum/P1 composite bids in Double/Single Cover system in online mode for Execution of RPWS scheme & Sinking of 200mm dia production well on Turnkey basis from eligible Class of contractors.

| | | |
|---|---|---|
| 1. | Name of work | : Execution of RPWS Scheme/200mm dia production well |
| 2. | No. of work | : 04 Nos. |
| 3. | Estimated Cost | : Rs. 6,52,195/- to Rs. 96,32,935/- |
| 4. | Cost of Tender paper | : Rs. 6,000/- Each |
| 5. | Class of Contractor | : 'D','C' & 'B' |
| 6. | Availability of Tender in website | : 08.07.2025 to 19.07.2025 |
| 7. | Submission of Bid in online | : 08.07.2025 to 19.07.2025 |
| 8. | Date of seeking clarification | : 08.07.2025 to 17.07.2025 |
| 9. | Date of opening of bids | : 21.07.2025 (11.00 A.M.) |
| 10. | Name and address of O.I.T. | : Superintending Engineer, RWS&S Division, Jagatsinghpur. |
| 11. | All other details can be seen from the website | : www.tendersorissa.gov.in. |
| 12. | Bid cost of Bid security should be submitted in online mode. | |
| 13. | Subsequent corrigendum/addendum if required shall only be appeared in above website. | |

Sd/- Executive Engineer
RWS&S Divn. Jagatsinghpur
OIPR : 25024/11/0016/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address : semechcircle104@gmail.com
A-357

**e-Procurement Notice-Bid Identification No.- ACEM/MDS-26/2025-26**

| | | |
|---|---|---|
| 1. | Name of the work | : Mechanical Gate Works. |
| 2. | No. of works | : 01 (One) |
| 3. | Category of executors | : SSI Units registered under DIC/NSIC/MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDS-26/2025-26 |
| 5. | Estimated Cost | : Rs. 16,93,548/- |
| 6. | Period of Completion | : 02 (Two) Calendar Months. |
| 7. | Date & time of availability of bid documents in the portal | : From dt. 03.07.2025 (10.00 AM ) to Dt. 14.07.2025 (5.30 PM) |
| 8. | Last date / time for receipt of bid in the Portal | : Dt. 14.07.2025 (up to 5.30 PM) |
| 9. | Date and Place of opening of Bid | : Dt. 15.07.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal **https://tendersodisha.gov.in.** Any further issue of Addendant/Corrigendum/Cancellation Notice shall be uploaded in the aforesaid website only.

Sd/- Addl. Chief Engineer
Mechanical Circle Bhubaneswar
OIPR : 32405/11/0077/2526

**Government of Odisha**
**Office of the Block Development Officer,**
**Panchayat Samiti, Digapahandi**
i-184

**Re-Tender Call Notice No. 02/2025-26**

1. Name of the Scheme : GPLF-2024-25
2. Total No of Works : 2 (Two) Nos of individual works.
3. Estimated Cost : Varies from Rs. 27.39 lakhs to Rs. 27.65 lakhs.
4. Period of Completion : 6 (Six) Calendar Months.
5. Other details as follows :

| Sl. No. | Place of availability of Tender Document | Bid Identification No. | Period of availability of Tender | Period of submission of Tender | Date and Place of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Block Development Officer Digapahandi, Panchayat Samiti, Digapahandi | 02/25-26 | From 01.07.2025 (10.00 A.M.) To 07.07.2025 (5.00 P.M) | From 01.07.2025 (10.00 A.M.) To 09.07.2025 (5.00 P.M) | 10.07.2025 (11.00 A.M.) In the Office Chamber of the Block Development Officer, Digapahandi |

Bidder are to participate in bidding through register / Speed Post only. Any addendum / corrigendum / cancellation of the tender can be seen in the notice of the Panchayat Samiti, Digapahandi.

Sd/- Block Development Officer
Digapahandi
OIPR : 19435/11/0005/2526

X-

**ଓଡ଼ିଶା ସରକାର**
**ଯୋଜନା ଓ ସଂଯୋଜନ ବିଭାଗ**

ସଂଖ୍ୟା-୧ ତା-୦୩.୦୭.୨୦୨୫

**ସାର୍ବଜନୀନ ବିଜ୍ଞପ୍ତି**

ଓଡିଶା ସରକାରଙ୍କ ଗୃହ(ସ୍ୱତନ୍ତ୍ର ଶାଖା) ବିଭାଗ, ବିଜ୍ଞପ୍ତି ସଂଖ୍ୟା ୧୩୮୯/ସି, ଭୁବନେଶ୍ୱର ତାରିଖ ୨୯.୦୬ .୨୦୨୫ ଅନୁଯାୟୀ, ତା.୨୯.୦୬ .୨୦୨୫ ରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁଁ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ତଦନ୍ତ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଙ୍କ ଦ୍ୱାରା କରାଯାଉଛି ।

କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ( ଭିଡିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ତା-୨୦.୦୭.୨୦୨୫ ସୁଦ୍ଧା **puritragedy.enquiry@odisha.gov.in** ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଉଛି ।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ନିମ୍ନଲିଖିତ ସ୍ଥାନ ଏବଂ ସମୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିମ୍ନ ସୂଚିତ ସ୍ଥାନ ଓ ସମୟରେ ସାକ୍ଷାତ କରିପାରିବେ ।

୧. ରାଜ୍ୟ ଅତିଥି ଭବନ-ଆନେକ୍ସ, ଭୁବନେଶ୍ୱର-ତା-୦୯.୦୭.୨୦୨୫ :
ଅପରାହ୍ନ-ଘ.୩.୦୦ ମି. ପର ଠାରୁ
୨. ସ୍ୱତନ୍ତ୍ର ପରିଦର୍ଶନ ଗୃହ(ସ୍ପେଶାଲ ସର୍କିଟ୍ ହାଉସ୍),ପୁରୀ, ତା-୧୦.୦୭.୨୦୨୫ :
ଅପରାହ୍ନ- ଘ.୩.୦୦ମି. ପର ଠାରୁ

ଅଧିକ ସୂଚନା ପାଇଁ, ଟେଲିଫୋନ୍ ନମ୍ବର- (0674) 2536882/ 2391970 ରେ ଯୋଗାଯୋଗ କରାଯାଇପାରିବ ।

OIPR : 50001/11/0006/2526
ଅତିରିକ୍ତ ଶାସନ ସଚିବ

ସମୟ

# ଶ୍ରୀଗୁଣ୍ଡିଚା ମହୋତ୍ସବ: ଭାବରେ ଛନ୍ଦା ଭକ୍ତିରେ ବନ୍ଧା କାଳିଆ ଠାକୁର



କଟକ,(ସବ୍ୟୁ): ଭକ୍ତିରେ ବନ୍ଧା, ଭାବରେ ଛନ୍ଦା । ଅପୂର୍ବ ଲୀଳାମୟ ଅଟେ ସେ କାଳିଆ ଠାକୁର । ଭକ୍ତ ତାଙ୍କର ଲୀଳାକୁ ଜାଣିନପାରି କହିଥାଏ, ଇନ୍ଦ୍ରଧନୁର ସାତ ରଙ୍ଗରେ କଳା ରଙ୍ଗ ଜମା ନାହିଁ, କୋଉଠୁ ଏତେ ଆଣିବି ମୁଁ କଳା, ପ୍ରଭୁ ତୁମେ ହୁଅ କଳା ବୋଲିଛ ବଡ଼ ବିଚିତ୍ର ଅଟେ ଜଗନ୍ନାଥଙ୍କ ଏହି ରଥଯାତ୍ରା । ତାଙ୍କରି ଯାତ୍ରାକୁ ନେଇ ମହାନଦୀ ବିହାର ସ୍ଥିତ ମଙ୍ଗଳାମନ୍ଦିର ଛକରେ ଆୟୋଜିତ ହେଉଅଛି ଶ୍ରୀଗୁଣ୍ଡିଚା ମହୋତ୍ସବ - ୨୦୨୫ । ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ଆବାହକ ସଞ୍ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ପଞ୍ଚମ ସନ୍ଧ୍ୟାରେ ଅଧକ୍ଷ ଆଦିତ୍ୟ ବାହିନୀ, ଗୋବର୍ଦ୍ଧନ ପୀଠ, ପୁରୀ ତଥା କଥାକାର ମାତୃ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଶରତ ଚନ୍ଦ୍ର ଦାସ, ପ୍ରମୋଦ ମିଶ୍ର, ଇଂ ଶରତ ପାଣି, ଆଇନଜୀବୀ ଶଶିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦଘାଟନ କରିଥିଲେ । ପରେ ପରେ ମଞ୍ଚାସୀନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଜଗନ୍ନାଥଙ୍କ ଫଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଅପରେସନ ସିନ୍ଦୂରରେ ମୁଖ୍ୟ ଭୂମିକା ନିଭାଇଥିବା ମେଜର ଶକ୍ତି ପ୍ରସାଦ ମିଶ୍ର, ପ୍ରଶାସନିକ ଅଧିକାରୀ ଇଂ ସୁବୋଧ ରାଉତରାୟ, କଟକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ ମହାନ୍ତି ଏବଂ ଡାକ୍ତର ରୁଚି ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପଞ୍ଚମ ସନ୍ଧ୍ୟାରେ କଥାକାର ମାତୃ ପ୍ରସାଦ ମିଶ୍ର ଉପସ୍ଥିତ ଭକ୍ତମଣ୍ଡଳୀଙ୍କୁ ଭକ୍ତ ଭାବରେ ବନ୍ଧା କାଳିଆ ଠାକୁରଙ୍କ ଅବର୍ଣ୍ଣନୀୟ କଥାକୁ ବଖାଣିଥିଲେ ।

ଏହି ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ପ୍ରସାଦ ମହାନ୍ତି, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ହିମାଂଶୁ ଷଡ଼ଙ୍ଗୀ, ସରୋଜ ପ୍ରସାଦ ସ୍ୱାଇଁ, ଚତୃଭୁଜ ମହାପାତ୍ର, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ଜ୍ଞାନରଞ୍ଜନ ଦାସ, ରାଧାକାନ୍ତ ଶତପଥୀ, ଶରତ ଚନ୍ଦ୍ର କୁଣ୍ଟୁ, ତାପସ ସାମନ୍ତ, ପ୍ରଦୀପ୍ତ ମହାନ୍ତି, ବିଷ୍ଣୁ ପ୍ରସାଦ କର, ପ୍ରମୋଦ ଦାସ, ସୁଶାନ୍ତ ଘୋଷ, ରାକେଶ ତ୍ରିପାଠୀ, ନିରୁପମା ପତି, ଲେନିନପ୍ରଭାଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ବୃନ୍ଦ ଉପସ୍ଥିତ ଥିବା ବେଳେ ଉଲ୍ଲାସ ବେଉରା ମଞ୍ଚ ପରିଚାଳନା କରିଥିଲେ ।

# ରୋଗୀ ସେବାର ପ୍ରାଣ କେନ୍ଦ୍ର ହେଉଛନ୍ତି ନର୍ସ : ସୋଆ ଉପସଭାପତି

ଭୁବନେଶ୍ୱର,(ସବ୍ୟୁ): ସ୍ୱାସ୍ଥ୍ୟ ସେବାରେ ଉତ୍କର୍ଷ ଆଣିବାରେ ନର୍ସମାନଙ୍କର ପ୍ରମୁଖ ଭୂମିକା ରହିଥିବା ବେଳେ ସେମାନେ ରୋଗୀ ସେବାର ପ୍ରାଣ କେନ୍ଦ୍ର ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ କହିଛନ୍ତି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ନର୍ସିଂ କ୍ଷେତ୍ରରେ ଦକ୍ଷ ନେତୃତ୍ୱ ସମ୍ପର୍କିତ ବୁଧବାର ଆୟୋଜିତ ଏକ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ପ୍ରୋଗ୍ରାମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଏହା କହିଥିଲେ । ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ ସୁରକ୍ଷା, ଦକ୍ଷତା ଓ ସେବା ମନୋଭାବ ରଖିବା ନିମନ୍ତେ ନର୍ସିଂ କ୍ଷେତ୍ରରେ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ରୋଗୀ ସେବା ନିମନ୍ତେ ନେତୃତ୍ୱ ପ୍ରଦାନ କରୁଥିବା ପ୍ରକୃତ ନର୍ସ କେବଳ ନିଜ କାର୍ଯ୍ୟ ତୁଲାଇ ନଥାଏ ବରଂ ନିଜ ନର୍ସିଂ ଟିମ୍‌କୁ ମଧ୍ୟ ପ୍ରୋତ୍ସାହନ ଦେବା ସହ ରୋଗୀମାନଙ୍କର ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଥାଏ ବୋଲି ଶ୍ରୀମତି ଦାସ କହିଥିଲେ । ତେଣୁ ଏ କ୍ଷେତ୍ରରେ ନର୍ସମାନଙ୍କୁ ଅଧିକ ଦକ୍ଷ ଓ ସଶକ୍ତ କରାଇବା ନିମନ୍ତେ ଏଭଳି ନେତୃତ୍ୱ ସମ୍ପର୍କିତ ପ୍ରଶିକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି



ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର (ଡକ୍ଟର) ସସ୍ମିତା ଦାସ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଇବିସିଏସ୍‌ର ଆସୋସିଏଟ ପ୍ରଫେସର ତଥା କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ବି ବି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋରୱେଲରେ ପଡ଼ି ବୃଦ୍ଧା ମୃତ୍ୟୁ ଘଟଣା

# ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ: ଓଏଚ୍‌ଆରସି

କଟକ,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ଖାଲିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବୃଦ୍ଧା ଦୁଃଖୀ ନେଗୀଙ୍କ ବୋରୱେଲ୍‌ରେ ପଡ଼ି ମୃତ୍ୟୁ ଘଟଣାରେ ରାଜ୍ୟ ମାନବାଧିକାର କମିସନ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କମିସନ ରାଜ୍ୟ ସରକାରଙ୍କୁ କହିଛନ୍ତି । ଏହି କ୍ଷତିପୂରଣ ରାଶି ଆଦେଶ କପି ପାଇବାର ତିନି ମାସ ମଧ୍ୟରେ ଜଳସମ୍ପଦ ବିଭାଗ ପ୍ରଦାନ କରିବ । ଏଥିସହ ଦାୟୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କମିସନ ସୁପାରିଶ୍ କରିଛନ୍ତି । ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଓଏଚ୍‌ଆରସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଦାସ ଅଭିଯୋଗ କରିଥିଲେ ଯେ, ଦୁଃଖୀ ନେଗୀ ତାଙ୍କ ଝିଅ ଘରକୁ ବୁଲିବାକୁ ଯାଇଥିଲାବେଳେ ଏକ ଅଘଟଣର ଶିକାର ହୋଇଥିଲେ । ରାଜ୍ୟ ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଏକ ମୁକୁଳା ବୋରୱେଲ୍ ବୃଦ୍ଧା ଜଣଙ୍କ ଖସିପଡ଼ି ୨୪ଘଣ୍ଟା ତାହା ମଧ୍ୟରେ ରହିଯାଇଥିଲେ । ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ଆବେଦନକାରୀ ଶ୍ରୀ ଦାସ ଓଏଚ୍‌ଆରସିରେ ମାମଲା ରୁଜୁ କରିଥିଲେ । ଓଏଚ୍‌ଆରସି ମାମଲାର ଶୁଣାଣି କରି ଏହି ଘଟଣା ପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରିଛନ୍ତି । କାର୍ଯ୍ୟରେ ଅବହେଳା ପାଇଁ ଜଣେ ବୃଦ୍ଧାଙ୍କ ଜୀବନ ଚାଲିଯାଇଛି । ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇଡ୍ ଅନୁଯାୟୀ ଯଦି କୌଣସି ସ୍ଥାନରେ ବୋରୱେଲ୍ ଖୋଲା ରହିଥାଏ ସେହିଭଳି ସ୍ଥାନକୁ ମାଟିସହ ସମ୍ପୂର୍ଣ୍ଣ କଭର କରାଯିବା କଥା । କିନ୍ତୁ ଏଠି ବିଭାଗୀୟ ଅଧିକାରୀ ଯେଉଁ ରିପୋର୍ଟ ଦେଇଛନ୍ତି ତାହା କେବଳ ମିଛ ସଫେଇ । ଯେହେତୁ ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଉଲ୍ଲଙ୍ଘନ କରାଯାଇଛି ଓଏଚ୍‌ଆରସି ଜଳସମ୍ପଦ ବିଭାଗ ମୁଖ୍ୟଙ୍କୁ ଏହି କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ପଥପ୍ରାନ୍ତ ଶୀତଳ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କଟକ,(ସବ୍ୟୁ): ସିଡିଏ ସେକ୍ଟର-୧୧ ଆବାସିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ଶୀତଳ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ସହାୟତାରେ ହୋଇଥିବା ଏହି ପ୍ରକଳ୍ପକୁ ବିଧାୟିକା ସୋଫିଆ ଫିର୍ଦୋସ, ସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ଗୌତମ ସିଦ୍ଧିକ, ସଭାପତି ପ୍ରଫେସର ଅକ୍ଷୟ ଦାସ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମହିଳା ନେତ୍ରୀ ଗିରିବାଳା ବେହେରା, ମାମାନି ମିଶ୍ର, ପ୍ରଭାତୀ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଚିତ୍ତ ରଞ୍ଜନ ମହାନ୍ତି, ଇନାମୁଲ ହକ, ଶିଳ୍ପୀ ରବି ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ୯.୬୯% ଅଭିବୃଦ୍ଧି

ଭୁବନେଶ୍ୱର,(ସବ୍ୟୁ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକରେ ପଣ୍ୟ ପରିବହନରେ ଏକ ଦୃଢ଼ ପ୍ରଦର୍ଶନ ହାସଲ କରିଛି । ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ଗତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ପୂର୍ବତଟ ରେଳପଥ ୬୨.୨ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲାବେଳେ ଚଳିତ ଆର୍ଥିକ ବର୍ଷର ସମାନ ଅବଧିରେ ମୋଟ ୬୮.୧୯ ନିୟୁତ ଟନ୍ ବୋଝେଇ କରିଛି, ଯାହା ପ୍ରଶଂସନୀୟ ୯.୬୯% ବୃଦ୍ଧିକୁ



ପ୍ରତିଫଳିତ କରୁଅଛି । କେବଳ ଜୁନ୍ ୨୦୨୫ ରେ, ପଣ୍ୟ ପରିବହନ ୨୩.୧୫ ନିୟୁତ ଟନ୍ ରେ ପହଞ୍ଚିଛି ଯାହା ୨୦୨୪ ର ସମାନ ଅବଧି ମଧ୍ୟରେ ପଣ୍ୟ ବୋଝେଇ ୨୧.୪୯ ନିୟୁତ ଟନ୍ ତୁଳନାରେ ୭.୭୨% ବୃଦ୍ଧି ପାଇଛି । ପୂର୍ବତଟ ରେଳପଥ ଦ୍ୱାରା ଦୈନିକ ହାରାହାରି ପଣ୍ୟ ପରିବହନ ବର୍ତ୍ତମାନ ପ୍ରାୟ ୦.୭୫ ନିୟୁତ ଟନ୍ ରହିଛି ଯାହା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହାର ମହତ୍ୱାକାଂକ୍ଷୀ ବାର୍ଷିକ ଲକ୍ଷ୍ୟ ହାସଲ କରିବା ପାଇଁ ନିଜକୁ ପ୍ରସ୍ତୁତ ରଖିଛି । ଏହି ସ୍ଥିର ଅଭିବୃଦ୍ଧି କେବଳ ଦକ୍ଷ ଯୋଜନା, ଉନ୍ନତ କାର୍ଯ୍ୟକ୍ଷମ ପରିଚାଳନା ଏବଂ କୋଇଲା, ଲୁହା ଖଣି, ସିମେଣ୍ଟ ଏବଂ ସାର ଭଳି କ୍ଷେତ୍ରଗୁଡ଼ିକ ସହିତ ପଣ୍ୟ ପରିବହନ ଗ୍ରାହକମାନଙ୍କ ସହିତ ସକ୍ରିୟ ସମନ୍ୱୟ ଯୋଗୁଁ ସମ୍ଭବ ହୋଇପାରିଛି । ଦେଶର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ।

# ବିଶେଷଜ୍ଞଙ୍କ ମତ: ପରିସ୍ରା ଜନୀତ ସମସ୍ୟା ଚିକିତ୍ସା ଯୋଗ୍ୟ

ଭୁବନେଶ୍ୱର,(ସବ୍ୟୁ): ଦେଶରେ ପ୍ରାୟ ୨୭.୧% ମହିଳା ପରିସ୍ରା ଜନୀତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହା କେବଳ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନୁହେଁ, ଭାବ ପ୍ରବଣତା ତଥା ସାମାଜିକ ସୁସ୍ଥତାକୁ ମଧ୍ୟ ପ୍ରଭାବିତ କରିଥାଏ । ସେଥିମଧ୍ୟରୁ ଚାପ ପରିସ୍ରା ଜନୀତ ଅସନ୍ତୋଷ କେବଳ ୧୫.୯%ଙ୍କୁ ପ୍ରଭାବିତ କରିଥାଏ ଏବଂ ବିଶେଷ ଭାବରେ ମହିଳାମାନଙ୍କ ଠାରେ ନାଲିପାରୋସ ଦେଖାଯାଏ । ଏହା ୨୨.୫% ମହିଳାଙ୍କ ଠାରେ ଦେଖାଯାଏ । ଓଡ଼ିଶାରେ ଏହି ସମସ୍ୟା ବିଶେଷ ଭାବେ ଦେଖାଯାଉଛି । ଖୋର୍ଦ୍ଧା ଓ ନୟାଗଡ଼ ଭଳି ଗ୍ରାମାଞ୍ଚଳରେ ଏହି ସମସ୍ୟାକୁ ଗୁରୁତ୍ୱ ଦେଇନଥାନ୍ତି । ତେବେ ଏହି କାରଣ ଯୋଗୁଁ କେତେକ ମହିଳା ସାମାଜିକ ଉତ୍ସବରୁ ଦୂରେଇ ରହୁଥିବା ବେଳେ ସର୍ବସାଧାରଣରେ ପରିସ୍ରା ନରୋକିପାରିବା ଘଟଣା ଭଳି ଘଟୁଛି । ତେବେ ଭୁବନେଶ୍ୱର ଓ କଟକରେ ଏସମ୍ପର୍କରେ ମହିଳାମାନେ ଡାକ୍ତରମାନଙ୍କ ପାଖରେ ପ୍ରକାଶ କରିବା ସହିତ ଚିକିତ୍ସା ସେବା ନେଉଛନ୍ତି । ଡାକ୍ତର



ଜ୍ୟୋତିମୋହନ ତୋଷ ପରାମର୍ଶଦାତା ୟୁରୋଲୋଜି ଆଣ୍ଡ ରେନାଲ୍ ଟ୍ରାନ୍ସପାର କେୟାର ବହୁମୁଖୀ ଡାକ୍ତରଖାନା କହିଛନ୍ତି ୩୨ ବର୍ଷ ବୟସ୍କା ସ୍କୁଲ ଶିକ୍ଷୟିତ୍ରୀ ବାରମ୍ବାର ପରିସ୍ରା କରିବା ଲାଗିବା ହେତୁ ଶ୍ରେଣୀଗ୍ରହରେ ଠିଆ ହୋଇରହିବା ପାଇଁ ଭୟ କରୁଥିଲେ । ତେବେ ସମ୍ପ୍ରତି ଏହାର ସରଳ ଚିକିତ୍ସା ପେଲଭିକ୍ ଫ୍ଲୋର ବୟାନ, ଛୋଟ ଆଇକେସନ୍ ଓଜନ ପରିଚାଳନା ହ୍ରାସ କରିବା ଭଳି ଜୀବନଶୈଳୀ ଯୋଗୁଁ ୬ରୁ ୮ ମାସ ଯାଏ ସମସ୍ୟା ଦୂର ହୋଇଛି ।

## ରଥଯାତ୍ରା ଅବ୍ୟବସ୍ଥା, ବିଏମ୍‌ସିରେ ଗୁଣ୍ଡାରାଜ ଘଟଣା

# ଦେଶରେ ରାଜ୍ୟକୁ ନିନ୍ଦିତ କରିଛି: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ବିଏମସିର ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ନହେବା ଓ ପୁରୀରେ ରଥଯାତ୍ରାକୁ ନେଇ ବ୍ୟାପକ ଅବ୍ୟବସ୍ଥା ପରେ, ଆଇନ ମନ୍ତ୍ରୀଙ୍କ ଭୂମିକାକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଏହି ଦୁଇ ଘଟଣା ସାରା ଦେଶରେ ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରିଛି ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଥିଲେ, ବିଏମସି ଅତିରିକ୍ତ କମିସନରଙ୍କୁ ଅମାନବୀୟ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଓଏଏସ ସଂଘ ସମୂହ ଛୁଟିରେ ଯିବାରୁ ରାଜ୍ୟ ଶାସନ ବ୍ୟବସ୍ଥାରେ ସ୍ଥାଣୁତା ଆସିଛି । ଏହି ଘଟଣା ଓଡିଶାକୁ ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ କରିଥିବା ବେଳେ ରାଜ୍ୟ ସରକାର ଏହି ଘଟଣାରେ ନିରବ ରହିବା ରାଜ୍ୟବାସୀଙ୍କୁ ବିସ୍ମିତ କରିଛି । ରାଜ୍ୟ ସରକାର ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଘଣ୍ଟ ଘୋଡାଉଛନ୍ତି, ଯାହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ରାଜ୍ୟ ସରକାର ଏହି ଘଟଣାରେ ଆଉ ଅଧିକ ଟାଳଟୁଳ ନିତି ଅଳମ୍ବନ ନକରି, ତୁରନ୍ତ ମୁଖ୍ୟ ଅଭିଯୁକ୍ତ ଶ୍ରୀ ପ୍ରଧାନଙ୍କୁ ଗିରଫ କରାଯାଉ ବୋଲି ଡ଼ଃ ମହାନ୍ତି କହିଥିଲେ ।

ସେହିପରି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା , କର୍ଡନ ପାସ ବଣ୍ଟନ, ନନ୍ଦିଘୋଷ ରଥ ଟଣା ନଯାଇ ପାରିବା, ପରେ ସନ୍ଧ୍ୟା ସାତଟା ପଇଁଚାଳିଶ ମିନିଟ ସମୟରେ କେବଳଧି ରକ୍ଷା ପାଇଁ ନନ୍ଦିଘୋଷ ରଥକୁ କିଛି ପାଦ ଟାଣିବା, ଶରଧାବାଲିରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହେବା ଇତ୍ୟାଦି ବ୍ୟାପକ ଅବ୍ୟବସ୍ଥା ସରକାରଙ୍କ ବିଫଳତାକୁ ପ୍ରଦର୍ଷିତ କରୁଛି । ରଥଯାତ୍ରା ଦାୟିତ୍ୱରେ ଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବିଫଳତାର ଦାୟିତ୍ୱ ନିଜ ମୁଣ୍ଡକୁ ନେବା ପରିବର୍ତ୍ତେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରିବା ପାଇଁ ବିଭିନ୍ନ ମନ୍ତବ୍ୟ ଦେଉଛନ୍ତି । ଆଇନ ମନ୍ତ୍ରୀଙ୍କ ବକ୍ତବ୍ୟରୁ ତାଙ୍କ ଅହଂକାର ସ୍ପଷ୍ଟ ପରିଲକ୍ଷିତ ହେଉଛି । ରଥଯାତ୍ରା ବିଫଳତାର ନୈତିକ ଦାୟିତ୍ୱ ନେଇ ସେ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ଅଥବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରନ୍ତୁ ବୋଲି ଡ଼ଃ ମହାନ୍ତି କହିଛନ୍ତି ।

# ନୟାପଲ୍ଲୀରେ ଖୋଲିଲା ଭିସାଜ୍ ଲେଡ଼ିଜ ପ୍ରିମିୟମ ସେଲୁନ୍

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ନୟାପଲ୍ଲୀ ହେଲ୍ଥ ଭିଲେଜ ନିକଟରେ ଏକ ଭିସାଜର ନୂଆ ବ୍ରାଞ୍ଚ 'ଭିସାଜ ଲେଡିଜ୍ ପ୍ରିମିୟମ ସେଲୁନ୍' ଖୋଲାଯାଇଛି । ଆଧୁନିକ ସମୟରେ ରୂପଶଯ୍ୟା ପ୍ରତ୍ୟେକ ମଣିଷଙ୍କ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ । ବିବାହ, ବ୍ରତ, ପାର୍ଟି ଆଦି ବିଭିନ୍ନ ସମୟରେ ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ଦେବା ସହ ଭିଡ଼ ଭିତରେ ନିଜକୁ ଟିକେ ସ୍ୱତନ୍ତ୍ର କରାଇବାର ପ୍ରୟାସକୁ ସଫଳ କରିଥାଏ ସେଲୁନ୍ । ତେବେ ଭିସାଜ ଲେଡିଜ୍ ପ୍ରିମିୟମ ସେଲୁନ୍ ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ କରିବା ସହିତ ସବୁବେଳେ ଗ୍ରାହକ ଉପଯୋଗୀ ଅଫର ଉପରେ ଗୁରୁତ୍ୱ ଦେଇଥାଏ । ତେଣୁ ଭିସାଜ ଗ୍ରାହକଙ୍କ ପ୍ରଥମ ପସନ୍ଦ ଭାବେ ପରିଗଣିତ ହୋଇପାରିଛି । ନୂଆ ସେଲୁନରେ ଗ୍ରାହକଙ୍କ ପାଇଁ ଫ୍ଲାଟ୍ ୪୦ ପ୍ରତିଶତ ରିହାତି ଅଫର ରହିଛି । ବିଶେଷ କରି ଷ୍ଟ୍ରେଟନିଙ୍ଗ, କେରାଟିନ ଟ୍ରିଟ୍ମେଟଂ,



ବ୍ରାଇଡାଲ୍ ମେକ୍‌ଅପ, ହାଇଡ୍ରା ଫେସିଆଲ୍, ଫେସ୍ ଡିଟେନ୍, ହେୟାର ସ୍ପା, ହେୟାର କଟ୍ ଆଦି ସର୍ଭିସ୍ ଗ୍ରାହକ ସୁଲଭ ମୂଲ୍ୟରେ ପାଇପାରିବେ । ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ନିକିତା ମିଶ୍ର, ଭିସାଜର ଏମଡି ପ୍ରିୟଦର୍ଶନୀ, ବ୍ରାଚଂ ଓନର୍ ତପସ୍ୱିନୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୭୫୦ କୋଟି ଟଙ୍କାର କଞ୍ଜ୍ୟୁମର ବ୍ରାଣ୍ଡରେ

# ପରିଣତ ହୋଇଛି ଡିଏସ୍ ଗ୍ରୁପ୍‌ର ପଲ୍‌ସ କ୍ୟାଣ୍ଡି

ଭୁବନେଶ୍ୱର,(ସବ୍ୟୁ): ଏକ ଅଗ୍ରଣୀ ଏଫଏମସିଜି କମ୍ପାନୀ ଓ ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ, ଧରମପାଲ ସତ୍ୟପାଲ ଗ୍ରୁପ (ଡିଏସ ଗ୍ରୁପ) ଏହାର ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ ପଲ୍‌ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଘୋଷଣା କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ପଲ୍‌ସ କ୍ୟାଣ୍ଡି ୭୫୦ କୋଟି ଟଙ୍କାର ଉପଭୋକ୍ତା ମୂଲ୍ୟ ହାସଲ କରିଛି ଯାହାର ଅର୍ଥ ହେଉଛି ଏକ ବର୍ଷ ମଧ୍ୟରେ ୭୫୦ କୋଟି ପଲ୍‌ସ କ୍ୟାଣ୍ଡି ବିକ୍ରି ହୋଇଛି । ଏହାକୁ ଭାରତର ସର୍ବବୃହତ ବିତରିତ ହାର୍ଡ ବଏଲ୍‌ଡ କ୍ୟାଣ୍ଡିରେ




ପରିଣତ କରୁଛି । ଗତ ୩ଟି ଆର୍ଥିକ ବର୍ଷରେ ପଲ୍‌ସ ହାର୍ଡ ବଏଲ୍‌ଡ କ୍ୟାଣ୍ଡି ସେଗ୍‌ମେଣ୍ଟ ଶିଳ୍ପରେ ୯%ର ସିଏଜିଆର ତୁଳନାରେ ୧୫%ର ସିଏଜିଆର ପଞ୍ଜୀକୃତ କରିଛି । ରାଜସ୍ୱରେ ଏହି ନିରନ୍ତର ଅଭିବୃଦ୍ଧି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ବ୍ରାଣ୍ଡର ମଜବୁତ ଉପସ୍ଥିତିକୁ ହାଇଲାଇଟ କରୁଛି । ବଜାର ତଥ୍ୟ ଅନୁଯାୟୀ, ପଲ୍‌ସ କ୍ୟାଣ୍ଡି ବର୍ତମାନ ଭାରତର ହାର୍ଡ-ବଏଲ୍‌ଡ କ୍ୟାଣ୍ଡି ସେଗ୍‌ମେଣ୍ଟରେ ୧୯%ର ବଜାର ଅଂଶ ଧାରଣ କରିଛି ଏବଂ ନିରନ୍ତର ଭାବେ ବୃଦ୍ଧି ପାଉଛି ।

## ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପୁରୀ ରଥଯାତ୍ରାରେ

# ୧୦ ଲକ୍ଷରୁ ଅଧିକ ଭକ୍ତଙ୍କୁ ଅନ୍ନ ସେବା ପ୍ରଦାନ

ଭୁବନେଶ୍ୱର,(ସବ୍ୟୁ): ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାରର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ୍ ଲଗାତାର ୧୧ତମ ବର୍ଷ ପାଇଁ ପୁରୀରେ ରଥଯାତ୍ରାର ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛି । ଏହି ବର୍ଷ, ନବଯୌବନ ଦର୍ଶନ ଦିନଠାରୁ ଆଜି ପର୍ଯ୍ୟନ୍ତ ୧୦ ଲକ୍ଷରୁ ଲକ୍ଷରୁ ଅଧିକ ଦେୟମୁକ୍ତ ସତେଜ ରନ୍ଧା ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇ ସାରିଛି । ପବିତ୍ର ସୁନାବେଶ ପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇବା ଲକ୍ଷ୍ୟ ରଖି ଏହି ସେବା ଜାରି ରହିଛି । ସର୍ବାଧିକ ସଂଖ୍ୟକ ଲୋକଙ୍କ ନିକଟରେ ସେବା ପହଞ୍ଚିବା ପାଇଁ ପୁରୀ ରେଳ ଷ୍ଟେସନ ନିକଟରେ ଏବଂ ଗୁଣ୍ଡିଚା ମନ୍ଦିର ନିକଟ ବସ୍ ଷ୍ଟାଣ୍ଡରେ ଦୁଇଟି ବିଶାଳ ଖାଦ୍ୟ ବଣ୍ଟନ ଷ୍ଟଲ ସ୍ଥାପନ କରାଯାଇଛି । ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାତ, ଡାଲମା ଏବଂ ଖଟା ଭକ୍ତମାନଙ୍କୁ ଦିଆଯାଉଛି ।

ବସ୍ ଷ୍ଟାଣ୍ଡରେ ଥିବା ଷ୍ଟଲକୁ ସାଂସଦ (ପୁରୀ) ଡକ୍ଟର ସମ୍ବିତ ପାତ୍ର ଉଦଘାଟନ କରିଥିଲେ । ପୁରୀ ରେଳ



ଷ୍ଟେସନ ନିକଟରେ ଥିବା ଷ୍ଟଲକୁ ଏଡିଆରଏମ ଡି.କେ. ବେହେରା, ବରିଷ୍ଠ ଏସଡିଏମ ଗଉ, ଅନିଲ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଆସିଥିବା କୌଣସି ଭକ୍ତ ଯେପରି ଭୋକିଲା ନ ରୁହନ୍ତି ତାହା ନିଶ୍ଚିତ କରିବା ପାଇଁ ଗତ ୧୧ ବର୍ଷ ଧରି ଆମର ପ୍ରୟାସ ଜାରି ରହିଛି ।

## ଓବେନ ଇଲେକ୍‌ଟ୍ରିକ୍ ପକ୍ଷରୁ

# ୨୪ ଘଣ୍ଟିଆ ଗ୍ରାହକ ସହାୟତା ହେଲ୍‌ପଲାଇନ ଆରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଏକ ଅନୁସନ୍ଧାନ ଏବଂ ବିକାଶ ଆଧାରିତ ଇଲେକ୍ଟ୍ରିକ ମୋଟରସାଇକେଲ ନିର୍ମାତା ଓବେନ ଇଲେକ୍ଟ୍ରିକ, ୨୪ ଘଣ୍ଟିଆ କଷ୍ଟମର ସପୋର୍ଟ ହେଲପଲାଇନ ଆରମ୍ଭ କରିଛି । ଏହି ପଦକ୍ଷେପ ଓବେନର ପ୍ରତିକ୍ରିୟାଶୀଳ, ସ୍ୱଚ୍ଛ ଏବଂ ବ୍ୟକ୍ତିଗତ ବିକ୍ରୟ ପରବର୍ତ୍ତୀ ସହାୟତା ଉପରେ ଧ୍ୟାନକୁ ରେଖାଙ୍କିତ କରେ, ଯାହା ଇଭି ମାଲିକମାନଙ୍କ ମଧ୍ୟରେ ଦୀର୍ଘକାଳୀନ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ହେଲପଲାଇନ ଦିନରାତି ପ୍ରକୃତ ସମୟରେ ବିଶେଷଜ୍ଞ ଏବଂ ସହାନୁଭୂତିପୂର୍ଣ୍ଣ ସହାୟତା ପ୍ରଦାନ କରିଥାଏ । ଗତ ତିନିମାସରେ, ସମସ୍ତ ସର୍ଭିସ କେସ୍‌ଗୁଡ଼ିକର ୯୦% ୭୨ ଘଣ୍ଟା ମଧ୍ୟରେ ସମାଧାନ ହୋଇଛି । ଏହାର ମାଲିକାନା ଉଚ୍ଚ-କ୍ଷମତା ସମ୍ପନ୍ନ ଲିଥିୟମ୍ ଆଇରନ୍ ଫସଫେଟ୍ (ଏଲଇପି) ବ୍ୟାଟେରୀ, ମୋଟର, ଯାନବାହନ ନିୟନ୍ତ୍ରଣ ୟୁନିଟ୍ (ଭିସିୟୁ), ଏବଂ ଚାର୍ଜର ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ କମ୍ପାନୀ ଦ୍ୱାରା ଡିଜାଇନ୍ ଏବଂ ନିର୍ମିତ । ଏହି ସମନ୍ୱୟ ଦ୍ରୁତ ସମସ୍ୟା ସମାଧାନ ଏବଂ ଅଧିକ ସ୍ୱଚ୍ଛତାକୁ ସକ୍ଷମ କରେ, ଯେଉଁଥିରେ ବ୍ୟାପକ ୱାରେଣ୍ଟିଂ କଭରେଜ୍ ଅନ୍ତର୍ଭୁକ୍ତ। ପ୍ରତି ଓବେନ ଇଲେକ୍ଟ୍ରିକ ଗ୍ରାହକଙ୍କ ପାଇଁ ଜଣେ ସମର୍ପିତ ରିଲେସନସିପ ମ୍ୟାନେଜର ନିଯୁକ୍ତ ରହିଥାନ୍ତି, ଯିଏ ଆପଣଙ୍କର ମାଲିକାନା ଯାତ୍ରାର ଆରମ୍ଭରୁ ନିୟମିତ ତଦାରଖ କରିବା ସହିତ ପ୍ରକୃତ ସମୟରେ ସମସ୍ୟା ସମାଧାନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସହାୟତା ସୁନିଶ୍ଚିତ କରିଥାନ୍ତି ।

# ଘାନାରେ ମୋଦୀଙ୍କୁ ସ୍ୱାଗତ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଘାନାରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଘାନାର ରାଷ୍ଟ୍ରପତ ଜନ୍ ଡ୍ରାମାନି ମହାମା ସ୍ୱାଗତ କରିଥିଲେ । ଏହି ଗସ୍ତ ଦୁଇ ରାଷ୍ଟ୍ର ମଧ୍ୟରେ ବନ୍ଧୁତାର ଦୃଢ଼ ଏବଂ ଐତିହାସିକ ବନ୍ଧନକୁ ପ୍ରତିଫଳିତ କରେ । ପ୍ରଧାନମନ୍ତ୍ରୀଙ୍କ ଘାନା ଗସ୍ତ ଗତ ତିନି ଦଶନ୍ଧି ମଧ୍ୟରେ ପ୍ରଥମ । ଏହି ଐତିହାସିକ ଗସ୍ତ ଭାରତ ଏବଂ ଘାନା ମଧ୍ୟରେ ସହଭାଗୀତାକୁ ଆହୁରି ନିବିଡ଼ କରିବ ଏବଂ ଆଫ୍ରିକା ଏବଂ ଗ୍ଲୋବାଲ୍ ସାଉଥ୍ ପାର୍ଟନର୍ସଙ୍କ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିବ ।

# କ୍ୱାଡ୍ ସମ୍ମିଳନୀ : ପହଲଗାମ ଆକ୍ରମଣକୁ ନିନ୍ଦା

ୱାଶିଂଟନ : ଆମେରିକାରେ ଅନୁଷ୍ଠିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀ ସମ୍ମିଳନୀରେ ଭାରତକୁ ଏକ ବଡ଼ କୂଟନୈତିକ ସଫଳତା ମିଳିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛି ଏହି ଚତୁର୍ଦ୍ଦେଶୀୟ ସଂଗଠନ ।

ୱାଶିଂଟନରେ ଅନୁଷ୍ଠିତ ବୈଠକ ପରେ ଜାରି ହୋଇଥିବା ଏକ ମିଳିତ ବିବୃତିରେ କ୍ୱାଡ୍ ଦେଶମାନେ କହିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣର ପ୍ରାୟୋଜକ, ଆକ୍ରମଣକାରୀ ଏବଂ ଆର୍ଥିକ ସହାୟତାକାରୀଙ୍କୁ ଯଥାଶୀଘ୍ର ଆଇନର କାଠଗଡ଼ାକୁ ଅଣାଯାଉ । ୱାଶିଂଟନରେ ଅନୁଷ୍ଠିତ ବୈଠକ ପରେ ଜାରି ହୋଇଥିବା ଏକ ମିଳିତ ବିବୃତିରେ କ୍ୱାଡ୍ ଦେଶମାନେ କହିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣର ପ୍ରାୟୋଜକ, ଆକ୍ରମଣକାରୀ ଏବଂ ଆର୍ଥିକ ସହାୟତାକାରୀଙ୍କୁ ଯଥାଶୀଘ୍ର ଆଇନର କାଠଗଡ଼ାକୁ ଅଣାଯାଉ । କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନେ ସୀମାପାର ଆତଙ୍କବାଦ ସମେତ ସମସ୍ତ ପ୍ରକାରର ହିଂସା ଏବଂ ଉଗ୍ରବାଦର ମଧ୍ୟ ବିରୋଧ କରିଥିଲେ । ବୈଦେଶିକ ମନ୍ତ୍ରୀମାନେ ଦୋହରାଇଥିଲେ ଯେ କ୍ୱାଡ୍ ଯେକୌଣସି ପ୍ରକାରର ଆତଙ୍କବାଦ ବିରୁଦ୍ଧରେ ଛିଡ଼ା ହୋଇଛି ଏବଂ ସମସ୍ତ ଦେଶ ବିଶ୍ୱ ଶାନ୍ତି ପାଇଁ ଏକାଠି କାମ କରିବା ଉଚିତ । ଭାରତ ଏହି ଅନ୍ତର୍ଜାତୀୟ ସମର୍ଥନକୁ ସ୍ୱାଗତ କରିଛି ଏବଂ ଏହା ଆତଙ୍କବାଦ ବିରୁଦ୍ଧରେ ଏହାର ନୀତିକୁ ସୁଦୃଢ଼ କରିବ ବୋଲି ବର୍ଣ୍ଣନା କରିଛି । ସୂଚନାଯୋଗ୍ୟ ଯେ କ୍ୱାଡ୍'



ଆମେରିକା, ଭାରତ, ଅଷ୍ଟ୍ରେଲିଆ ଓ ଜାପାନକୁ ନେଇ ଗଠିତ । ଏହାର ଉଦ୍ଦେଶ୍ୟ ହେଉଛି ଭାରତ-ପ୍ରଶାନ୍ତ-ମହାସାଗରୀୟ ଅଞ୍ଚଳରେ ଚୀନର ଆକ୍ରମଣାତ୍ମକ ଆଚରଣକୁ ଅଙ୍କୁଶ ଦେଇ ନିରାପତ୍ତା ସୁନିଶ୍ଚିତ କରିବା । ୱାଶିଂଟନରେ ଅନୁଷ୍ଠିତ ଏହି ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଯୋଗ ଦେଇଛନ୍ତି ।

# ହିମାଚଳରେ ବର୍ଷା ବିପ୍ଳାତ



ସିମଲା: ପ୍ରବଳ ବର୍ଷା ପରେ ବେହାଲ ହୋଇଛି ହିମାଚଳ ପ୍ରଦେଶର ମଣ୍ଡି ପ୍ରକୃତିର କରାଳ ରୂପ ଆଗରେ ମୁଣ୍ଡ ନୁଆଁଇ ଦେଇଥିବା ମଣ୍ଡିରେ ଏବେ ଉଦ୍ଧାର କାମ ଜୋରଦାର ଚାଲିଛି । ବର୍ଷା ଓ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଉଦ୍ଧାର ପାଇଁ ଅପରେସନ ଚାଲିଥିବା ବେଳେ ଏବେ ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି । ହେଲିକପ୍ଟର ଯୋଗେ ରିଲିଫ ସାମଗ୍ରୀ ସହ ଖାଦ୍ୟ ଏବଂ ଔଷଧ ବଣ୍ଟନ ପାଇଁ ସେରାଜ ଭ୍ୟାଲିରେ ହେଲିକପ୍ଟର ଆସି ପହଞ୍ଚିଛି ।

ସେପଟେ ଏସଡିଆରଏଫ୍ ଟିମ୍ ମଣ୍ଡିର ସେରାଜ ଭ୍ୟାଲିରେ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ପହଞ୍ଚିଛନ୍ତି । ବର୍ଷା ଏବଂ ଭୂସ୍ଖଳନ ପରେ ରାସ୍ତା ସବୁ ବନ୍ଦ ହୋଇ ପଡିଥିବା ବେଳେ ରାସ୍ତାରେ ପଡିଥିବା ଗଛ ସଫା କରି ପ୍ରଭାବିତ ଅଞ୍ଚଳକୁ ଯାଇଛନ୍ତି ଏସଡିଆରଏଫ୍ ଟିମ୍ ।ଯେଉଁଠି ସେମାନେ ପ୍ରଭାବିତ ଲୋକଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଔଷଧ ବଣ୍ଟନ କରିବେ । ତେବେ ମଙ୍ଗଳବାର ବାଦଲ ଫଟା ବର୍ଷା, ତତଜନିତ ବନ୍ୟା ଏବଂ ଭୂସ୍ଖଳନରେ ଥରହର ହୋଇଛି ମଣ୍ଡି । ପ୍ରକୃତିର ତାଣ୍ଡବ ପରେ ଜନଜୀବନ ବେହାଲ ହୋଇଥିବା ବେଳେ ଏଯାଏଁ ମଣ୍ଡିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି ଏବଂ ୩୪ ଜଣ ନିଖୋଜ ଅଛନ୍ତି ।

# ଶେଖ ହସିନାଙ୍କୁ ୬ ମାସ ଜେଲ୍

ଢାକା: ଆଇନ ଅବମାନନା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ୬ ମାସର ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି । ଜଷ୍ଟିସ୍ ମହମ୍ମଦ ଗୁଲାମ ମୁର୍ତଜା ମଜୁମଦାରଙ୍କ ଅଧକ୍ଷତାରେ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ-୧ରେ ବୁଧବାର ତିନି ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଜାରି କରିଛନ୍ତିଛ ପ୍ରଥମଥର ପାଇଁ କୌଣସି ମାମଲାରେ ଶେଖ ହସିନାଙ୍କୁ ଜେଲ ଦଣ୍ଡ ହୋଇଛି । ହସିନାଙ୍କ ବିରୋଧରେ ଦୁର୍ନୀତି ଠାରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ ସଂଗୀନ



ଅଭିଯୋଗ ରହିଛି । ବାଂଲାଦେଶରେ ଶେଖ୍ ହାସିନାଙ୍କ ବିରୋଧରେ ଅନେକ ମାମଲାରେ ଏବେ ବିଚାର ଚାଲିଛି । ଶେଖ୍ ହାସିନା ୨୦୨୪ରେ ଭାରତରେ ପହଞ୍ଚିଥିଲେ । ସେହିଦିନ ଠାରୁ ସେ ନୂଆଦିଲ୍ଲୀରେ ଅଛନ୍ତି । ତେବେ ୟୁନୁସ୍ ସରକାର ହାସିନାଙ୍କୁ ଫେରାଇ ଆଣିବା ପାଇଁ ଭାରତକୁ ବାରମ୍ବାର ଅନୁରୋଧ କରିଛନ୍ତ । ଏନେଇ କିନ୍ତୁ ଭାରତ ସରକାରଙ୍କ ପକ୍ଷରୁ ଏଯାବତ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନାହିଁ ।

ଶେଖ ହନିନାଙ୍କ ବିରୋଧରେ ଆଇନ ଅବମାନନା ମାମଲା ଗତବର୍ଷ ଅକ୍ଟୋବର ମାସରେ ରୁଜୁ ହୋଇଥିଲା । ଯାହାକି ଲିକ ହୋଇଥିବା ଏକ ଫୋନକଲ ସହିତ ଜଡ଼ିତ ଥିଲା । ଲିକ ହୋଇଥିବା ଅଡିଓ ହସିନାଙ୍କର ବୋଲି କୁହାଯାଉଥିଲା ।

# ଗାଜାରେ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି

ୱାସିଂଟନ : ଭାରତ-ପାକିସ୍ତାନ, ଇରାନ-ଇସ୍ରାଏଲ ପରେ ପୁଣି ଏକ ଅସ୍ତ୍ରବିରତି ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି ଯେ ଇସ୍ରାଏଲ ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଛି ।ଟ୍ରମ୍ପ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ ତାଙ୍କ ପ୍ରତିନିଧିମାନେ ଗାଜା-ଇସ୍ରାଏଲ ପ୍ରସଙ୍ଗରେ ଇସ୍ରାଏଲୀ ନେତାମାନଙ୍କ ସହିତ ଏକ ଲମ୍ବା ଏବଂ ଫଳପ୍ରଦ ବୈଠକ କରିଛନ୍ତି । ବୈଠକରେ ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ତେବେ ଏଥିପାଇଁ କେତେକ ସର୍ତ୍ତ ରଖାଯାଇଛି ।ଟ୍ରମ୍ପ ଏହି ପ୍ରସଙ୍ଗରେ ହମାସକୁ ମଧ୍ୟ ଚେତାବନୀ ଦେଇଛନ୍ତି । ପରିସ୍ଥିତି ଆହୁରି ଖରାପ ହେବା ପୂର୍ବରୁ ସେ ହମାସକୁ ଏହି ଚୁକ୍ତିନାମା ଗ୍ରହଣ କରିବାକୁ କହିଛନ୍ତି ।ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଯୁଦ୍ଧବିରତି ସମୟରେ ଆମେ ଯୁଦ୍ଧ ସମାପ୍ତ କରିବା ପାଇଁ ସମସ୍ତ ପକ୍ଷଙ୍କ ସହିତ କାମ କରିବୁ । ଶାନ୍ତି ଆଣିବା ପାଇଁ ବହୁତ କଠିନ ପରିଶ୍ରମ କରିଥିବା କାତାର ଏବଂ ଇଜିପ୍ଟର ନେତାମାନେ ଏହି ଅସ୍ତ୍ରବିରତି ଉପରେ ଏକ ଚୂଡ଼ାନ୍ତ ପ୍ରସ୍ତାବ ଉପସ୍ଥାପନ କରିବେ । ମୁଁ ଆଶା କରୁଛି ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ବିକାଶ ପାଇଁ ହମାସ ଏହି ଚୁକ୍ତିନାମାକୁ ଗ୍ରହଣ କରିବ, ଯଦି ହମାସ ଏପରି ନ କରେ, ତେବେ ଏହା ଭଲ ହେବ ନାହିଁ ବରଂ ପରିସ୍ଥିତି ଆହୁରି ଖରାପ ହେବ ।

# ପ.ବଂଗ ହିଂସା : ଜଣେ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ:ଜଣେ ନାବାଳିକାକୁ ବଳାତ୍କାର କରିବା ସହିତ ଜଡିତ ଏକ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାର ବିଚାର ସମାପ୍ତ ହୋଇଛି, ଯାହା ଫଳରେ ପଶ୍ଚିମବଙ୍ଗରେ ସିବିଆଇ ଦ୍ୱାରା ତଦନ୍ତ କରାଯାଇଥିବା ଭୋଟ ପରବର୍ତ୍ତୀ ହିଂସା ମାମଲାରେ ପ୍ରଥମ ଦୋଷୀ ସାବ୍ୟସ୍ତ ହୋଇଛି । ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ତୁରନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଭୟଙ୍କର ହିଂସା ଦେଖାଦେଇଥିଲା ଏବଂ ହତ୍ୟା, ବଳାତ୍କାର ଏବଂ ବଳାତ୍କାର ଉଦ୍ୟମ ଭଳି ଅନେକ ମାମଲା ରିପୋର୍ଟ ହୋଇଥିଲା ।ଯାହା ଫଳରେ କଲିକତା ହାଇକୋର୍ଟରେ ଅନେକ ରିଟ୍ ପିଟିସନ୍ ଦାୟର ହୋଇଥିଲା । ଏହି ହିଂସାତ୍ମକ କାର୍ଯ୍ୟଗୁଡ଼ିକର ତଦନ୍ତ ମାନବାଧିକାର କମିଶନ ମଧ୍ୟ କରିଥିଲେ ।ଅଦାଲତରେ ଦିଆଯାଇଥିବା ସତ୍ୟପାଠ ଏବଂ ମାନବାଧିକାର କମିଶନଙ୍କ ରିପୋର୍ଟ ଉପରେ ଆଧାର କର କଲିକତା ହାଇକୋର୍ଟର ଏକ ପାଞ୍ଚ ଜଣିଆ ଖଣ୍ଡପୀଠ୧୯.୦୮.୨୦୨୧ ତାରିଖର ତାଙ୍କ ଆଦେଶ ଅନୁଯାୟୀ, ହତ୍ୟା ଏବଂ ମହିଳା ବିରୋଧୀ ଅପରାଧ, ବିଶେଷକରି ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ମାମଲାଗୁଡ଼ିକୁ ତଦନ୍ତ ପାଇଁ ସିବିଆଇକୁ ପଠାଯିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମମତାଙ୍କୁ ବିଜେପିର ସମାଲୋଚନା

କୋଲକାତା : ଦୀଘା ରଥଯାତ୍ରାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚପଲ ପିନ୍ଧି ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟାଣିଥିଲେ। ଏହାକୁ ନେଇ ଜଗନ୍ନାଥ ପ୍ରେମିକ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ନେତା ଅମିତ ମାଲବିୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ତୀବ୍ର ସମାଲୋଚନା କରିଛନ୍ତି। ହିନ୍ଦୁ ଧର୍ମକୁ ଯଦି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଶ୍ୱାସ କରୁନାହାଁନ୍ତି ତେବେ ହୁଏତ ଏହା ତାଙ୍କର ବ୍ୟକ୍ତିଗତ ପସନ୍ଦ ହୋଇଥାଇପାରେ। କିନ୍ତୁ ସେ କୋଟି କୋଟି ହିନ୍ଦୁଙ୍କ ଭାବାବେଗକୁ ଅପମାନିତ କରିବା ଅଧିକାର ତାଙ୍କର ନାହିଁ। ଜୋତା



ପିନ୍ଧି ମମତା ରଥ ଟାଣୁଥିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବିଜେପି ନେତା ବିଶ୍ୱଦ୍‌ଦାର କରିଛନ୍ତି।

# ୨୬ ହଜାର ଫୁଟ ତଳକୁ ଖସିଲା ବିମାନ

## ଭୟରେ ଯାତ୍ରୀ କଲେ ଏମିତି କାମ

ସାଙ୍ଘାଇ:ଭୂପୃଷ୍ଠରୁ ଅନେକ ହଜାର ଫୁଟ ଉପରେ ଦ୍ରୁତଗତିରେ ଆଗକୁ ବଢୁଥିଲା ଜାପାନ ଏୟାର ଲାଇନ୍ସ ଫ୍ଲାଇଟ ଜେଏଲ୮୬୯୬ । ଚାଇନାର ସଙ୍ଘାଇରୁ ଏହା ଉଡ଼ାଣ ଭରିଥିବା ବେଳେ ଜାପାନର ଟୋକିଓ ଯିବାର ଥିଲା । ଯାତ୍ରୀମାନେ ଏହି ବୋଇଂ ୭୩୭ରେ ବେଶ ହସଖୁସିରେ ଉଡ଼ାଣ ଭରୁଥିଲେ ।କିନ୍ତୁ ହଠାତ ଘଟିଥିଲା ଅଘଟଣ ।ଯାତ୍ରୀବାହୀ ବିମାନଟି ସିଧା ୨୬ ହଜାର ଫୁଟ ତଳକୁ ଖସି ଯାଇଥିଲା । ଏହାକୁ ଦେଖି ଯାର୍ତୀମାନେ ପୂରା ଭୟରେ ଥରିବା ଆରମ୍ଭ କରିଥିଲେ । ସେମାନେ ବାଧ ହୋଇ ଅକ୍ସିଜେନ ମାସ୍କ ବିମାନ ମଧ୍ୟରେ ପିନ୍ଧି ବଞ୍ଚିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା



କରିଥିଲେ ।ବିମାନଟି ଦ୍ରୁତଗତିରେ ତଳକୁ ଖସୁଥିବାରୁ ଏହା କ୍ରାଶ କରିଯିବାର ଆଶଙ୍କା ଥିବା ଯାତ୍ରୀମାନେ ଅନୁଭବ କରିଥିଲେ । ଯାତ୍ରା ବେଳେ ବିମାନରେ ଶୋଇ ପଡ଼ିଥିବା କିଛି ଯାତ୍ରୀ ହଠାତ୍ ଝଟକା ପରେ ଉଠି ଯାଇଥିଲେ । ସେହିପରି ଆଉ କିଛି ଯାତ୍ରୀ ନିଜର ପ୍ରିୟଜନ ମାନଙ୍କୁ ବ୍ୟକ୍ତିଗତ ତଥ୍ୟ ଯଥା ବ୍ୟାଙ୍କ ପିନ ଓ ବୀମା ସଂକ୍ରାନ୍ତ ସୂଚନା ମଧ୍ୟ ପଠାଇବା ଆରମ୍ଭ କରିଥିଲେଛ ପୂରା ବିମାନ ଭିତରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା ।ବିମାନଟି ଜୁନ ୩୦ରେ ସଙ୍ଘାଇ ପୁଡୋଙ୍ଗ ଏୟାରପୋର୍ଟରୁ ଉଡ଼ାଣ ଭରିଥିଲା । ଏହା ଟୋକିଓ ନାରିତା ଏୟାର ପୋର୍ଟରେ ଅବତରଣ କରିଥାଆନ୍ତା । ବିମାନରେ ୧୯୧ ଜଣ ଯାତ୍ରୀ ରହିଥିଲେ । ତେବେ ସ୍ଥାନୀୟ ସମୟ ସନ୍ଧ୍ୟା ୫ଟା୩୦ରେ ବିମାନଟି ମଝି ଆକାଶରେ ମେକାନିକାଲ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଏହି ସମୟରେ ବିମାନଟି ୩୬ ହଜାର ଫୁଟ ଉପରେ ରହିଥିଲା । କିନ୍ତୁ ୧୦ ମିନିଟ ଭିତରେ ଏହା ୧୦,୫୦୦ ଫୁଟ ତଳକୁ ଖସି ଆସିଥିଲା ।

ଦୁର୍ଘଟଣା ଆଶଙ୍କାରେ ସତର୍କ ସୂଚନା ଜାରି କରାଯିବା ସହ ପାଇଲଟ ଏମର୍ଜେନ୍ସି ଘୋଷଣା କରିଥିଲେ । ଶେଷରେ ବିମାନର ଦିଗକୁ ଓସାକା ସ୍ଥିତ କନସାଇ ଅନ୍ତର୍ଜାତୀୟ ଏୟାର ପୋର୍ଟ ବଦଳା ଯାଇଥିଲା ।

କ୍ୟାବିନ ପ୍ରେସର ହ୍ରାସ ପାଉଥିବାରୁ ଅମ୍ଳଜାନ ମାସ୍କ ମଧ୍ୟ ଯାତ୍ରୀମାନଙ୍କୁ ଉପଲବ୍ଧ କରାଯାଇଥିଲା । ବିମାନ ଆଟେଡାଣ୍ଟ ଜରୁରୀ ସୂଚନା ଦେଉଥିବା ବେଳେ ଭୟରେ ଥରୁଥିବା ଲୋକମାନେ ଅମ୍ଳଜାନ ମାସ୍କ ପିନ୍ଧୁଥିବାରୁ ଭିଡିଓ ଓ ଫଟୋ ସାମ୍ନାକୁ ଆସିଛି । ଏତେ ସବୁ ଆତଙ୍କ ପରେ ବିମାନଟି ରାତି ୮.୫୦ ସମୟରେ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଛ । ଏହି ଘଟଣାରେ କେହି ବି ଆହତ ହୋଇ ନାହାନ୍ତି । ସମୟ ପୂର୍ବରୁ ପାଇଲଟ ବିମାନକୁ ଅବତରଣ କରିବାକୁ ସକ୍ଷମ ହେବାରୁ ଗୋଟିଏ ବଡ଼ ଦୁର୍ଘଟଣା ଟଳି ଯାଇଛି ।

# ଜୀବନ ହାରିଲେ ପରିବାରର ୪ ସଦସ୍ୟ

ବାରମେର:ପୂରା ପରିବାର ଘର ପାଖରେ ଥିବା ପାଣି ଟାଙ୍କିକୁ ଡେଇଁ ପଡ଼ି ଜୀବନ ହାରିଛନ୍ତି । ରାଜସ୍ଥାନର ବାରମେରରୁ ଏପରି ଘଟଣା ସାମ୍ନାକୁ ଆସିଛି । ପାଣିକୁ ଡେଇଁ ପଡ଼ିବାରୁ ପରିବାରର ୪ ଜଣଙ୍କ ମୃତ୍ୟୁ ହୋଇଛି ।ମୃତକମାନେ ହେଲେ ୩୫ ବର୍ଷୀୟ ଶିବଲାଲ ମେଘୱାଲ, ତାଙ୍କ ୩୨ ବର୍ଷୀୟ ପତ୍ନୀ କବିତା ଓ ସେମାନଙ୍କର ଦୁଇ ପୁଅ ବଜରଙ୍ଗ(୯) ଓ ରାମଦେବ(୮) । ସମସ୍ତଙ୍କ ମୃତଦେହକୁ ଘର ଠାରୁ ୨୦ ମିଟର ଦୂରରେ ଥିବା ପାଣି ଟାଙ୍କି ମଧ୍ୟରୁ ଉଦ୍ଧାର କରାଯାଇଛି । ପୁଲିସ ମୃତଦେହଗୁଡ଼ିକୁ ଜବତ କରି ଘଟଣାର କାରଣ ଖୋଜିବା ଆରମ୍ଭ କରିଛି ।ପୁଲିସସୂତ୍ର କହିବା କଥା ଯେ ପୂରା ଘଟଣା ମଙ୍ଗଳବାର ସଂଧ୍ୟାରେ ଘଟିଥିଲା । ବୁଧବାର ସକାଳ ସମ୍ପର୍କୀୟଙ୍କ ଉପସ୍ଥିତିରେ ମୃତଦେହକୁ ପାଣି ଟାଙ୍କି ମଧ୍ୟରୁ ବାହାର କରାଯାଇଛି । ଡିଏସ୍ପି ମନରାମ ଗର୍ଗ କହିଛନ୍ତି ଯେ ଶିବଲାଲଙ୍କ ସାନ ଭାଇ ତାଙ୍କୁ ଫୋନ କରି କୌଣସି ଉତ୍ତର ନ ପାଇବାରୁ ଜଣେ ପଡ଼ୋଶୀଙ୍କୁ ଖବର ନେବାକୁ କହିଥିଲେ । ପଡ଼ୋଶୀ ମଧ୍ୟ ମେଘୱାଲ ପରିବାର ସମ୍ପର୍କରେ ସୂଚନା ନ ପାଇବାରୁ ସ୍ଥାନୀୟ ପୁଲିସ୍ ପାଖରେ ଖବର ପହଞ୍ଚିଥିଲା । ଶିବଲାଲଙ୍କ ଘରୁ ଗୋଟିଏ ହାତ ଲେଖା ଚିଠି ପୁଲିସ ଜବତ କରିଛି ।ଏଥିରେ ଶିବଲାଲଙ୍କ ହାତ ଲେଖା ରହିଛି । ଏହା ଜୁନ ୨୯ ତାରିଖରେ ଲେଖାଯାଇଥିଲା । ପୂରା ପରିବାର ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବା ପାଇଁ ୩ ଜଣଙ୍କୁ ଦାୟୀ କରିଛନ୍ତି । ଏହି ୩ ଜଣଙ୍କ ମଧ୍ୟ ଶିବଲାଲଙ୍କ ସାନ ଭାଇଙ୍କ ନାଁ ମଧ୍ୟ ରହିଛି । ପରିବାର ମଧ୍ୟରେ ଦୀର୍ଘ ବର୍ଷର ବିବାଦ ଓ ସମ୍ପତ୍ତି ଭାଗ ବଣ୍ଟାର ତିକ୍ତତା ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି । ଚିଠିରେ ଶିବଲାଲ ସମସ୍ତଙ୍କ ଅନ୍ତିମ ସଂସ୍କାର ଏକାଠି ସେମାନଙ୍କ ଘର ସାମ୍ନାରେ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତ ।

କବିତାଙ୍କ ଦାଦାଙ୍କ କହିବା କଥା ଯେ ଶିବପାଲ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଣ୍ଠିରେ ଗୋଟିଏ ସ୍ୱତନ୍ତ୍ର ଘର ତିଆରି କରିବାକୁ ଚାହୁଁଥିଲେ । କିନ୍ତୁ ଘର ତିଆରିକୁ ତାଙ୍କ ମା' ଓ ସାନ ଭାଇ ବିରୋଧ କରିବା ସହ ଜାଗା ଛାଡୁ ନଥିଲେ । ଉଭୟଙ୍କ ନାଁ ଅଭିଯୁକ୍ତ ଭାବେ ସୁଇସାଇଡ ନୋଟରେ ଶିବଲାଲ ଉଲ୍ଲେଖ କରିଛନ୍ତି । ସେମାନେ ତାଙ୍କୁ ବାରମ୍ବାର ହଇରାଣ କରିବାରୁ ଶିବଲାଲ ଜୁନ ୨୯ରେ ବାଧ ହୋଇ ସୁଇସାଇଡ ନୋଟ ଲେଖିଥିଲେ । ଘଟଣା ଦିନ ପରିବାରର ସଦସ୍ୟମାନେ ଘରେ ନଥିଲେ ।

# ନୂଆ ଦଲାଇଲାମା ଚୟନରେ ଅନୁମୋଦନ ଆବଶ୍ୟକ : ଚୀନ



ବେଜିଂ : ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ଭାରତରେ ଥିବା ପ୍ରବାସୀ ତିବ୍ବତୀୟ ସରକାର ଓ ଚୀନ । ତିବ୍ବତୀୟ ପରମ୍ପରା ଅନୁସାରେ ହିଁ ନୂଆ ଦଲାଇଲାମା ଚୟନ ହେବ ବୋଲି ବର୍ତ୍ତମାନର ଦଲାଇଲାମାଙ୍କ ଘୋଷଣା ପରେ କ୍ଷୁବଧ ହୋଇଛି ଚୀନ । ନୂଆ ଦଲଇଲାମା ଚୟନରେ ଚୀନ ସରକାରଙ୍କ ମଞ୍ଜୁରୀ ଜରୁରୀ ବୋଲି ଚୀନ କହିଛି । ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା ଗୋଲଡେନ ଅର୍ନ ଲଟେରି ଅନୁସାରେ କରାଯିବ ଓ ଏଥିରେ ଚୀନର କେନ୍ଦ୍ରୀୟ ସରକାରଙ୍କ ମଂଜୁରୀ ମଧ୍ୟ ଆବଶ୍ୟକ ।ଆଜି ଦଲାଇଲାମାଙ୍କ ପକ୍ଷରୁ ଏକ ବୟାନ ଜରି କରି କୁହାଯାଇଥିଲା ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ । ନୂଆ ଦଲାଇ ଲାମା ଚୟନ ପାଇଁ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ଦାୟିତ୍ୱ ପ୍ରଦାନ କରିଛନ୍ତି ।ସେ ମଧ୍ୟ ଏହା ସ୍ପଷ୍ଟ କରିଛନ୍ତି ଯେ ତିବ୍ବତୀୟ ଲୋକମାନଙ୍କ ଦ୍ୱାରା ନୂଆ ଦଲାଇଲାମାଙ୍କ ଚୟନ ହେବ । ଏଥିରେ ଚୀନର କୌଣସି ଭୂମିକା ରହିବ ନାହିଁ । ବର୍ତ୍ତମାନର ଦଲାଇଲାମା ଅର୍ଥାତ୍ ୧୪ତମ ଦଲାଇଲାମାଙ୍କ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଓ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ ।

# ଆମେରିକାରେ ରଥଯାତ୍ରା

ୱାଶିଂଟନ : ପ୍ଲାନୋ, ଟେକ୍ସାସ୍ ଉତ୍ତର ଟେକ୍ସାସରେ ବସବାସ କରୁଥିବା ଓଡ଼ିଆ ସମୁଦାୟ ଜୁନ ୨୮ରେ ପ୍ଲାନୋର ଶ୍ରୀ ରଘୁନାଥ ମନ୍ଦିରରେ ବାର୍ଷିକ ରଥଯାତ୍ରା ପାଳନ କରିଥିଲେ । ପ୍ରବଳ ଉତ୍ସାହ ଓ ଆଧ୍ୟାତ୍ମିକ ଉଦ୍ଦୀପନା ମଧ୍ୟରେ ପାଳିତ ଏହି ରଥଯାତ୍ରାରେ ପାଖ ଆଖ ଅଞ୍ଚଳରେ ରହୁଥିବା ହଜାର ହଜାର ଲୋକେ ସାମିଲ ହୋଇଥିଲେ । ଏହା ଡାଲାସ୍ ଅଞ୍ଚଳର ଜଗନ୍ନାଥ ସଂସ୍କୃତିର ଅଭିବୃଦ୍ଧିରେ ଏକ ମହତ୍ତ୍ୱ ପୂର୍ଣ୍ଣ ପଦକ୍ଷେପ।

ଏହି ରଥଯାତ୍ରାରେ ୩୬ ଫୁଟ ଉଚ୍ଚ କାଠରେ ତିଆରି ହୋଇଥିବା ରଥଟି ଶ୍ରୀଜଗନ୍ନାଥଙ୍କ ଦିବ୍ୟ ରଥର ସଦୃଶ ରୂପ ଭାବେ ଭକ୍ତମାନଙ୍କ ଆନ୍ତରିକ ଭକ୍ତିକୁ ଦୃଢ଼ୀଭୂତ ସହ ଉତ୍ସାହିତ କରିଥିଲା। ଏହି ଉତ୍ସବ ନୂତନ ପିଢ଼ୀଙ୍କୁ ତାଙ୍କର ମୂଳ ସଂସ୍କୃତି ସହିତ ସଂଯୁକ୍ତ କରାଇଥିଲା । ଅନ୍ୟ ସମ୍ପ୍ରଦାୟଙ୍କୁ ମଧ୍ୟ ରଥଯାତ୍ରାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସହିତ ପରିଚିତ କରାଇଥିଲା ।

କାଳିଆ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ମା ଶୁଭଦ୍ରାଙ୍କୁ ରଥ ଉପରେ ଅଣାଯାଉଥିବା ସମୟରେ ସମଗ୍ର ପରିବେଶ ଦିବ୍ୟ ଶକ୍ତିରେ ପ୍ରଭାବିତ ହୋଇଥିଲା। କାଳିଆଙ୍କ ଦିବ୍ୟ ରୂପ ଦର୍ଶନ କରି ଭକ୍ତମାନେ ଅଭିଭୂତ ହୋଇଥିଲେ। ରଥ ଟାଣିବା ପ୍ରାରମ୍ଭ ହେବା ସହିତ ଘଣ୍ଟ, ଶଂଖ ଓ ହୁଳହୁଳି ଶବ୍ଦରେ ଆକାଶ ଗୁଞ୍ଜିଉଠିଥିଲା। ସମସ୍ତଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ଓ ପବିତ୍ର ଅନୁଭୂତି ସୃଷ୍ଟି କରିଥିଲା। ଯାତ୍ରା ପରେ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା । ମହାପ୍ରସାଦର ସ୍ୱାଦ ପବିତ୍ର ଏବଂ ଅତ୍ୟନ୍ତ ଆନନ୍ଦଦାୟକ ଥିଲା। ଭକ୍ତମାନେ ଆଦର ଓ ଭକ୍ତି ସହିତ ମହାପ୍ରସାଦ ଗ୍ରହଣ କରିଥିଲେ। ପ୍ଲାନୋ, ଫ୍ରିସ୍କୋ, ମେକିନି ଓ



ଚାରିପାଖର ଅଞ୍ଚଳରୁ ୨ହଜାରରୁ ଅଧିକ ଭକ୍ତମାନେ ଏହି ଦିବ୍ୟ ଉତ୍ସବରେ ଯୋଗ ଦେଇଥିଲେ ।ଯେଉଁଥିରେ ଏକତା, ଭକ୍ତି ଓ ସଂସ୍କୃତିର ଅଦ୍ଭୁତ ମିଶ୍ରଣ ଦେଖିବାକୁ ମିଳିଥିଲା। ସେବକମାନେ ଓ ଆୟୋଜକ ହରିହର ପାତ୍ରଙ୍କ ଉତ୍ସର୍ଗ ଚେଷ୍ଟା ଦ୍ୱାରା ରଥଯାତ୍ରା ଆୟୋଜକ ସଂସ୍ଥା ପକ୍ଷରୁ ସଫଳ ଭାବରେ ସମ୍ପନ୍ନ କରାଯାଇଥିଲା। ସେମାନେ ପ୍ରତ୍ୟେକ ତଥ୍ୟକୁ ପ୍ରେମ ଓ ଭକ୍ତି ସହିତ ଦେଖାଶୁଣା କରିଥିଲେ। ବାହୁଡାଯାତ୍ରା ଆସନ୍ତା ୬ ଜୁଲାଇରେ ଉଦ୍ୟାପିତ ହେବ, ଯାହା ଏହି ଉତ୍ସାହଜନକ ଉତ୍ସବ ଦ୍ୱାରା ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ଯାତ୍ରା ଓ ସାମୂଦାୟିକ ଏକତାକୁ ଅଗ୍ରଗତିରେ ସାହାଯ୍ୟ କରିବ।

# ବର୍ମିଂହାମ୍‌ରେ ଟିମ୍ ଇଣ୍ଡିଆ ହଟହଟ୍ଟା

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ଭାରତ -ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ବର୍ମିଂହାମ୍‌ରେ ଭାରତୀୟ ଦଳ ହଟହଟ୍ଟା ହୋଇଛି । ଯାହା ଖେଳାଳିଙ୍କ ସହିତ ପ୍ରଶଂସକଙ୍କର ଉତ୍ତେଜନାକୁ ବଢାଇଥିଲା । ବର୍ମିଂହାମ୍‌ରେ ଭାରତୀୟ ଦଳ ରହୁଥିବା ହୋଟେଲରୁ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଥିଲା । ହୋଟେଲ୍‌ରେ ତାଲା ବି ପକାଯାଇଥିଲା । କାରଣ ସହରର ସେଣ୍ଟେନାରୀ ସ୍କୋୟାରରେ ସନ୍ଦେହ ଜନକ ପ୍ୟାକେଟ୍ ମିଳିଥିଲା । ଏମିତି ଘଟିବା ପରେ ବର୍ମିଂହାମ୍ ସିଟି ସେଣ୍ଟର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିଲା ।

ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟାରେ ବର୍ମିଂହାମ୍ ସିଟି ସେଣ୍ଟର ପୋଲିସ ସେଣ୍ଟେନାରୀ ସ୍କୋୟାରରେ ଏକ ସନ୍ଦେହ ଜନକ ପ୍ୟାକେଟ୍ ପଡିଥିବା ସୂଚନା ପାଇଥିଲା । ଏହାପରେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିବା ସହ ଆଖପାଖ ଅଞ୍ଚଳରେ ସୁରକ୍ଷା ଘେରାବନ୍ଦୀ କରିଥିଲା । ପୋଲିସ ପକ୍ଷରୁ ଟୁଇଟରରେ ଏକ ପୋଷ୍ଟ କରାଯାଇଥିଲା । ଆମେ ବର୍ମିଂହାମ୍ ସିଟି ସେଣ୍ଟର ସେଣ୍ଟେନାରୀ ସ୍କୋୟାର ଚାରିପାଖ ଅଞ୍ଚଳକୁ ଘେରାବନ୍ଦି କରିଛୁ । ସତର୍କତା ମୂଳକଭାବେ ଏହାର ତଦନ୍ତ ଚାଲିଥିବା ସମୟରେ ଅନେକ କୋଠା ଖାଲି କରିଦିଆଯାଇଛି । ଦୟାକରି ସେ ଅଞ୍ଚଳକୁ ନଯିବାପାଇଁ ଅନୁରୋଧ କରାଯାଇଥିଲା । ଏହି ଘଟଣା ପରେ ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କୁ ହୋଟେଲ୍ ଛାଡିଯିବାକୁ ବାରଣ କରାଯାଇଥିଲା । ବିସିସିଆଇର ଏକ ସୂତ୍ରରୁ ସୂଚନା ମିଳିଛି ବର୍ମିଂହାମ୍ ସିଟି ସେଣ୍ଟର ପୋଲିସ ଟୁଇଟର ଜରିଆରେ ଖେଳାଳିଙ୍କୁ ବାହାରକୁ ନଯିବା ପାଇଁ ପରାମର୍ଶ ଦେଇଥିଲା ।ତଥାପି ପୋଲିସ ଏକ ଘଣ୍ଟା ପରେ ସୁରକ୍ଷା ବଳୟ ହଟାଇ ଦେଇଥିଲା । ଭାରତୀୟ କ୍ରିକେଟ୍‌ର ମାନେ ସାଧାରଣତଃ ହୋଟେଲ ନିକଟବର୍ତ୍ତୀ ଅଞ୍ଚରେ ବୁଲନ୍ତି । ଏହି କାରଣରୁ ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ଏହି କାରଣରୁ ଖେଳାଳିଙ୍କୁ ବିଶେଷ ସତର୍କତା ନେବାକୁ ପରାମର୍ଶ ଦିଆଯାଇଥିଲା ।

# ୟୁଏଇରେ ଖେଳାଯିବ ଏସିଆ କପ୍!

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ଏସିଆ କପ୍ କ୍ରିକେଟ୍ ସପ୍ଟେମ୍ବର ୫ ରୁ ୟୁଏଇରେ ଖେଳାଯିବାର ସମ୍ଭାବନା ଅଛି । ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟରେ ଏହାର ଫାଇନାଲ୍ ସେପ୍ଟେମ୍ବର ୨୧ ରେ ଖେଳାଯିବ । ଗ୍ରୁପ୍ ପର୍ଯ୍ୟାୟ ଓ ସୁପର ୪ ଫର୍ମାଟ ବିଚାରକୁ ନେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଥର ମୁକାବିଲା ହେବ । ସେପ୍ଟେମ୍ବର ୭ରେ ପ୍ରଥମ ମ୍ୟାଚ୍ ଏବଂ ଦୁଇ ଦଳ ସୁପର ୪ କୁ ଗଲେ ଆଉ ଏକ ମୁକାବିଲା ଖେଳାଯିବ । ୧୭ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ହେବାକୁ ଥିବା ବେଳେ ୬ ଟି ଦଳ ଅଂଶ ଗ୍ରହଣ କରିବେ । ଏଥର ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବ । ୨୦୨୭ ରେ ପାକିସ୍ତାନ ଏସିଆ କପ୍‌ର ଦିନିକିଆ ଫର୍ମାଟ ଆୟୋଜନ କରିବ । ୨୦୨୯ ରେ ବାଂଲାଦେଶ ଓ ୨୦୩୧ ଶ୍ରୀଲଙ୍କାରେ ଏସିଆ କପ୍ ଆୟୋଜନ ହେବ । ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ ଖୁବ୍‌ଶୀଘ୍ର ଟୁର୍ଣ୍ଣାମେଣ୍ଟ ତାରିଖ ବିଧିବଦ୍ଧ ଭାବେ ଘୋଷଣା କରିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଭାରତ ଏହାର ଆୟୋଜକ ଥିବାରୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ହାଇବ୍ରିଡ୍ ମଡେଲ୍‌ରେ ନିରପେକ୍ଷ ଭେନ୍ୟୁରେ ଖେଳିବ । ୟୁଏଇରେ ସମସ୍ତ ମ୍ୟାଚ୍ ଖେଳିବା ପାଇଁ ବିସିସିଆଇ ଯୋଜନା କରିଥିବା ରିପୋର୍ଟରେ ଲେଖାଯାଇଛି ।

## ବର୍ମିଂହାମ୍ ଟେଷ୍ଟ

# ଗିଲ୍‌ଙ୍କ ଶତକ, ଭାରତ ୩୧୦/୫




ଏଜ୍‌ବଷ୍ଟନ, ୦୨।୭ (ଏଜେନ୍ସି) : ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ବର୍ମିଂହାମ୍‌ର ଏଜବଷ୍ଟନରେ ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚ୍ ଜିତି ୧-୦ରେ ଶୃଙ୍ଖଳା ଆଗୁଆ ଥିବା ଇଂଲଣ୍ଡ ବର୍ମିଂହାମ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟି ପାଇଁ ଆମନ୍ତ୍ରଣ କରିଥିଲା । ଭାରତୀୟ ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଶୁଭମନ୍ ଗିଲ୍‌ଙ୍କ ଶତକ ବଳରେ ୮୫ ଓଭରରେ ୫ ୱିକେଟ୍ ହରାଇ ୩୧୦ ରନ୍ କରିଛି । ଗିଲ୍ ୧୧୪ ଓ ରବିନ୍ଦ୍ର ଜାଡେଜା ୪୧ ରନ୍ କରି ଅପରାଜିତ ଅଛନ୍ତି ।

ବର୍ମିଂହାମ୍‌ର ବ୍ୟାଟିଂ ଫ୍ରେଣ୍ଡଲି ୱିକେଟ୍‌ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତିଥିଲେ । ପ୍ରଥମ ମ୍ୟାଚ୍ ଭଳି ସେ ଭାରତକୁ ପ୍ରଥମ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଷ୍ଟୋକ୍ସଙ୍କ ଏହି ଆକଳନ ଆରମ୍ଭରୁ ଉଚିତ୍ ସାବ୍ୟସ୍ତ ହୋଇଥିଲା । ଏପରିକି ୮.୪ ଓଭରରେ ଦଳୀୟ ସ୍କୋର ୧୫ ରନ୍ ବେଳେ ଓପନର୍ ଲୋକଶେ ରାହୁଲ ୨ ରନ୍ କରି ଓକ୍ସଙ୍କ ଶିକାର ହୋଇଥିଲେ । ଏହାପରେ କରୁଣ ନାଏରଙ୍କ ସହ ଯଶସ୍ୱୀ ଜୟସ୍ୱାଲ୍ ପାଳି ସମ୍ଭାଳି ଥିଲେ । ନାଏର ୫୦ ବଲରୁ ୫ଟ ଚୌକା ସହ ୩୧ ରନ୍ କରିଥିବା ବେଳେ କାରସିଂଙ୍କ ଶିକାର ହୋଇଥିଲେ । ସେତେବେଳେ ଭାରତୀୟ ସ୍କୋର ୨୩.୩ ଓଭରରେ ୯୫ ରନ୍ ହୋଇଥିଲା । ଜୟସ୍ୱାଲ୍ ୫୯ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ । ଏହି ଇନିଂସ୍‌ରେ ସେ ୧୦ଟି ଚୌକା ମାରିଥିଲେ । ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଭାରତ ୯୮ ରନ୍‌ରେ ୨ ୱିକେଟ୍ ହରାଇଥିଲା । ୨୫.୩ ଓଭରରେ ଭାରତର ସ୍କୋର ୧୦୦ ରନ୍ ପୂରଣ ହୋଇଥିଲା । ୪୨.୨ ଓଭରରେ ୧୫୦ ରନ୍ ଏବଂ ଚା ପାନ ବିରତି ବେଳକୁ ଭାରତ ୫୩ ଓଭରରେ ୩ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା । ଶୁଭମନ୍ ଗିଲ୍ ସବୁଠୁ ଧୀମା ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୧୨୫ ବଲରୁ ୫ ଟି ଚୌକା ସହାୟତାରେ ୫୦ ରନ୍ କରିଥିଲେ । ଭାରତର ୨୦୦ ରନ୍ ୫୮.୧ ଓଭରରେ ପୂରଣ ହୋଇଥିଲା । ଏହି ମ୍ୟାଚ୍‌ରେ ସମସ୍ତଙ୍କ ୱିକେଟ୍ ରକ୍ଷକ ରିଷଭ ପନ୍ତଙ୍କ ଉପରେ ଥିଲା । କାରଣ ଲିଡ୍ସ ଟେଷ୍ଟର ଦୁଇଟି ଯାକ ଇନିଂସ୍‌ରେ ପନ୍ତ ଶତକ ହାସଲ କରିଥିଲେ । ଏହି ମ୍ୟାଚ୍ ଭାରତ ପାଇଁ ଅଧିକ ମହତ୍ତ୍ୱ ବହନ କରୁଥିବାରୁ ପନ୍ତ ଭଲ ଖେଳିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ୪୨ ବଲର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏଁ ଚୌକା ଓ ଛକା ସହାୟତାରେ ୨୫ ରନ୍ କରି ଶୋଏବ ବଶିରଙ୍କ ବୋଲରେ ଲଙ୍ଗନ୍ ଅଞ୍ଚରେ କ୍ୟାଚ୍ ଆଉଟ୍ ହୋଇଥିଲେ । ତାଙ୍କର ଏହି ବେପରୁଆ ପ୍ରଦର୍ଶନ ଯୋଗୁଁ ଭାରତ ଚାପକୁ ଚାଲିଯାଇଥିଲା । ତାଙ୍କ ପରେ ନୀତିଶ କୁମାର ରେଡ୍ଡି ମଧ ବଲକୁ ଲିପ୍ଟ କରିବା ଚକରରେ ଓକ୍ସଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ । ପାଖାପାଖି ୨ ୱିକେଟ୍ ପତନ ଯୋଗୁଁ ଭାରତ ୮୧.୪ ଓଭରରେ ୨୧୧ ରନ୍‌ରେ ୫ ୱିକେଟ୍ ହରାଇ ଶଙ୍କଟକୁ ଚାଲିଯାଇଥିଲା । ଅଧିନାୟକ ଶୁଭମନ୍ ଗିଲ୍ ୨୧୬ ବଲ୍‌ରୁ ୧୨ଟି ଚୌକା ସହ ୧୧୪ ରନ୍ କରି ଅପରାଜିତ ଅଛନ୍ତି । ରବିନ୍ଦ୍ର ଜାଡେଜା ୬୭ ବଲ୍‌ର ସମ୍ମୁଖୀନ ହୋଇ ୫ଟି ଚୌକା ସହାୟତାରେ ୪୧ ରନ୍ କରିଛନ୍ତି । ଏକଦା ୨୦୮ ରୁ ୨୧୧ ମଧ୍ୟରେ କ୍ରମାଗତ ୨ ୱିକେଟ୍ ହରାଇଥିବା ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି ଶୁଭମନ୍ ଗିଲ୍ ଓ ରବିନ୍ଦ୍ର ଜାଡେଜା ।

ଇଂଲଣ୍ଡର ବୋଲିଂ ପ୍ରଶଂସନୀୟ ଥିଲା । କ୍ରିସ୍ ୱକ୍ସ ୧୮ ଓଭର ବୋଲିଂ କରି ୫୧ ରନ୍ ବ୍ୟୟ କରି ୨ ୱିକେଟ୍ ନେଇଥିବା ବେଳେ ବ୍ରେଡନ୍ କାର୍ସେ , ବେନ୍ ଷ୍ଟୋକ୍ସ ଓ ଶୋଏବ ବଶିରଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା ।



## ୱିମ୍ବଲଡନ୍ ବିପର୍ଯ୍ୟୟ

# କୋକୋ ଗଫ, ଯେସିକା, ଭିଭି ପ୍ରଥମ ରାଉଣ୍ଡରୁ ବିଦା

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନରେ ବଡ ଧରଣ ବିପର୍ଯ୍ୟୟ ଘଟିଛି । ପ୍ରଥମ ରାଉଣ୍ଡରେ କୋକୋଗଫ, ଯେସିକା ପେଗୁଲା ଓ ଆଲେକଜାଣ୍ଡାର ଭିରଭଙ୍କ ଭଳି ଦକ୍ଷ ଖେଳାଳି ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି । ଏମାନଙ୍କ ବ୍ୟତିତ କୁଇନ୍‌ୱିନ୍ ଝେଙ୍ଗ୍, ଲୋରେଞ୍ଜୋ ମୁସେଟି, ହୋଲଗାର ରୁନି, ଡାନିଲ୍ ମେଡଭେଡେଭ, ପଲ୍, ବାଡୋସା ପ୍ରମୁଖ ଶ୍ରେଷ୍ଠ ୧୦ରେ ଥିବା ସିଡେଡ ଖେଳାଳିମାନେ ଏହି ଗ୍ରାସକୋଟ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡ ହର୍ଡଲ୍ସ ଅତିକ୍ରମ କରିପାରିନାହାଁନ୍ତି । ପ୍ରତିଯୋଗିତାର ପ୍ରଥମ ଦୁଇଦିନ ମଧ୍ୟରେ ୮ ଜଣ ଟପ୍ ସିଟ୍ ଖେଳାଳି ବିଫଳ ହୋଇଛନ୍ତି । ମୋଟ ଉପରେ ୨୩ ଜଣ ଅର୍ଥାତ୍ ୧୩ ଜଣ ପୁରୁଷ ଓ ୧୦ ଜଣ ମହିଳା ସିଡେଡ୍ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିପାରିନାହାଁନ୍ତି । ଫ୍ରେଞ୍ଚ ଓପନ୍ ଚାମ୍ପିଅନ୍ କୋକୋଗଫ ଏବଂ ଉପବିଜେତା ପେଗୁଲା ଉଭୟ ପ୍ରଥମ ରାଉଣ୍ଡରୁ ହିଁ ଅଭିଯାନ ଶେଷ କରିଛନ୍ତି । ତେଣୁ ଏଥର ୱିମ୍ବଲଡନରେ ନୂଆ ଚାମ୍ପିଅନ୍ ମିଳିବାର ଆଶା ବଢିଯାଇଛି । ୨୦୦୪ ଅଷ୍ଟ୍ରେଲିଆନ୍ ଓପନରେ ମଧ ଏପରି ବିପର୍ଯ୍ୟୟ ଘଟିଥିଲା । ଟପ୍ ସିଡେଡ୍ ଖେଳାଳିମାନେ ପ୍ରଥମ ରାଉଣ୍ଡରୁ ହିଁ ପରାଜୟର ସମ୍ମୁଖୀନ ହୋଇଥିଲେ ।

ବିଶ୍ୱର ୨ ନମ୍ବର ଖେଳାଳି କୋକୋ ଗଫ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ୬-୭, ୧-୬ ସେଟ୍‌ରେ ଡାୟାନା ୟାଷ୍ଟ୍ରିମସ୍କାଙ୍କ ନିକଟରୁ ପରାଜିତ ହୋଇଥିଲେ । ପେଗୁଲା ୬-୨, ୬-୩ ସେଟ୍‌ରେ ଏଲିଜା ବେଥ୍ କୋକିଆର୍ଟୋଙ୍କ ନିକଟରୁ ହାରିଯାଇଥିଲେ । ଭିରଭ ୭-୬, ୬-୭, ୬-୩, ୬-୭, ୬-୪ ସେଟ୍‌ରେ ରିନଣ୍ଡର କିଞ୍ଜଙ୍କଠାରୁ ୪ ଘଣ୍ଟା ୪୦ ମିନିଟ୍‌ର ସଂଘର୍ଷ କରି ପରାଜିତ ହୋଇଥିଲେ । ପେଟରେ ଯନ୍ତ୍ରଣା କାରଣରୁ ନୋଭାକେ ଜୋକୋଭିକ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ଶେଷରେ ଜୋକୋଭିକ ୬-୧, ୬-୭, ୬-୨ ସେଟ୍‌ରେ ଆଲେକଜାଣ୍ଡାର ମୁଲରଙ୍କୁ ପରାଜିତ କରି ଏକ ନାଟକୀୟ ବିଜୟ ହାସଲ କରିଥିଲେ । ଦୁଇଥର ୱିମ୍ବଲଡନ୍ ଚାମ୍ପିଅନ୍ ପେଟ୍ରୋଭିଟ୍ରଭା ଅଲ୍ ଇଂଲଣ୍ଡ କ୍ଲବରେ ନିଜର ଶେଷ ମ୍ୟାଚ୍ ଖେଳିଛନ୍ତି । ସେ ୩-୬, ୧-୬ ସେଟ୍‌ରେ ଇମା ନାଭାରଙ୍କ ନିକଟରୁ ପରାଜିତ ହୋଇଥିଲେ ।



# ମାଙ୍କ ସହ କ୍ରିକେଟ ଖେଳୁଛନ୍ତି ଶ୍ରେୟସ ଆୟର

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ଇଣ୍ଡିଆର ଖେଳାଳି ଶ୍ରେୟସ ଆୟର ଏବଂ ତାଙ୍କ ମାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରଲ ହେଉଛି । ଯେଉଁଥିରେ ତାଙ୍କ ମାଙ୍କ ସହ ସେ କ୍ରିକେଟ ଖେଳୁଥିବା ଦେଖିବାକୁ ମିଳିଛି । ଆୟରଙ୍କୁ ଆଉଟ୍ କରିବା ପରେ ତାଙ୍କ ମାଆ ଖୁସି ଅନୁଭବ କରୁଛନ୍ତି । ଯାହା ତାଙ୍କ ପ୍ରଶଂସକମାନଙ୍କୁ ଖୁବ୍ ପସନ୍ଦ ଆସିଛି । ଯାହାର ଭିଡିଓକୁ ପଞ୍ଜାବ କିଙ୍ଗ୍ସ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର କରିଛି । ଏହା ସହିତ କ୍ୟାପସନରେ ଲେଖିଛନ୍ତି ଯେ, କେବଳ ଏଥର ସରପଞ୍ଚ ବୋଲ୍ଡ ହେବା ପାଇଁ ଖରାପ ଅନୁଭବ କରି ନଥିବେ । ଏପରି ଭିଡିଓ ଦେଖିବା ପରେ ପ୍ରଶଂସକମାନେ ଅନେକ ପ୍ରତିକ୍ରିୟା ରଖିଛନ୍ତି । ଏହା ସହିତ ସେମାନଙ୍କୁ ମଜାକିଆ ଶୈଳୀରେ ପ୍ରଶଂସା କରିବା ସହ ହାର୍ଟ ଇମୋଜିକୁ ସେୟାର କରିଛନ୍ତି ।


ଅନ୍ୟପଟେ ଭାରତୀୟ ଦଳ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଛି । ଶ୍ରେୟସ ଆୟର ଏହି ସିରିଜ୍ ପାଇଁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇନାହାଁନ୍ତି । ଏହାରି ମଧ୍ୟରେ ସେ ଏବେ ଘରେ ତାଙ୍କ ପରିବାର ସହିତ ସମୟ ବିତାଉଛନ୍ତି । ଆୟରଙ୍କୁ ପୂର୍ବରୁ ଆଇପିଏଲ୍ ୨୦୨୫ ରେ ଖେଳୁଥିବାର ଦେଖାଯାଇଥିଲା, ଯେଉଁଠାରେ ସେ ପଞ୍ଜାବ କିଙ୍ଗସର ଅଧିନାୟକ ଥିଲେ । ତାଙ୍କ ଅଧିନାୟକତ୍ୱରେ, ପଞ୍ଜାବ କିଙ୍ଗସ ଦଳ ଆଇପିଏଲ୍ ୨୦୨୫ ର ଫାଇନାଲରେ ପହଞ୍ଚିବାରେ ସଫଳ ହୋଇଥିଲା । କିନ୍ତୁ ଟାଇଟଲ୍ ଯୁଦ୍ଧରେ ସେମାନଙ୍କୁ ଆର୍‌ସିବି ନିକଟରୁ ପରାଜୟର ସାମ୍ନା କରିବାକୁ ପଡିଥିଲା ।



# 'ଦ ୱାନ ଜରିଆରେ ଧାୱନ ବଖାଣିଲେ ମନର କୋହ

ନୂଆଦିଲ୍ଲୀ,୦୨/୦୭ (ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଓପନର ଶିଖର ଧାୱନ ଲେଖିଛନ୍ତି ଆତ୍ମଜୀବନୀ । ଯାହାର ନାମ ରଖିଛନ୍ତି 'ଦ ୱାନଦ । ପୁସ୍ତକ ଛପା ସରିଛି । ଧାୱନ ନିଜେ ଇନ୍‌ଷ୍ଟାଗ୍ରାମରେ ଏହାର ଉନ୍ମୋଚନ କରିଛନ୍ତି ଏକ ସଟ୍ ଭିଡିଓ ମାଧ୍ୟମରେ ।

ଧାୱନ କହିଛନ୍ତି, 'ଜୀବନର ସବୁ ମ୍ୟାଚ୍ ପିଚରେ ଖେଳାଯାଏ ନାହିଁ । ଲୋକମାନେ ମୋର କରଭ ଡ୍ରାଇଭ, ସେଲିବ୍ରେସନ ଓ ହସ ବି ଦେଖିଛନ୍ତି । କିନ୍ତୁ ଯେଉଁ କାହାଣୀ ମୋ ଭିତରେ ଲୁଚି ହୋଇଥିଲା ତାହା ଏବେ କହିବାର ଅଛି । ମୁଁ ଏକ ମଣିଷ, କ୍ରିକେଟ୍ ପିଚ ହିଁ ମୋତେ ପରିଚୟ ଦେଇଥିଲା ।




ଏହି ବହିରେ କେବଳ ମୋ କାହାଣୀ ନାହିଁ, ପ୍ରତ୍ୟେକ ମଣିଷର କାହାଣୀ ଯିଏ ସ୍ୱପ୍ନ ଦେଖେ, ନିଜେ ଉପରକୁ ଉଠେ । 'ଦ ୱାନଦ ହେଉଛି ମୁଁ । ଧାୱନ କ୍ୟାରିୟରରେ ୩୪ଟି ଟେଷ୍ଟ ଖେଳି ୨୩୧୫ ରନ୍, ୧୬୭ଟି ଦିନିକିଆ ଖେଳି ୬୭୯୩ ରନ୍ ଏବଂ ୬୮ଟି ଟି-ଟ୍ୱେଣ୍ଟି ଖେଳି ୧୭୫୯ ରନ୍ କରିଥିଲେ । ଟେଷ୍ଟରେ ୭ ଓ ଦିନିକିଆରେ ୧୭ଟି ଶତକ ସାମିଲ ରହିଛି ।

# ଜେଏମ ସ୍ପୋର୍ଟସ ଏକାଡେମୀରେ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ

ଭୁବନେଶ୍ୱର, ୦୨।୭ (ସବ୍ୟୁ) : ସ୍ଥିତ ଜେଏମ ସ୍ପୋର୍ଟସ ଏକାଡେମୀରେ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପ୍ରଥମ ଆଲମ୍ପିଆନ ଖେଳାଳୀ ଅନୁରାଧା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ମିଶ୍ର (ପୂର୍ବତନ ଜିଲ୍ଲାପାଳ, ବୌଦ୍ଧ ଓ ପୂର୍ବତନ କ୍ରୀଡା ନିର୍ଦ୍ଦେଶକ କିଟ୍) ଅକ୍ଷୟ ମିଶ୍ର , ଅତିଶ କୁମାର ରାଉତ (ସିନେ ପ୍ରୋଜକ) ଓ ଦୀପକ ତ୍ରିପାଠୀ (ନିର୍ଦ୍ଦେଶକ କୁସୁମ ଟିଭି) ଯୋଗଦାନ କରିଥିଲେ । ଅତିଥିମାନେ କ୍ରୀଡାକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । ଛୋଟ ଛୋଟ ପିଲାମାନଙ୍କୁ କିପରି ଉନ୍ନତ ଧରଣର ଶିକ୍ଷା ଦିଆଯାଇ ପାରିବ ସେ ବିଷୟରେ ଆଲୋଚନା କରିଥଲେ । ଏଥିରେ କ୍ରୀଡା ସାମ୍ବାଦିକ ମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ କ୍ରୀଡା ସାମ୍ବାଦିକ ମାନଙ୍କର ଭୂମିକା କ୍ରୀଡାର ଅଗ୍ରଗତିର ମୁଖ୍ୟ ଆଧାର ବୋଲି କହିଥିଲେ ଏବଂ ସମସ୍ତଙ୍କର ସହଯୋଗ କାମନା କରିଥଲେ ।ଏକାଡେମୀ ତରଫରୁ କ୍ରୀଡା ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା । ସୂର୍ଯ୍ୟ ପ୍ରସାଦ ରଥ, ନିରଞ୍ଜନ ରେଡ୍ଡୀ (ବରିଷ୍ଠ କ୍ରିଡ଼ା ସାମ୍ବାଦିକ, ଓଟିଭି), କୁସୁମ ମଞ୍ଜରୀ ଦାସ (ଏମ. ଡି କୁସୁମ ଟିଭି), ଅନାଦି କର (ଧରିତ୍ରୀ) ଙ୍କୁ ସମ୍ମାନିତ କରାଯାଇଥିଲା । ଏକାଡେମୀର ପିଲାମାନେ (ଦିବ୍ୟାଞ୍ଜଳି ମହନ୍ତ, ଯସରାଜ ମହାନ୍ତି, ଦିବ୍ୟାଂଶ ପାଣିଗ୍ରାହୀ, ତନ୍ମୟ ପାଢ଼ୀ) ଜିମ୍ନାଷ୍ଟିକ ପ୍ରଦର୍ଶନ କରିଥିଲେ । ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥଲେ । ଏକାଡେମୀର ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଓସ୍‌ଜାର ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ : ଖବର ପ୍ରକାଶନରେ ସ୍ୱଚ୍ଛତା ଲାଗି ଆହ୍ୱାନ

ଭୁବନେଶ୍ୱର, ୦୨।୭ (ସବ୍ୟୁ) : କ୍ରୀଡା ସମ୍ବାଦ ପରିବେଶଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କ୍ରୀଡା ଏପରି ଏକ ବିଷୟ ଯେଉଁଥିବଲେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି । ତେଣୁ କ୍ରୀଡା ଖବର ପରିବେଷଣ ସମୟରେ ସଚେତନ ଓ ସ୍ୱଚ୍ଛତା ଦିଗକୁ ଧାନ ଦେବା ପାଇଁ ଅତିଥି ଓ ବରିଷ୍ଠ କ୍ରୀଡା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି । ଓଡିଶା କ୍ରୀଡା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଉତ୍କଳ କରାଟ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳ ରତ୍ନ ପୁରସ୍କାର ବିଜେତା ତଥା ପାରାଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ର ରସନାରା ପରବିନ୍, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡା ସାମ୍ବାଦିକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । କ୍ରୀଡା ସାମ୍ବାଦିକଙ୍କ ଯୋଗୁଁ ଜଣେ କ୍ରୀଡାବିତ୍ ଲୋକଲୋଚନକୁ ଆସିଥାଏ । କ୍ରୀଡାବିତ୍‌ଙ୍କ ସଫଳତା ପଛରେ କୋଚ୍, ପରିବାର, ସଂଗଠନ, ସରକାରଙ୍କ ଯେତିକି ହାତ ରହିଛି କ୍ରୀଡା ସାମ୍ବାଦିକଙ୍କ ସମର୍ଥନ ମଧ୍ୟ ସମ ପରିମାଣର ରହିଛି । ଅନ୍ୟତମ ସମ୍ମାନିତ ଅତିଥି ଡ. ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡିଶାରେ କ୍ରୀଡାନୀତି ପ୍ରଣୟନ ଓ କ୍ରୀଡାନୀତିକୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ । ପ୍ରଥମ ଥର ପାଇଁ ସ୍ପୋର୍ଟ ଫେଡେରେସନ୍ ଅଫ ଇଣ୍ଡିଆ ଓସ୍‌ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଓସ୍‌ଜା ପକ୍ଷରୁ ସ୍ମରଣୀକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଢୀ, ପୂର୍ବତନ ସଭାପତି କେ. ରବି ସାମ୍ବାଦିକ ମାନଙ୍କୁ ଉଚ୍ଚକୋଟିର ସମ୍ବାଦ ପରିବେଶଷ କରିବାକୁ ଆହ୍ୱାନ କରିଥିଲେ । ଉତ୍ସବରେ ବିଶିଷ୍ଟ କ୍ରୀଡାବିତ୍ ଅନୁପମା ସ୍ୱାଇଁ, ଓସ୍‌ଜାର ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁସଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ।




## ବିଶ୍ୱ ବକ୍ସିଂ କପ୍

# ପଦକ ନିଶ୍ଚିତ କଲେ ମିନାକ୍ଷୀ, ପୂଜା

ଆସ୍ତାନା, ୦୨।୭ (ଏଜେନ୍ସି) : କାଜାଖସ୍ଥାନର ଆସ୍ତାନାରେ ଚାଲିଥିବା ବିଶ୍ୱବକ୍ସିଂ କପ୍‌ର ତୃତୀୟ ଦିନ ଦୁଇ ଭାରତୀୟ ମିନାକ୍ଷୀ ଏବଂ ପୂଜାରାଣୀ ପଦକ ନିଶ୍ଚିତ କରିଛନ୍ତି । କ୍ୱାର୍ଟର ଫାଇନାଲ୍ ବାଉଟ୍‌ରେ ଦୁହେଁ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲ୍‌ରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି । ଅର୍ଥାତ୍ ଉଭୟ ପ୍ରତିଯୋଗୀ ସେମିଫାଇନାଲ୍‌ରେ ପରାଜିତ ହେଲେ ଅତିକମ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିବେ । ମିନାକ୍ଷୀ କ୍ୱାର୍ଟର ଲଢେଇରେ ଚାଇନିଜ୍ ତାଇପେୟୀର ଗୌ-ୟି ଜୁଆନ୍‌ଙ୍କୁ ୫-୦ ବ୍ୟବଧାନରେ ଧରାସାୟୀ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେହିଭଳି ପୂଜାରାଣୀ ୮୦ କିଲୋଗ୍ରାମ ଓଜନ ବର୍ଗରେ କାଜାଖସ୍ତାନର ଗୁଲସାୟା ୟେରଝାନ୍‌କୁ ୪ ୱିକେଟ୍ ଧାରାରେ ପରାଜିତ କରିଥିଲେ । ପୂର୍ବରୁ ଅନାମିକା ୫୧ କିଲୋଗ୍ରାମ୍ ବର୍ଗର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଥିଲେ । ପୁରୁଷ ବର୍ଗରେ ଯଦୁମଣି ସିଂ ଫିଲିପାଇନ୍ସର ଜୟ ବ୍ରିଆନ୍ ବାରିକୁଟ୍ରୋଙ୍କଠାରୁ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି । ତେଣୁ ତୃତୀୟ ଦିନ ଦୁଇଟି ପଦକ ନିଶ୍ଚିତ ହେବା ସହ ଭାରତୀୟ ବକ୍ସିଂ ଜଗତରେ ଖୁସିର ଲହରୀ ଖେଳିଯାଇଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଲୋକ ବାକି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେଇ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ପେଇ ପେମେଣ୍ଟ କରି ଦେଇ ରସିଦ୍‌କୁ ବିଜ୍ଞାପନ ସହ / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି